# ସଂଚାର

THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sanchardisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 192 | ଭାଗ ୩୨ | ସଂଖ୍ୟା ୧୯୨

Bhubaneswar | Tuesday 01 October 2024 | Page 8 Rs. 4.00

ଭୁବନେଶ୍ୱର | ମଙ୍ଗଳବାର ୧ ଅକ୍ଟୋବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




ପୃଷ୍ଠା ୬ ତିନିଶହ ୱିକେଟ୍ କ୍ଲବରେ ରବିନ୍ଦ୍ର ଜାଡେଜା

# ଭିନେ ହୋଇଥିବା ପୁଅ ବି ପାଇବ ପିଏମ୍ ଆବାସ


## ହିତାଧିକାରୀ ଚିହ୍ନଟରେ ତ୍ରୁଟି ହେଲେ ଅଫିସର ଦାୟୀ

ଭୁବନେଶ୍ୱର, ୩୦।୯ (ସଂଚାର ବ୍ୟୁରୋ): ବାପାଙ୍କଠାରୁ ଭିନେ ହୋଇ ଅଲଗା ପରିବାର କରିଥିବା ବ୍ୟକ୍ତିଙ୍କୁ ବି ମିଳିବ ଆବାସ ଯୋଜନାରେ ଘର। ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନେଇ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ ସୋମବାର କହିଛନ୍ତି, ପୂର୍ବ ସରକାରରେ ବଞ୍ଚିତ ହୋଇଥିବା ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ୬ ମାସ ଭିତରେ କାର୍ଯ୍ୟାଦେଶ ଦିଆଯିବ। ଏହି ପ୍ରକ୍ରିୟାରେ ୨୦ ରୁ ୨୨ ଲକ୍ଷ ପର୍ଯ୍ୟନ୍ତ ହିତାଧିକାରୀଙ୍କୁ ମିଳିବ ଘର।

ହିତାଧିକାରୀ ଚିହ୍ନଟରେ ତ୍ରୁଟି ରହିଲେ ସଂପୃକ୍ତ ସରକାରୀ ଅଧିକାରୀଙ୍କ ଉପରେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ। ଚତୁର୍ଥ ପର୍ଯ୍ୟାୟରେ ଆସୁଥିବା ପକ୍କା ଘର କ୍ଷେତ୍ରରେ କିଛି ପରିବର୍ତ୍ତନ କରିଛନ୍ତି ସରକାର। ଏବେ ବାପାଙ୍କ ଠାରୁ ଅଲଗା ହୋଇଥିବା ବ୍ୟକ୍ତିଙ୍କୁ ମିଳିବା ପକ୍କା ଘର । ଏଥିରେ ହିତାଧିକାରୀଙ୍କୁ ଚୟନ କରିବା ପାଇଁ ସରକାର ୧୦ଟି କ୍ରାଇଟେରିଆ କରିଛନ୍ତି। ଏହି ପ୍ରକ୍ରିୟା ପାଇଁ ୬ ମାସ ସମୟ ଲାଗିବ । ବିଗତ ସରକାରରେ ଅନେକ ଯୋଗ୍ୟ ହିତାଧିକାରୀ ଘର ପାଇବାରୁ ବଞ୍ଚିତ ପୃଷ୍ଠା-୬

# ବାରୁଦ ଗଦାରେ ବିଜେଡି: ମୌନ ମୁଦ୍ରାରେ ନବୀନ

> ବିଜେଡିର ଜଣକ ପରେ ଜଣେ ନେତା ଏବେ ଥାନା ମୁହାଁ । ଭୁବନେଶ୍ୱର ବିଜେଡି କଳି ଥାନାରେ ସମାଧାନ ହୋଇନଥିବାବେଳେ ଭଦ୍ରକର ମୁକ୍ତିକାନ୍ତ ମଣ୍ଡଳ ଏବେ ଶଙ୍ଖଭବନରେ ଅପମାନିତ ହୋଇ ଥାନାକୁ ବାହାରିଲେଣି । ବିଜେଡି ନେତାଙ୍କ ଏଭଳି ଆଚରଣ ଏବେ ନିଆଁ ଝୁଲ ହୋଇ ଉଡିଲାଣି। ଏହି ନିଆଁ ଝୁଲ ଆଗାମୀ ଦିନରେ ବିଜେଡି ବାରୁଦ ଗଦାରେ ବିସ୍ଫୋରଣ କରିବ ।



## ଶଙ୍ଖ ଭବନ ପାଲଟିଲାଣି ଯୁଦ୍ଧକ୍ଷେତ୍ର

ଭୁବନେଶ୍ୱର, ୩୦।୯ (ସଂଚାର ବ୍ୟୁରୋ): ବିଜୁ ଜନତାଦଳରେ ଏବେ ବିସ୍ଫୋରଣ ଅବସ୍ଥା । ଦଳ ଏକ ପ୍ରକାର ବାରୁଦ ଗଦା ଉପରେ । କେତେବେଳେ ଏଥିରେ ନିଆଁ ଲାଗିଯିବ ତାହା କହିବା ମୁସ୍କିଲ । ନେତାଙ୍କ ମନ ଭିତରେ କୁହୁଳୁଥିବା ଅସନ୍ତୋଷର ନିଆଁ ଶଙ୍ଖଭବନ ଭିତରେ ଓ ବାହାରେ ଦେଖିବାକୁ ମିଳିଛି । ଅବସ୍ଥା ଏପରି ହୋଇଛି ଯେ ଦଳ ସଭାପତିଙ୍କୁ କେହି ପୂର୍ବଭଳି ଆଉ ମାନିବାକୁ ନାରାଜ। କଥା ହାତାହାତିରେ ପହଞ୍ଚିଥିବାବେଳେ ନବୀନ ଏକ ପ୍ରକାର ମଉନବ୍ରତରେ ଥିବା ଲକ୍ଷ୍ୟ କରାଯାଉଛି ।

ଶଙ୍ଖଭବନରେ ଏବେ ଚାଲିଛି ଜିଲ୍ଲାୱାରୀ ସମୀକ୍ଷା । ବିଭିନ୍ନ ଜିଲ୍ଲାରୁ ଆସୁଥିବା ପରାଜିତ ଓ ବିଜୟୀ ନେତାମାନେ ଦଳର ସ୍ଥିତି ସଂକ୍ରାନ୍ତରେ ଦଳ ସଭାପତିଙ୍କୁ ଅବଗତ କରୁଛନ୍ତି । ଦଳ ସଭାପତି ବି ଆସି ଶଙ୍ଖଭବନରେ ବସୁଛନ୍ତି। ନାଚଗୀତରେ ଆରମ୍ଭ ହେଉଥିବା ସଭା ହାତାହାତି ଓ ଠେଲାପେଲାରେ ଶେଷ ହେଉଛି। ଜିତିଥିବା ନେତାମାନେ ମାପି ଚୁପି ମନ୍ତବ୍ୟ ରଖୁଥିବାବେଳେ ହାରୁଥିବା ନେତାଙ୍କ ମୁହଁରେ ବାତବତ। ରହୁନାହିଁ। ନିଜ ଭିତରେ ଫୁଟୁଥିବା କୋହକୁ ଓଗାଳି ପକାଉଛନ୍ତି।

ଦିନେ ନବୀନଙ୍କ ଆଗରେ ଛିଡା ହେଉନଥିବା ପୂର୍ବତନ ସାଂସଦ ପ୍ରଦୀପ ମାଝି ନବୀନଙ୍କ ମୁହଁ ଆଗରେ ନିର୍ବାଚନ ହାରିବାର କାରଣ ବଖାଣିବା ସହିତ ସିଧାସଳଖଙ୍କ ଦଳ ସଭାପତିଙ୍କ ନିର୍ବାଚନ ପରିଚାଳନା ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ପୂର୍ବତନ ମନ୍ତ୍ରୀ ବଦ୍ରୀ ପାତ୍ର ବି ବିଷ ଓଗାଳିଛନ୍ତି। ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଡକ୍ଟର ଅରୁଣ ସାହୁ ବି ନୟାଗଡ ଜିଲ୍ଲା ସମୀକ୍ଷାବେଳେ ଭଲକରି ଦୁଇପଦ ଶୁଣାଇ ବିଜେଡିର ଆଜି ଏ ଅବସ୍ଥା କ'ଣ ପାଇଁ ହୋଇଛି ତାହା ବଖାଣିଛନ୍ତି । ଯିଏ ଭୟରେ ବା ଅନ୍ୟକୌଣସି କାରଣରୁ ମୁହଁ ଖୋଲି ନପାରୁଛି ସିଏ ଅନ୍ୟକୁ କହିବାକୁ ଉସ୍କାଉଛି । ତେବେ ସବୁ ସୀମା ଟପିଛି ଭଦ୍ରକ ଜିଲ୍ଲା ସମୀକ୍ଷାବେଳେ। ବାସୁଦେବପୁରର ପରାଜିତ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟ ସର୍ବ ସମ୍ମୁଖରେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କୁ ବଣୁଆଘାସ ବୋଲି କହିବା ସହିତ ଅନ୍ୟାନ୍ୟ ଅପଶବ୍ଦ ବ୍ୟବହାର କରିବାକୁ ପଛାଇ ନାହାନ୍ତି । ଶ୍ରୀ ରାଉତରାୟଙ୍କ ପୃଷ୍ଠା-୬

# ମିଥୁନଙ୍କୁ ଦାଦାସାହେବ



ନୂଆଦିଲ୍ଲୀ, ୩୦।୯: କିମ୍ବଦନ୍ତୀ ଅଭିନେତା ମିଥୁନ ଚକ୍ରବର୍ତ୍ତୀଙ୍କୁ ୨୦୨୨ ବର୍ଷ ପାଇଁ ଦାଦାସାହେବ ଫାଲକେ ପୁରସ୍କାରରେ ସମ୍ମାନିତ

## ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

କରାଯିବ। କେନ୍ଦ୍ର ସୂଚନା ଓ ପ୍ରସାରଣ, ରେଳବାଇ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସରେ ପୃଷ୍ଠା-୬

## କମିଶନରେଟ୍ ପୁଲିସ୍‌ରେ ମହା ଘୋଟାଲା

# ଦୋକାନ ନାହିଁ, ଜିନିଷ କିଣା ହୋଇଛି

> ଖତ ଖାଉଥିବା ଗାଡ଼ିରେ ତେଲ ପଡ଼ିଛି
>
> ମରାମତି ନ ହୋଇ ବିଲ୍ ହୋଇଛି

ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): ଦୋକାନ ନାହିଁ ଜିନିଷ କିଣା ହୋଇଛି। ଗାଡି ଖତ ଖାଉଛି ହେଲେ ସେଥିରେ ତେଲ ପଡିଛି। ଗ୍ୟାରେଜକୁ ଗାଡି ଯାଇନି କିନ୍ତୁ ମରାମତି ହୋଇଛି। ଏଥିପାଇଁ ଲକ୍ଷ ଲକ୍ଷ ଟଙ୍କାର ବିଲ୍ ମଧ୍ୟ କରାଯାଇଛି। ଏମିତି ସାଙ୍ଘାତିକ ଘୋଟାଲା କରିଛି କମିଶନରେଟ୍ ପୁଲିସ୍। ତା'ପୁଣି କରୋନା ସମୟରେ। ଏହି ମହା ଘୋଟାଲା ଦୀର୍ଘ ସାଢ଼େ ୩ ବର୍ଷ ପରେ ପଦାକୁ ଆସିଛି। ହେଲେ ସେ ସବୁ ଚାପି ଦେବାକୁ ଉଦ୍ୟମ କରୁଛନ୍ତି କମିଶନରେଟ୍ ପୁଲିସର ବଡ଼ ବାବୁମାନେ।

୨୦୨୦ ମସିହାରେ କମିଶନରେଟ୍ ପୁଲିସ୍ ପକ୍ଷରୁ ଝାରପଡ଼ା ଜଗନ୍ନାଥ ନଗର ଲେନ-୮ରେ ଥିବା ଏକ୍ସି ଜେନେରାଲ୍ ସପ୍ଲାୟରରୁ ବିଭିନ୍ନ ପର୍ଯ୍ୟାୟରେ ପୁଲିସ୍ ଟେବୁଲ୍ ଓ ଚେୟାର କିଣିଛି। ତା'ପୁଣି ବିନା ଟେଣ୍ଡରରେ। ଏଥିପାଇଁ ୨୦ ଲକ୍ଷରୁ ଅଧିକ ବିଲ୍ ହୋଇଛି। ହେଲେ ଯେଉଁ ଠିକଣାରେ କମିଶନରେଟ୍ ପୁଲିସ୍ ଏ ସବୁ ଜିନିଷ ପତ୍ର କିଣିଛି ବୋଲି ଦାବି କରୁଛି, ସେଠାରେ ଦୀର୍ଘ ବର୍ଷ ହେବ ସେମିତି କୌଣସି ଦୋକାନ ନାହିଁ। ଅନ୍ୟଏକ ଠିକଣା ହେଉଛି ଏମ୍/ଏସ୍ ଶ୍ରୀ ଜଗନ୍ନାଥ ଏଣ୍ଟରପ୍ରାଇଜେସ୍, ପଣ୍ଡା ଭବନ ଜଗନ୍ନାଥ ମଠ ଲେନ୍। ସେଠାରୁ ପୁଲିସ୍ ବିଭିନ୍ନ ପର୍ଯ୍ୟାୟରେ ସୋଫା ସେଟ୍, ଷ୍ଟିଲ୍ ସେଲ୍, କ୍ୟାଟ୍ରିଜ୍, ପେନ୍, ଖାତା, ଡେଟଲ ଲିକ୍ୟୁଇଡ, ଫ୍ଲୋର କ୍ଲିନର, ଏୟାରଟେଲ୍ ଏଚ୍‌ଡି ଡିଟିଏଚ୍ ବକ୍ସ, ଷ୍ଟିଲ୍ ପେନ୍ ଷ୍ଟାଣ୍ଡ, ସାବୁନ, ଜେକେ ପେପର, ଫ୍ୟାକ୍ସ ମେସିନ୍, ମାର୍କର, କମ୍ପ୍ୟୁଟର, ଫିନାଇଲ୍ ଓ ଅନ୍ୟ ବିଭିନ୍ନ ଜିନିଷ କିଣିଛି। ଏଥିପାଇଁ ୪୫ ଲକ୍ଷରୁ ଅଧିକ ଟଙ୍କାର ଜିନିଷ ପତ୍ର କିଣା ଯାଇଛି ବୋଲି ବିଲ୍ରେ ଉଲ୍ଲେଖ ରହିଛି।

ସବୁ ଠାରୁ ବ କଥା ହେଲା ପୁରୁଣା ଭୁବନେଶ୍ୱର ଜଗନ୍ନାଥ ମଠ ଲେନ୍ ପଣ୍ଡା ଭବନରେ ଏମ୍/ଏସ୍ ଶ୍ରୀ ଜଗନ୍ନାଥ ଏଣ୍ଟରପ୍ରାଇଜେସ୍ ନାମକ କୌଣସି ଦୋକାନ ହିଁ ନାହିଁ। ଜଗନ୍ନାଥ ମଠ ଲେନ୍‌ରେ ରହୁଥିବା ଲୋକେ ଏହି ଘଟଣା ଶୁଣି ଚକିତ ହୋଇଛନ୍ତି। ଜଗନ୍ନାଥ ମଠ ଲେନ୍‌ଠାରୁ କିଛି ଦୂରରେ ଶ୍ରୀ ଲିଙ୍ଗରାଜ ଥାନା। ଏନେଇ ପୁଲିସ୍ କହିଛି ଏଠାରେ ଶ୍ରୀ ଜଗନ୍ନାଥ ଏଣ୍ଟରପ୍ରାଇଜେସ୍ ନାମକ କୌଣସି ଦୋକାନ ନାହିଁ। ଏଥିରୁ ସ୍ପଷ୍ଟ ବାରି ହେଉଛି ଯେ ଏମିତି ମିଛ ଜିନିଷ କିଣା ବିଲ୍ କରି ଲକ୍ଷ ଲକ୍ଷ ହଡପ କରିଛନ୍ତି କମିଶନରେଟ୍ ପୁଲିସ୍‌ର କିଛି ଅସାଧୁ ଅଫିସର।

ଖାଲି ଜିନିଷ କିଣା ନୁହେଁ ଗାଡ଼ି ମରାମତି ଓ ତେଲ ପକାରେ ମଧ୍ୟ ସାଙ୍ଘାତିକ କେଳେଙ୍କାରୀ ପୃଷ୍ଠା-୬

# ଦାୟିତ୍ୱ ନେଲେ ଦେବଦତ୍ତ ସିଂହ

## ଲୋକଙ୍କ ପ୍ରତି ସମ୍ବେଦନଶୀଳ ରହିବ ପୋଲିସ



ଭୁବନେଶ୍ୱର, ୩୦।୯ (ସଂଚାର ବ୍ୟୁରୋ): ପାର୍ବଣ ପୂର୍ବରୁ ବଦଳିଲେ ଦ୍ୱୈତ ନଗରୀ ପୋଲିସ କମିଶନର(ସିପି)। ନୂତନ କମିଶନର ଭାବେ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି ସୁରେଶ ଦେବଦତ୍ତ ସିଂହ (୧୯୯୮ ବ୍ୟାଚ୍)। ପୋଲିସ କମିଶନର ଶ୍ରୀ ସିଂହଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ ପରେ ପୂର୍ବତନ କମିଶନର ସଂଜୀବ ପଣ୍ଡାଙ୍କ ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି।

ଦାୟିତ୍ୱ ନେବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଦେବଦତ୍ତ ସିଂହ କହିଛନ୍ତି, ପୋଲିସ ଅପରାଧୀଙ୍କ ପ୍ରତି କଠୋର ଓ ଲୋକଙ୍କ ପ୍ରତି ନରମ ମନୋଭାବ ପୋଷଣ କରିବ। ଥାନାକୁ ଆସୁଥିବା ଲୋକଙ୍କ ପ୍ରତି ସମ୍ବେଦନଶୀଳ ରହିବ। ଆଇନ ପରିସରରେ ରହି ଲୋକଙ୍କୁ ଯଥାସମ୍ଭବ ନ୍ୟାୟ ଦିଆଯିବ। ଲୋକଙ୍କୁ ଅସୁବିଧାରେ ପକାଉଥିବା ତତ୍ତ୍ୱଙ୍କ ପ୍ରତି କଠୋର ହେବୁ ଓ ସାଧାରଣ ଲୋକଙ୍କୁ ସମ୍ବେଦନଶୀଳ ପୋଲିସିଂ ଦେବୁ ବୋଲି ସେ କହିଛନ୍ତି। ସୁରେଶ ଦେବଦତ୍ତ ସିଂହଙ୍କର ଦୀର୍ଘ ବର୍ଷର ଅଭିଜ୍ଞତା ରହିଛି। ମୁଖ୍ୟତଃ ନକ୍ସଲ ଅପରେସନକୁ ସଫଳତାର ସହ ପରିଚାଳନା କରିବାରେ ସେ ପ୍ରମୁଖ ଭୂମିକା ନିର୍ବାହ କରି ସାରିଛନ୍ତି । ଏହାବାଦ ନକ୍ସଲ ଅଧ୍ୟୁଷିତ ଅଞ୍ଚଳରେ ପୃଷ୍ଠା-୬

# ଗ୍ରୀନ୍ ଏନର୍ଜିରେ ଓଡ଼ିଶା ହେବ ଆତ୍ମନିର୍ଭର

## ୪୬୭୧ କୋଟି ନିବେଶକୁ ସିଙ୍ଗଲ୍ ୱିଣ୍ଡୋ ମଞ୍ଜୁରି



ଭୁବନେଶ୍ୱର, ୩୦।୯ (ସଂଚାର ବ୍ୟୁରୋ): ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସପ୍ତମ ସିଙ୍ଗଲ୍ ୱିଣ୍ଡୋ କମିଟି(ଏସ୍.ଡବ୍ଲ୍ୟୁ.ସି)ର ବୈଠକରେ ମୋଟ ୭୪୯.୯ମେଗାୱାଟ୍ ଅକ୍ଷୟଶକ୍ତି ଉତ୍ପାଦନ ପାଇଁ ଆସିଥିବା ୪୬୭୧କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବକୁ ନୀତିଗତ ଅନୁମୋଦନ ପ୍ରାପ୍ତ ହୋଇଅଛି । ସବୁଜଶକ୍ତି ପ୍ରକଳ୍ପ ସ୍ଥାପନ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଏହି ପୁଞ୍ଜିନିବେଶ ପ୍ରଦୂଷଣ ହ୍ରାସ ଲାଗି ରାଜ୍ୟ ସରକାରଙ୍କ ଦୃଢ ପ୍ରତିବଦ୍ଧତାକୁ ଦର୍ଶାଉଅଛି।

ଏହି ସପ୍ତମ ସିଙ୍ଗଲ୍ ୱିଣ୍ଡୋ କମିଟି ଦ୍ୱାରା ଅନୁମୋଦିତ ପ୍ରକଳ୍ପ ଗୁଡିକ ମଧ୍ୟରେ ରହିଛି କଳାହାଣ୍ଡି ଜିଲ୍ଲାରେ ଓ.ଏଚ୍.ପି.ସି ଦ୍ୱାରା ସ୍ଥାପିତ ହେବାକୁ ଥିବା ୬୦୦ ମେଗାୱାଟ କ୍ଷମତା ସଂପନ୍ନ ପମ୍ପଡ୍ ଷ୍ଟୋରେଜ୍ ପ୍ଲାଣ୍ଟ୍ (ପି.ଏସ୍.ପି) ପ୍ରକଳ୍ପ, ଓଏନଜିସି ତ୍ରିପୁରା ପାୱାର୍ କମ୍ପାନୀ ଲିମିଟେଡ୍ (ଓଟିପିସିଏଲ୍) ଦ୍ୱାରା ନବରଙ୍ଗପୁର, ଖୋର୍ଦ୍ଧା ଓ ଜଗତସିଂହପୁର ଜିଲ୍ଲାରେ ସ୍ଥାପିତ ହେବାକୁ ଥିବା ମୋଟ ୧୪୮.୫ ମେଗାୱାଟ୍ କ୍ଷମତା ସଂପନ୍ନ ତିନି ଗୋଟି ପବନ ଶକ୍ତି ପ୍ରକଳ୍ପ ଏବଂ ଭୁବନେଶ୍ୱରର ପଟିଆ ଠାରେ ୧.୪ ମେଗାୱାଟ୍ କ୍ଷମତା ସଂପନ୍ନ ରୁଫ୍ ଟପ୍ ସୌର ପ୍ରକଳ୍ପ ।

ଶକ୍ତି ବିଭାଗ ଏବଂ ଏହାର ପ୍ରମୁଖ ସଂସ୍ଥା ଗ୍ରିଡକୋ ମାଧ୍ୟମରେ ପୃଷ୍ଠା-୬

# 'ସ୍ମାର୍ଟ ସିଟି ଅନୁଦାନ ହଡ଼ପ ଯୋଜନା' ଆରମ୍ଭ



ଭୁବନେଶ୍ୱର, ୩୦।୯ (ସଂଚାର ବ୍ୟୁରୋ): କାମ ନ କରି ଦରମା ନେଇ ସରକାରୀ ଅର୍ଥ ବିନିମୟ କରୁଥିବା ସମ୍ପର୍କରେ ସିଏଜି ରିପୋର୍ଟ ପ୍ରକାଶ ପାଇବା ପରେ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ଉପରେ ଏହାର କୌଣସି ପ୍ରଭାବ ପଡ଼ିନାହିଁ। ବରଂ କିପରି ସ୍ମାର୍ଟ ସିଟି ଅନୁଦାନକୁ କାମ ନାମରେ ଦୁର୍ଗାପୂଜା ଭେଟି ମିଳିବ ସେଥିପାଇଁ ବିଏସ୍‌ସିଏଲ୍ ଅଧିକାରୀମାନେ ତତ୍ପର ହୋଇପଡ଼ିଥିବା ଜଣାପଡ଼ିଛି। ଏପରିକି ସ୍ମାର୍ଟ ଅନୁଦାନକୁ କିପରି ହଡ଼ପ କରିହେବ ତାର ସୁନ୍ଦର ଯୋଜନା ପ୍ରସ୍ତୁତ ହୋଇ କାମ ଆରମ୍ଭ ହୋଇଥିବା ସୂଚନା ମିଳିଛି। ଉନ୍ନୟନମୂଳକ କାମକୁ ଗୁରୁତ୍ୱ ଠିକଣା ସମୟରେ ଶେଷ କରିଯିବ ସେ ସମ୍ପର୍କରେ ବିଏସ୍‌ସିଏଲ୍ ଅଧିକାରୀମାନଙ୍କ ଚିନ୍ତା ନାହିଁ। ଅପରପକ୍ଷରେ ପରିଚାଳନା ଅଭାବରୁ ବର୍ଷ ବର୍ଷ ଧରି ରାସ୍ତା କଡ଼ରେ ପଡ଼ି ନଷ୍ଟ ହୋଇଯିବା ପରେ ହଠାତ୍ 'ମୋ ସାଇକେଲ୍'ର ଉପଯୋଗୀତାକୁ ନେଇ ବିଏସ୍‌ସିଏଲ୍ ଅଧିକାରୀମାନଙ୍କର ଚୈତନ୍ୟ ଉଦୟ ହୋଇଛି। 'ମୋ ସାଇକେଲ୍' ସେବାକୁ ପୁନରୁଦ୍ଧାର କରିବା ନାମରେ ସ୍ମାର୍ଟ ସିଟି ଅର୍ଥକୁ ହଡ଼ପର ସୁଚିନ୍ତିତ ଯୋଜନା ଆରମ୍ଭ କରିଛି ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍।

ଆଗାମୀ ଦୁର୍ଗାପୂଜା ପର୍ବରେ 'ମୋ ସାଇକେଲ୍'ର ନବୀକରଣ ଏବଂ ବ୍ୟବହାର ଉପଯୋଗୀ କରିବା ପାଇଁ ଡକିଂ ଷ୍ଟେସନରେ ଖରାପ ଅବସ୍ଥାରେ ପଡ଼ିଥିବା ସାଇକେଲ୍‌ଗୁଡ଼ିକୁ ଉଠାଇବା ଆରମ୍ଭ କରିଛି ଏଜେନ୍ସି। ପୃଷ୍ଠା-୬

# ୧୦୦୦ କେଜି କଇଁଛ ଜବତ



ମାଲକାନଗିରି, ୩୦।୯(ସଂଚାର ବ୍ୟୁରୋ): ଚିତ୍ରକୋଣ୍ଡା ବନ ବିଭାଗ ୧ ଟନ୍ (୧୦୦୦ କେଜି) କଇଁଛ ଜବତ କରିଛି। ଏହା ସହିତ ୨ ଜଣଙ୍କୁ ଗିରଫ କରିଛି। ଚିତ୍ରକୋଣ୍ଡା ବନାଞ୍ଚଳ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଏକ ପିକ୍ ଅପ୍ ଭ୍ୟାନ୍‌ରେ କଇଁଛଗୁଡ଼ିକୁ ଆନ୍ଧ୍ରର ନରସିଂହପାଟଣାରୁ ମାଲକାନଗିରିର କାଲିମେଲା ଏବଂ ଏମ୍‌ଭି-୭୯କୁ ନିଆଯାଉଥିଲା। ଏ ସଂପର୍କରେ ବିଶେଷ ସୂତ୍ରରୁ ସୂଚନା ପାଇ ଚିତ୍ରକୋଣ୍ଡା ରେଞ୍ଜର ବନମାଳୀ ନାୟକ ଏକ ଟିମ୍ ଗଠନ କରିଥିଲେ। ଏହି ଟିମ୍ ସୋମବାର ଦ୍ୱିପ୍ରହରରେ ଚିତ୍ରକୋଣ୍ଡା ସୀମାନ୍ତ ରାଜୁଲକୋଣ୍ଡାଠାରେ ପଇଁତରା ମାରୁଥିବା ବେଳେ କଇଁଛ ବୋଝେଇ ଗାଡ଼ିଟିକୁ ଧରିଥିଲା। ଆନ୍ଧ୍ର ପ୍ରଦେଶର ପୃଷ୍ଠା-୬

## ରାଜେଶ ପାଟିଲ୍‌ଙ୍କ ତିନି ନାଆରେ ଗୋଡ଼

# କାମଦାମ ଠପ୍, ଅର୍ଥାଭାବ ଆଳରେ କାମ କରୁନାହାନ୍ତି




ଭୁବନେଶ୍ୱର, ୩୦।୯(ସଂଚାର ବ୍ୟୁରୋ): ବିଏମ୍‌ସି କମିସନର ତିନିଟି ନାଆରେ ଗୋଡ଼ ଦେଇଛନ୍ତି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ(ଏଚ୍ ଆଣ୍ଡ ୟୁଡି)ରେ ପ୍ରମୁଖ ଶାସନ ସଚିବ ଦାୟିତ୍ୱ ତୁଲାଉଥିବା ବେଳେ ସମବାୟ ବିଭାଗରେ ସଚିବ ତଥା ଆୟୁକ୍ତ ଅଛନ୍ତି। ଏଣେ ବିଏମ୍‌ସିର କମିସନର ଭାବରେ ମଧ୍ୟ ଦାୟିତ୍ୱରେ ଅଛନ୍ତି। ଯେଉଁଥିପାଇଁ ଉଭୟ ସଂସ୍ଥାକୁ ସେ ସମୟ ଦେଇ ପାରୁ ନାହାନ୍ତି। ଏଚ୍ ଆଣ୍ଡ ୟୁଡି ସରକାରୀ ବିଭାଗ ହୋଇଥିବାରୁ ଏହାକୁ ସେ ପ୍ରାଥମିକତା ଦେଉଛନ୍ତି। ସେଠାରୁ ସମୟ ବଳିଲେ ବିଏମ୍‌ସି ଆସୁଛନ୍ତି। ସେ ଅଧା ଦିନ ବିଭାଗରେ ଦେଉଥିବା ବେଳେ ବାକି ଅଧା ସମୟ ବିଏମ୍‌ସିରେ ଦେଉଛନ୍ତି। ସରକାରୀ କାର୍ଯ୍ୟକ୍ରମ ରହିଲେ ବିଏମ୍‌ସି ଆସୁନାହାନ୍ତି। ଫଳରେ ବିଏମ୍‌ସିରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଅଭିଯୋଗ ଫର୍ଦ୍ଦ ଲମ୍ବା ହୋଇ ଚାଲୁଥିବା ବେଳେ ଲୋକ ଭେଟି ନ ପାରିବାରୁ ପ୍ରବଳ ଅସନ୍ତୋଷ ସୃଷ୍ଟି ହେଉଛି। କାମ ଏକ ପ୍ରକାର ବନ୍ଦ ହୋଇଯାଇଛି। ଟଙ୍କା ନାହିଁ କହି କୌଣସି କାମ କରୁନାହାନ୍ତି। ବିଏମ୍‌ସି କମିସନର ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦବି ଅଧା ଦିନ ଖାଲି ପଡୁଛି। ଲୋକ ପ୍ରତିନିଧିଙ୍କ କଥା ଶୁଣୁ ନାହାନ୍ତି। ଫଳରେ ବିଏମ୍‌ସିରେ ଏକ ପ୍ରକାର ଅରାଜକତା ସୃଷ୍ଟି ହୋଇଛି।

ଗତ ଫେବୃଆରି ମାସରେ ତତ୍‌କାଳୀନ କମିସନର ବିଜୟ ଅମୃତା କୁଲାଙ୍ଗେ ହଠାତ୍ ମାସେ ଛୁଟିରେ ଯାଇଥିଲେ। ଏହା ପରେ ପରେ ତାଙ୍କୁ କମିସନରା ପଦରୁ ହଟାଯାଇ ରାଜେଶ ପ୍ରଭାକର ପାଟିଲ୍‌ଙ୍କୁ ଦାୟିତ୍ୱ ଦିଆଯାଇଥିଲା। ବିଏମ୍‌ସି କମିସନର ପଦ ଅନ୍ୟ କମିସନର ପଦ ଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ତାଙ୍କୁ ସ୍ଥାୟୀ ଭାବେ ଏଠାରେ ନିଯୁକ୍ତି ଦିଆ ଯିବ ବୋଲି କୁହାଯାଉଥିଲା। କିନ୍ତୁ ତାଙ୍କୁ ଉଭୟ ପଦରେ ରଖାଯାଇଥିଲା। ତାଙ୍କୁ ବିଏମ୍‌ସି କମିସନର ଭାବରେ ୬ ମାସ ପୂରିଛି। କିନ୍ତୁ ସ୍ଥାୟୀ କରାଯାଉ ନାହିଁ।

ବିଭିନ୍ନ ପ୍ରସଙ୍ଗରେ ଆସୁଥିବା ଅଭିଯୋଗର ଉପଯୁକ୍ତ ସମାଧାନ ହୋଇ ପାରୁ ନଥିବାରୁ ନିକଟ ଅତୀତରେ ହାଇକୋର୍ଟ ଏକ ମାମଲାର ବିଚାର କରି ବିଏମ୍‌ସିରେ ସିଟିଜେନ୍‌ସ ଚାର୍ଟର ବ୍ୟବସ୍ଥା କରିବାକୁ ଆଦେଶ ଦେଇଥିଲେ। କିନ୍ତୁ ଏ ଯାବତ୍ ତାହା ହୋଇ ନାହିଁ। ଏଠାରେ ଅଭିଯୋଗ ସମାଧାନ ବ୍ୟବସ୍ଥା ଅତି ବିଚିତ୍ର ସ୍ଥିତିରେ ରହିଛି। ଅଭିଯୋଗ ପାଇଁ ସିଙ୍ଗିଲ୍ ୱିଣ୍ଡୋ ବ୍ୟବସ୍ଥା ନାହିଁ। କେହି କେହି ୧୯୨୯କୁ ଫୋନ୍ କରି ଅଭିଯୋଗ କରୁଥିବା ବେଳେ କେହି କେହି ବିଏମ୍‌ସି ଅଫିସ ଆସି ଅଭିଯୋଗପତ୍ର ଦାଖଲ କରୁଛନ୍ତି। ସେହିଭଳି ସୋମବାର ଅଭିଯୋଗ ପ୍ରକୋଷ୍ଠରେ ବି ଅଭିଯୋଗ ଦାଖଲ ହେଉଛି। ଆଉ ଗୋଟିଏ ବ୍ୟବସ୍ଥା ହେଉଛି ଭୁବନେଶ୍ୱର.ଏମ୍‌ଇ (bhubaneswar.me)। ଏଥିରେ ମଧ୍ୟ ଅଭିଯୋଗ ଆସୁଛି। ପରିମଳକୁ ନେଇ ଆଉ ଏକ ଅଭିଯୋଗ ସଂଗ୍ରହ ବ୍ୟବସ୍ଥା କରିଛି ବିଏମ୍‌ସି। ତାହା ହେଉଛି ସଫା ଭୁବନେଶ୍ୱର ଆପ୍। ଫଳରେ ବହୁ ଲୋକରେ ମୂଷା ନ ମରିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏକ ପ୍ରକାର ଅଭିଯୋଗ ବିଭିନ୍ନ ପ୍ଲାଟ୍‌ଫର୍ମରେ ଆସୁଥିବା ବେଳେ ଏତେ ବ୍ୟବସ୍ଥା ଜଗିବାକୁ ଲୋକ ନାହାନ୍ତି। ଏଣେ ହାଇକୋର୍ଟ ବି ଏହା ଉପରେ ଗୁରୁତ୍ୱାରୋପ କରିଥିଲେ ମଧ୍ୟ କମିସନର ରାଜେଶ ପାଟିଲ୍ ଏହାର କୌଣସି ସମାଧାନ କରିପାରୁ ନାହାନ୍ତି। କାରଣ ସେ ଅଧା ଦିନ ହିଁ ବିଏମ୍‌ସିକୁ ଦେଉଛନ୍ତି। ଫଳରେ ସେଠାରେ ଏକ୍ ପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି।

ରାଜେଶ ପାଟିଲ୍ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ରହିଛନ୍ତି। ଏହି ବିଭାଗକୁ ଅଧିକ ସମୟ ଦେଉଛନ୍ତି। ଏହି ବିଭାଗରେ ବିଏମ୍‌ସିର ଫାଇଲ୍ କେତେକ ଫାଇଲ୍ ପଡ଼ି ରହିଛି। ଯେଉଁଥିପାଇଁ କେତେକ ଜନହିତକର କାର୍ଯ୍ୟ ବଳି ପଡ଼ିଛି। ପୋଷା କୁକୁର ପୃଷ୍ଠା-୬

## ଟ୍ରେଣ୍ଡିଂ ନ୍ୟୁଜ୍

- ଜାମ୍ମୁ କାଶ୍ମୀରରେ ମଙ୍ଗଳବାର ୩ୟ ତଥା ଶେଷ ପର୍ଯ୍ୟାୟ ଭୋଟ। ୪୦ ଆସନରେ ମତଦାନ ହେବ।
- ଯୋଗୀ ସରକାରଙ୍କୁ ବ୍ରାହ୍ମଣ ବିରୋଧୀ ବୋଲି ମନ୍ତବ୍ୟ ଦେଲେ କଂଗ୍ରେସ ନେତା ରଣଦୀପ୍ ସିଂହ ସୁର୍ଜେୱାଲା।
- ଇସ୍ରାଏଲ୍ ଆକ୍ରମଣରେ ହାସନ ନସ୍‌ରଲ୍ଲା ପ୍ରାଣ ହରାଇ ପରେ ହିଜବୁଲ୍ଲା ମୁଖ୍ୟ ହେଲେ ହାସିମ୍ ସଫିଦ୍ଦିନ।
- ଦଳିତ ଛାତ୍ର ଅତୁଲ କୁମାରଙ୍କୁ ନାମ ଲେଖାଇବା ପାଇଁ ଅନୁମତି ଦେବାକୁ ସୁପ୍ରିମକୋର୍ଟ ଆଇଆଇଟି ଧାନବାଦ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଲେ। ସେ ୧୭,୫୦୦ ଟଙ୍କା ଦାଖଲ ପରି ନ ପାରିବାରୁ ନାଲେଖାରୁ ବଂଚିତ ହୋଇଥିଲେ।
- ବିହାରର ୧୬ ଜିଲ୍ଲାରେ ଭୟଙ୍କର ବନ୍ୟା। ଲକ୍ଷାଧିକ ବିପନ୍ନ। ଗଣ୍ଡକ, କୋଶୀ, ବାଗମତି, କମଳାବାଲାନ ନଦୀରେ ବନ୍ୟାଜଳ ବୃଦ୍ଧି।
- 'ମୁଦା' ଜମି ଦୁର୍ନୀତି ଅଭିଯୋଗରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ବିରୋଧରେ ମାମଲା ରୁଜୁ କଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)।

## କଣାସ-ଜଙ୍କିଆ ଦୟାନଦୀ ବନ୍ଧ ମୁଖ୍ୟ ରାସ୍ତା ଶୋଚନୀୟ

**କଣାସ, ୩୦।୯ (ସଂଚାର ବ୍ୟୁରୋ):** କଣାସ ବ୍ଲକର ମୁଖ୍ୟରାସ୍ତା ନୂଆ ଜଗନ୍ନାଥ ସଡକକୁ ସଂଯୋଗ କରୁଥିବା କଣାସ-ଜଙ୍କିଆ ଦୟାନଦୀ ବାମପାର୍ଶ୍ୱ ନଦୀ ବନ୍ଧ ରାସ୍ତା ୫କି.ମି ଛୋଟ ବଡ ଖମା ସୃଷ୍ଟି ହୋଇଥିବାରୁ ଯାତାୟତରେ ଅସୁବିଧା ହେବାସହ ବାରମ୍ବାର ଦୁର୍ଘଟଣାମାନ ଘଟୁଥିବା ଜଣାପଡ଼ିଛି। ଏହି ରାସ୍ତାଦେଇ ଦୈନ ଦିନ କଣାସ ବ୍ଲକ ଠାରୁ ବକୁ, ଗଡ଼ଖାରଦ, ଅଡାଲ, ଗଡ଼ିଶାଗୋଦା, କରମଳା ପ୍ରଭୃତି ସ୍ଥାନକୁ ୩ଟି ମୋ ବସ୍ ଦିନତମାମ ଚାଲୁଥିବା ବେଳେ ଶହଶହ ଦୁଇଚକିଆଯାନ ଜଗନ୍ନାଥ ସଡକକୁ ଯାତାୟତ କରୁଥିବା ଜଣାପଡ଼ିଛି। କଣାସ ଠାରୁ ନୂଆଜଗନ୍ନାଥ ସଡକକୁ ଯାନବାହନ ଗଲେ ସେଠାରୁ ପୁରୀ, ନିରାକାରପୁର, ବାଲୁଗାଁ, ନୟାଗଡ଼, ବ୍ରହ୍ମପୁର ପ୍ରଭୃତି ସ୍ଥାନକୁ ଯାତ୍ରା କରନ୍ତି। ସେହିପରି ଚୁପୁରିଙ୍ଗି, ବକୁ, ଦିବ୍ୟସିଂହପୁର ଦେଇପୁର, ଗଡ଼ଖାରଦ, ସାହୁପଡ଼ା, ଅଡାଲ, ଦୋଛିଆଁ, କାଦୁଆ, ଗୋପିନାଥପୁର, ଗଡ଼ିଶାଗୋଦା, ଯାମଳଗୋଦା, ଆଲିବାଡ, ଖଣ୍ଡହତା, ବିନ୍ଧଣ, ଅଣ୍ଡାଳସିଂହ, ଗଡ଼ସାହି ଗ୍ରାମପଞ୍ଚାୟତର ଜନସାଧାରଣ ଦୈନନ୍ଦିନ କଣାସ ଡାକ୍ତରଖାନା, ତହସିଲକାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ସବରେଜେଷ୍ଟ୍ରି ଅଫିସ୍, ଜଳ ଯୋଗାନ ଅଫିସ୍, ମୁଖ୍ୟ ପଶୁ ଚିକିତ୍ସାଳୟ, ମୁଖ୍ୟ କୃଷ କାର୍ଯ୍ୟାଳୟକୁ ଯାତାୟତ କରୁଛନ୍ତି। ତୁରନ୍ତ ଯୁଦ୍ଧକାଳିନୀ ଭିତିରେ ଏହି ରାସ୍ତା ନିର୍ମାଣ କରିବାକୁ ଜନସାଧାରଣରେ ଦାବିହେଉଛି।

### ଦୁର୍ବୃତ୍ତଙ୍କ ନାରକୀୟ କାଣ୍ଡ

# ଘରୁ ଲୁଟିଲେ, ମାରଣାସ୍ତ୍ରରେ ଆକ୍ରମଣ କଲେ

### ମହିଳାଙ୍କୁ କରିଥିଲେ ବଳାତ୍କାର ଉଦ୍ୟମ



**କେନ୍ଦ୍ରାପଡ଼ା, ୩୦।୯ (ସଂଚାର ବ୍ୟୁରୋ):** ଦୁର୍ବୃତ୍ତମାନେ ରବିବାର ବିଳମ୍ବିତ ରାତିରେ ଘଟାଇଛନ୍ତି ନାରକୀୟ କାଣ୍ଡ। ଘରେ ପଶି ଖଣ୍ଡା ଓ ଭୁଜାଲିରେ ପରିବାର ଲୋକଙ୍କୁ ଆକ୍ରମଣ କଲେ । ଦୁର୍ବୃତ୍ତଙ୍କ ଆକ୍ରମଣରେ ସ୍ୱାମୀ ସ୍ତ୍ରୀଙ୍କୁ ଲହୁଲୁହାଣ କରିବା ସହିତ ସେହି ସମୟରେ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିଥିବା ମହିଳା ଅଭିଯୋଗ କରିଛନ୍ତି। ଏଭଳି ଅଭାବନୀୟ ଘଟଣା ପାଟକୁରା ଥାନା ଅଧୀନରେ ଥିବା ନାରଣପୂର ଗ୍ରାମରେ ଦେଖିବାକୁ ମିଳିଛି ।

ଉକ୍ତ ଗ୍ରାମର ବଂଶୀଧର ରାଉତରାୟଙ୍କ ଘରେ ରବିବାର ରାତି ୨ଟା ସମୟରେ ଚାରିଜଣ ଦୃର୍ବୃତ୍ତ ଘରର କବାଟ କାଟି ଘର ମଧ୍ୟଙ୍କୁ ପ୍ରଥମେ ପଶିବାକୁ ଚେଷ୍ଟା କରିଥିଲେ। ଏଥିରେ ବିଫଳ ହେବାରୁ ଘରର ମୁଖ୍ୟ କବାଟ ବଡୋଇଥିଲେ। ଏହା ଶୁଣି ବଂଶୀଧର କବାଟ ଖୋଲିବା ପରେ ଦୁର୍ବୃତ୍ତମାନେ ପ୍ରଥମେ ସ୍ତ୍ରୀ ସୋର୍ଣ୍ଣମୟୀ ରାଉତରାୟଙ୍କୁ ଭୁଜାଲି ଦ୍ୱାରା ଆକ୍ରମଣ କରି ବେକରୁ ସୁନା ଚେନ୍ ଛିଣ୍ଡାଇବା ସହ ଘରେ ପଶି ୩ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ଅଳଙ୍କାର, ମୋବାଇଲ୍ ଫୋନ୍, ସିସିଟିଭି ହାଡ୍‌ଡିସ୍କ ନେବା ପରେ ମହିଳା ଜଣଙ୍କ ଗୋଡହାତ ମାଡିବସି ବଳାତ୍କାର ଉଦ୍ୟମ କରିଥିଲେ। ଦୁର୍ବୃତ୍ତଙ୍କ ଅମାନବୀୟ କାଣ୍ଡ ସେତିକିରେ ସୀମିତ ନଥିଲା। ଘରେ ଥିବା ୮୦ ବର୍ଷୀୟ ବୃଦ୍ଧାଙ୍କୁ ମଧ୍ୟ ଧକା ମୁକି ମାରିଥିଲେ । ଏହି ସମୟରେ ସ୍ୱାମୀ ବଂଶୀଧର ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଦୃର୍ବୃତ୍ତ ଙ୍କ ପାଖରେ ଥିବା ଭୁଜାଲି, କଟୁରୀ, ଲୁହା ଚେନ ଆଦି ମାରଣାସ୍ତ୍ର ଦେଖି ଉପାୟ ଶୂନ୍ୟ ହୋଇପଡ଼ିଥିଲେ । ଦୀର୍ଘ ସମୟ ଧରି ଏଭଳି କାଣ୍ଡର ସମ୍ମୁଖୀନ ହେବା ପରେ ଶେଷରେ ଘରେ ଥିବା ଏକ କଟୁରୀ ଆଣି ଦୃର୍ବୃତ୍ତମାନଙ୍କୁ ଭୟଭୀତ କରାଇଥିଲେ। ନିଜର ଜୀବନ ରକ୍ଷା ପାଇଁ ଯାହା ଫଳରେ ଦୃର୍ବୃତ୍ତମାନେ ଘଟଣାସ୍ଥଳରୁ ପଳାଇଯାଇଥିଲେ । ସେହି ସମୟରେ ପୁଲିସ୍ ହେଲ୍ପ ଲାଇନ୍ ନମ୍ବରକୁ ପରିବାର ଲୋକେ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସହାୟତା ପୁଲିସ୍ ଦ୍ୱାରା ପାଇପାରିନଥିଲେ । ଦୁର୍ବୃତ୍ତଙ୍କ ଭୁଜାଲି ଆକ୍ରମଣରେ ଶିକାର ହୋଇଥିବା ପରିବାର ଗୁରୁତର ହେବାରୁ ସ୍ଥାନୀୟ ଲୋକେ ପାଟକୁରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସା କରାଇବା ପରେ ପାଟକୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

ଏହାପରେ ପାଟକୁରା ପୁଲିସ୍ ଘଟଣାକୁ ଗୁରୁତର ଭାବେ ନେବା ସହ ନିଜେ କେନ୍ଦ୍ରାପଡା ଏସପି,ଏସଡିପିଓ, ସନ୍ଧାନୀ କୁକୁର, ସାଇଣ୍ଟଫିକ୍ଟ ଟିମ୍ ଘଟଣସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏପର୍ଯ୍ୟନ୍ତ ଦୃର୍ବୃତ୍ତଙ୍କୁ ଚିହ୍ନଟ କରିପାରିନଥିଲେ ମଧ୍ୟ ସନ୍ଦେହରେ ତିନିଜଣ ଯୁବକଙ୍କୁ ପାଟକୁରା ପୁଲିସ୍ ଅଟକ ରଖି ପଚରାଉଚରା କରୁଥିବା ଜଣିବାକୁ ମିଳିଛି ।



### ବିଜେଡି ସାଙ୍ଗଠନିକ ବୈଠକ

## ସଂଗଠିତ ହୋଇ କାମ କାରିବାକୁ ସଂକଳ୍ପ

**କେନ୍ଦ୍ରାପଡ଼ା, ୩୦।୯ (ସଂଚାର ବ୍ୟୁରୋ):** ଚଳିତବର୍ଷ ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା ଅଭିଯାନ ଆସନ୍ତା ଅକ୍ଟୋବର ୨ତାରିଖ ଗାନ୍ଧି ଜୟନ୍ତୀଠାରୁ ଆରମ୍ଭ ହେବ। ସେହିପରି ଅକ୍ଟୋବର ୯ ତାରିଖ ଗୋପବନ୍ଧୁ ଜୟନ୍ତୀଠାରୁ ବିଜୁ ଜନତା ଦଳ ସଦସ୍ୟତା ସଂଗ୍ରହ ଅଭିଯାନ ଆରମ୍ଭ କରାଯିବ। ଏହି ପରିପ୍ରେକ୍ଷିରେ କେନ୍ଦ୍ରାପଡ଼ା ସ୍ୱୟଂସିଦ୍ଧା ମଣ୍ଡପରେ ଏକ ପ୍ରସ୍ତୁତି ବୈଠକ ବ୍ଲକ ସଭାପତି ଆଲୋକ ସାହୁଙ୍କ ସଭାପତିତ୍ୱରେ କରାଯାଇଥିଲା।

ଏଥିରେ ବିଧାୟକ ଗଣେଶ୍ୱର ବେହେରା ଉପସ୍ଥିତ ରହି ପଦ ଯାତ୍ରା ଓ ସଭ୍ୟ ସଂଗ୍ରହ ଅଭିଯାନକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ ଏବଂ ଦଳର ବିଗତ ଦିନରେ ବିକାଶମୂଳକ କାର୍ଯ୍ୟକୁ ଜନସମ୍ପର୍କ ପଦଯାତ୍ରା ମାଧ୍ୟମରେ କିପରି ତଳସ୍ତରର ଲୋକମାନଙ୍କ ପାଖକୁ ପହଞ୍ଚାଇ ପାରିବ ତାହା ଉପରେ ଗୁରୁତ୍ୱ ଦେବା ପାଇଁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜେଡି ସଭାପତି ଧିରେନ ସାହୁ, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାନ୍ତି, ଦୁର୍ଗାଶୀଷ ମହାନ୍ତି, ଶିବପ୍ରସାଦ ଭୋଳ, ବ୍ଲକ ଅଧ୍ୟକ୍ଷା ରଶ୍ମିତା ସେଠୀ, ଉପାଧ୍ୟକ୍ଷ ପ୍ରତାପ ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟା ନିର୍ମଳା ମହାନ୍ତି, ରଶ୍ମି ରଞ୍ଜନ ରାଉତ, ଲୋହିତ ମହାନ୍ତି, ପ୍ରଦ୍ୟୁମ୍ନ ଜେନା, ସୁରେନ୍ଦ୍ର ଜେନା, ତ୍ରିଲୋଚନ ଦାସ, ଲୋପାମୁଦ୍ରା ବାରିକ, ଚିତ୍ରସେନ ପରିଡ଼ା, ଦାମୋଦର ଦାସ, ଅଶ୍ୱିନୀ ପାତ୍ର, ନାରାୟଣ ପରିଡ଼ା, ରଘୁନାଥ ନାଉତ, ରତିକାନ୍ତ ସାମଲ, ଶିବ ପ୍ରସାଦ ବିଶ୍ୱାଳ, ମୁକ୍ତାର ଖାନ୍ ପ୍ରମୁଖ ଯୋଗଦାନ କରି ବିଜୁ ଜନତା ଦଳର ସଂଗଠନକୁ ମଜବୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଶରତ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ମଇଁଷି ଆକ୍ରମଣରେ ୩ ଛାତ୍ରୀ ଗୁରୁତର

**ନାଉଗାଁ, ୩୦।୯ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକସ୍ଥିତ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଯୁକ୍ତ ୨ ଓ ଯୁକ୍ତ ୩ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ନେଇ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ସୋମବାର ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଚାଲୁଥିବା ବେଳେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଛାତ୍ରଛାତ୍ରୀମାନେ ସ୍ୱାସ୍ଥ୍ୟ କେନ୍ଦ୍ରର ସମ୍ମୁଖ ପାଚେରୀ ପାର୍ଶ୍ୱକୁ ସଫେଇ କରୁଥିବା ବେଳେ ରାସ୍ତାରେ ଯାଉଥିବା ମଇଁଷିଙ୍କ ଆକ୍ରମଣରେ ୩ ଛାତ୍ରୀ ଗୁରୁତର ହୋଇ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାଯାଇଛି।



ସୂଚନା ମୁତାବକ ମହାବିଦ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଚାଲୁରହିଛି। ଏହି ପରିପ୍ରେକ୍ଷୀରେ ଜାତୀୟ ସେବା ଯୋଜନାର ଜିଲ୍ଲା ଅଧିକାରିଣୀ ଅଧ୍ୟାପିକା ବିଜୟିନୀ ପଢ଼ିହାରୀଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସଫେଇ କରିବାକୁ ଯାଇଥିଲେ। ତାଙ୍କ ସହିତ ଜଗତସିଂହପୁର ନେହୁରୁ ଯୁବ କେନ୍ଦ୍ରର କର୍ମଚାରୀ ପବିତ୍ର ମୋହନ ସୁବୁଦ୍ଧି, ପୁରାତନ ବ୍ଲକ ଜାତୀୟ ଯୁବ ସଂଯୋଜକ ତପନ ବେହେରା ପ୍ରମୁଖ ଉପସ୍ଥିତ ରହି ସ୍ୱାସ୍ଥ୍ୟ କେନ୍ଦ୍ରର ସମ୍ମୁଖକୁ ସଫେଇ କରୁଥିଲେ। ହେଲେ ସେହି ସମୟରେ ରାସ୍ତାରେ ଯାଉଥିବା ମହିଁଷି ଅଚାନକ ଆକ୍ରମଣ କରିଥିଲେ। ଯାହାଫଳରେ ଏମାନଙ୍କ ମଧ୍ୟରୁ ତିନି ଜଣ ଛାତ୍ରୀ ଗୁରୁତର ହୋଇପଡ଼ିଥିଲେ। ଉପସ୍ଥିତ ଥିବା ଅନ୍ୟ ଛାତ୍ରଛାତ୍ରୀମାନେ ଏମାନଙ୍କୁ ଉର୍ଦ୍ଧାର କରି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ। ଏହି ୩ ଜଣ ଛାତ୍ରୀ ଚିକିତ୍ସିତ ହେଉଥିବା ଜଣାଯାଇଛି।

### ରାଜନଗର ଏଏସ୍ଆଇଙ୍କ ଦବଙ୍ଗଗିରି

# ଏଏସ୍ଆଇଙ୍କ ନାଁରେ ମାମଲା, ଏସ୍‌ଡିପିଓଙ୍କ ତଦନ୍ତ

**ରାଜନଗର, ୩୦।୯ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଥାନାରେ କାର୍ଯ୍ୟରତ ଏଏସଆଇ ବିନା କାରଣରେ ପୁଲିସଗିରି ଦେଖାଇବାକୁ ଯାଇ ଜଣେ ଯୁବକଙ୍କୁ ଦୋକାନରୁ ଭିଡି ଆଣି ନିର୍ମମ ଭାବେ ମାଡ ମାରିବା ଘଟଣା କେବଳ ରାଜନଗର ନୁହେଁ, ସମଗ୍ର ଜିଲ୍ଲାରେ ଆଲୋଡନ ସୃଷ୍ଟି କରିଛି। ଘଟଣା ଘଟିବାର ୨ଦିନ ପରେ ରାଜନଗର ପୁଲିସ ଏହି ସମ୍ବେଦନଶୀଳ ଘଟଣାକୁ ଗୁରୁତର ସହ ନେବା ସହିତ ତଦନ୍ତ ଆରମ୍ଭ କରିଛି।




ଅଭିଯୋଗ ମୁତାବକ ୨୮ ତାରିଖ ରାତିରେ ରାଜନଗର ଥାନାର ଏଏସଆଇ ନରେନ୍ଦ୍ର କୁମାର ସିଂ ପୁଲିସ ପାଟ୍ରୋଲିଂ ଭ୍ୟାନରେ ଜଳିଛକରେ ପହଁଚି ତାହା ପାନ ଦୋକାନ କରିଥିବା ପ୍ରମୋଦ ବିଶ୍ୱାଳଙ୍କୁ ଜଣେ ଯୁବକଙ୍କ ଠିକଣା ପଚାରିଥିଲେ। ଠିକଣା ଭୁଲ ଦେଇଥିବା କହି ଏଏସଆଇ ପ୍ରମୋଦଙ୍କୁ ଦୋକାନ ଭିତରୁ ଟାଣି ଆଣି ନିର୍ମମ ଭାବେ ପିଟି ରାସ୍ତା ଉପରେ ଫୋପାଡି ଦେଇଥିଲେ। ପୁଲିସ ମାଡରେ ଗୁରୁତର ଆହତ ଯୁବକ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କେନ୍ଦ୍ରାପଡ଼ା ଜିଲ୍ଲା ଚିକିତ୍ସାଳୟରେ ଚିକିତ୍ସିତ ହେବା ସହ ଏଏସଆଇଙ୍କ ବିରୁଦ୍ଧରେ ଏସପିଙ୍କୁ ଭେଟି ଅଭିଯୋଗ କରିଥିଲେ। ରାଜନଗର ଥାନାରେ ମାଡ ଖାଇଥିବା ଯୁବକ ପ୍ରମୋଦ ବିଶ୍ୱାଳଙ୍କ ଅଭିଯୋଗ ଆଧାରରେ କେସ ନଂ- ୩୭୭/୨୦୨୪ରେ ଦଫା ୨୯୬, ୩୫୧, ୧୧୫(୨)ରେ ରାଜନଗର ଥାନାର ଏଏସଆଇ ନରେନ୍ଦ୍ର କୁମାର ସିଂଙ୍କ ନାଁରେ ମାମଲା ରୁଜୁ ହୋଇଛି। ଘଟଣା ସମ୍ବେଦନଶୀଳ ହୋଇଥିବାରୁ ଏସଡିପିଓ କ୍ଷମା ସାଗର ପଣ୍ଡା ଓ ଆଇଆଇସି ଅଜୟ କୁମାର ଜେନା ତଦନ୍ତ କରି ରିପୋର୍ଟ ଏସପିଙ୍କୁ ପ୍ରଦାନ କରିଛନ୍ତି। ଗତକାଲି ବିଳମ୍ବିତ ରାତ୍ରିରେ ଏସପିଙ୍କ ନିର୍ଦ୍ଦେଶକ୍ରମେ ରାଜନଗର ଥାନାରେ ମାମଲା ରୁଜୁ ହୋଇଥିଲା। ଆଜି ସକାଳେ ଏସଡିପିଓ ରାଜନଗର ଥାନାରେ ପହଁଚି ମାଡ ମାରିଥିବା ଏଏସଆଇଙ୍କ ସମେତ ପୁଲିସ ଭ୍ୟାନରେ ଯାଇଥିବା ଅନ୍ୟ କର୍ମଚାରୀଙ୍କୁ ପଚରା ଉଚରା କରିଥିଲେ।



## ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟରେ ବନ୍ଧୁମିଳନ

**ଜଗତସିଂହପୁର, ୩୦।୯ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ସ୍ୱାମୀ ବିବେକାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟ ର ୨୦୧୬ ରୁ ୨୦୧୯ ଏନ ସି ସି ବ୍ୟାଚ୍‌ର ବନ୍ଧୁମିଳନ ସେପ୍ଟେମ୍ବର ୨୯ ତାରିଖ ରବିବାର ଦିନ। ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି । ସେଠାରେ ଉପସ୍ଥିତ ଥିବା ବନ୍ଧୁମାନେ ପୁରୁଣା ଦିନର ସ୍ମୃତି କୁ ମନେ ପକାଇ ଥିଲେ। ପ୍ରଥମେ ଡକ୍ଟର ମେଜର ଧରଣୀ ଧର ଖୁଣ୍ଟିଆ ସାର୍ ଓ ଲେଟି ନିହାର ରଞ୍ଜନ ସ୍ୱାଇଁ ସାର୍ ଙ୍କୁ ପୁଷ୍ପଗୁଚ୍ଛ ଓ ଉତରିୟ ଦେଇ ସମସ୍ତେ ଆଶ୍ରିବାଦ ଗ୍ରହଣ କରିଥିଲେ ଓ ସାର୍ ଙ୍କ ଠାରୁ ଉପାଦେୟ ବିଷୟ ସବୁ ଶୁଣି ଥିଲେ। ସମସ୍ତ ପିଲା ନିଜ ନିଜର ଅନୁଭୂତି ମଧ୍ୟ କହିଥିଲେ।କେବଳ ସେତିକି ନୁହେଁ, ନିଜ ନିଜର ସୁଖଦୁଃଖ ପରସ୍ପର ମଧ୍ୟରେ ଆଦାନ ପ୍ରଦାନ କରିଥିଲେ ଓ ଭବିଷ୍ୟତ ରେ ଏମିତି ଏକାଠି ରହିବା ପାଇଁ ଶପଥ ନେଇଥିଲେ। ଶେଷରେ ସୁନ୍ଦର ଭୋଜି ର ଆୟୋଜନ ମଧ୍ୟ କରାଯାଇଥିଲା ଉପସ୍ଥିତ ସମସ୍ତେ ବନ୍ଧୁମିଳନକୁ ବେଶ ଉପଭୋଗ କରିଥିଲେ।

## ଅଗ୍ନିପଥ ଯୋଜନା ଓ ନିୟମିତ ସୈନିକଙ୍କ ନିମନ୍ତେ ନିଯୁକ୍ତି ରାଲି

**କଟକ, ୩୦।୯ (ସଂଚାର ବ୍ୟୁରୋ):** କଟକ, ପୁରୀ, ବାଲେଶ୍ୱର, ମୟୁରଭଞ୍ଜ, ଭଦ୍ରକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡା, ଖୋର୍ଦ୍ଧା, ଏବଂ ନୟାଗଡ ଜିଲ୍ଲାର ଅଗ୍ନିପଥ ଯୋଜନାରେ ଚୟନ ହୋଇଥିବା ପ୍ରାର୍ଥୀ ଏବଂ ନିୟମିତ ସୈନିକ ( ସିପାହୀ ଫାର୍ମା, ସୈନିକ ଟେକ ନର୍ସିଂ ସହାୟକ, ଏବଂ ଧୌମିକ ଶିକ୍ଷକ କେବଳ ଜେସିଓ ବିଭାଗ) ଏବଂ ପଶ୍ଚିମବଙ୍ଗ, ଓଡ଼ିଶା ଓ ସିକିମର ମହିଳା ମିଲିଟାରି ପୋଲିସ୍ ଙ୍କ ନିମନ୍ତେ ୧୮ ଅକ୍ଟୋବର ୨୦୨୪ଠାରୁ ୨୬ଅକ୍ଟୋବର ୨୦୨୪ ପର୍ଯ୍ୟନ୍ତ ସେନା ନିଯୁକ୍ତି ରାଲି ଅନୁଷ୍ଠିତ ହେବ । ଏହି ନିଯୁକ୍ତି ରାଲି ସମୟରେ ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା (ସିଇଇ)ରେ ଚୟନ ହୋଇଥିବା ପ୍ରାର୍ଥୀମାନେ ଶାରିରୀକ ଫିଟନେଷ୍ଟ ପରୀକ୍ଷା ଏବଂ ମେଡିକାଲ ପରୀକ୍ଷା ଦେବେ । ଏଥନିମନ୍ତେ ପ୍ରାର୍ଥୀମାନଙ୍କ ପଞ୍ଜିକୃତ ଇ ମେଲ୍ ଠିକଣାରେ ଆଡମିଟ କାର୍ଡଗୁଡିକ ପଠାଇ ଦିଆଯାଇଛି। ପ୍ରାର୍ଥୀମାନେ ଭାରତୀୟ ସେନାର ୱେବସାଇଟ୍ www.joinindianarmy.nic.in ରେ ନିଜ ପ୍ରୋଫାଇଲରେ ଲଗ ଇନ୍ କରି ଆଡମିଟ କାର୍ଡ଼ ଡାଉନଲୋଡ କରିପାରିବେ। ଏଥନିମନ୍ତେ କୌଣସି ପ୍ରଶ୍ନ ଥିଲେ କଟକସ୍ଥିତ ସେନା ନିଯୁକ୍ତି କାର୍ଯ୍ୟାଳୟର ଫୋନ ନମ୍ବର ୦୬୭୧-୨୩୦୫୨୮୦ କିମ୍ବା ୯୪୩୭୧୬୨୨୮୦ରେ ଯୋଗାଯୋଗ କରିପାରିବେ ।

ନିଯୁକ୍ତି ପ୍ରକ୍ରିୟା ସମୟରେ ନିଜର କୌଣସି ଅରିଜିନାଲ ଡକ୍ୟୁଟ କାହାକୁ ନଦେବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି । ଏଭଳି କୌଣସି ଖବର ନଜରକୁ ଆସିଲେ ତୁରନ୍ତ ସ୍ଥାନୀୟ ପୋଲିସ୍ କିମ୍ବା ନିଯୁକ୍ତି ରାଲିର ଅଧିକାରୀମାନଙ୍କୁ ଜଣାଇବାକୁ ଅନୁରୋଧ କରାଯାଉଛି ।

# ପଲାଇ ପଞ୍ଚାୟତରେ ଜନଅଭିଯୋଗ ଶୁଣାଣି

**ବାଲିଚନ୍ଦ୍ରପୁର, ୩୦।୯ (ସଂଚାର ବ୍ୟୁରୋ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ପଲାଇ ପଞ୍ଚାୟତସ୍ଥିତ ଓଳାଶୁଣୀ କଲ୍ୟାଣମଣ୍ଡପ ଠାରେ ସୋମବାର ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୯୭୧ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଭତ୍ତା ସମ୍ବନ୍ଧୀୟ ୩୦ ଗୋଟି, ତହସିଲ ସମ୍ବନ୍ଧୀୟ ୭୩ ଗୋଟି, ରାସନ କାର୍ଡ଼ ସମ୍ବନ୍ଧୀୟ ୫୨ ଗୋଟି, ଆବାସ ସମ୍ବନ୍ଧୀୟ ୭୦୦ ଗୋଟି, ପାନୀୟ ଜଳ ଓ ପରିମଳ ସମ୍ବନ୍ଧୀୟ ୨୧ ଗୋଟି, ନିର୍ମାଣ ଶ୍ରମିକ କାର୍ଡ଼ ପାଇଁ ୭୫ ଗୋଟି, ବିଦ୍ୟୁତ୍ ସମ୍ବନ୍ଧୀୟ ୫ ଗୋଟି ଓ ଅନ୍ୟାନ୍ୟ ୧୫ ଗୋଟି ଅଭିଯୋଗ ଏଥିରେ ଅର୍ନ୍ତଭୁକ୍ତ ହୋଇଥିବା ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।




### ୯୭୧ ଅଭିଯୋଗ ପଞ୍ଜୀକୃତ

ଏହି ଶିବିରରେ ଯାଜପୁର ସାଂସଦ ମୋହନ ଜେନା, ବଡ଼ଚଣା ବିଧାୟକ ଅମର କୁମାର ନାୟକ ଯୋଗଦେଇ ଲୋକଙ୍କ ସମସ୍ୟା ସମାଧାନ ପାଇଁ ସରକାର ଆଜି ଲୋକଙ୍କ ନିକଟତର ହୋଇଛି। ଯାହାର ସୁଫଳ ସିଧାଶଳଖ ହିତାଧିକାରୀ ମାନେ ପାଇପାରିବେ ଓ ଚୟନରେ ସ୍ୱଚ୍ଛତା ଆସିପାରିବ ବୋଲି ମତ ଦେଇଥିଲେ। ବଡ଼ଚଣା ବିଡ଼ିଓ ରବୀନ୍ଦ୍ର କୁମାର ପ୍ରଧାନ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ଡ଼ାକବାଜି ଯନ୍ତ୍ର ସାହାର୍ଯ୍ୟରେ ଉପସ୍ଥିତ ଜନସାଧାରଣଙ୍କୁ ସରକାରଙ୍କର ବିଭିନ୍ନ ଯୋଜନା କିପରି ହିତାଧିକାରୀ ମାନେ ପାଇପାରିବେ ଓ ଏଥିନେଇ କି କି ବ୍ୟବସ୍ଥା ରହିଛି ସେଥିନେଇ ଜନସାଧାରଣଙ୍କୁ ପ୍ରାଞ୍ଜଳଭାବେ ବୁଝାଇଥିଲେ। ଏଥିରେ ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀ, ବାଲିଚନ୍ଦ୍ରପୁର ଥାନାଧିକାରୀ ସମରଜିତ୍ ନାୟକ ବାଲିଚନ୍ଦ୍ରପୁର ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ସାସ୍ୱତ ସୁମନ ନାୟକ, ସିଡ଼ିପିଓ ଗ୍ରାମିଣ ଚନ୍ଦନା ମିଶ୍ରଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଗ୍ରହଣ କରିଥିଲେ। ପଲାଇ ସରପଞ୍ଚ ଆରତୀ ବେହେରା, ସମିତି ସଭ୍ୟା ସଞ୍ଜୁଲତା ଜେନା, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମହାଶ୍ୱେତା ମହାରଣା, ଏଡ଼ିଓ ଉତ୍କଳ କେଶରୀ ନାୟକ, ମିଶନଶକ୍ତି ସଭାନେତ୍ରୀ ମିନତୀ ସାମଲ, ଏମବିକେ ସ୍ନେହା ସାମଲ, ଅନୁପମା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

ଏଥିରେ ୨ ହଜାର ରୁ ଉର୍ଦ୍ଧ୍ୱ ଜନସମାଗମ ହୋଇଥିବା ବେଳେ ସମାଜସେବୀ ସୁମନ୍ତ କୁମାର ସାମଲ ସମଗ୍ର ବ୍ୟବସ୍ଥାକୁ ସୁବନ୍ଦୋବସ୍ତ କରିଥିଲେ। ସ୍ୱେଚ୍ଛାସେବୀ ନିଶିକାନ୍ତ ମହାନ୍ତି, ଲଲାଟ କେଶରୀ ସାମଲ, ମନୋଜ ପ୍ରଧାନ, ସଂଗ୍ରାମ କେଶରୀ ଦାସ, ଗୋକୁଳାନନ୍ଦ ମଲ୍ଲିକ, ବାଇନ ଦଳେଇ, ପ୍ରଶାନ୍ତ ପରିଡ଼ା, ସିଦ୍ଧାନ୍ତ ସାମଲ ପ୍ରମୁଖ ଆଗନ୍ତୁକ ଅଭିଯୋଗକାରୀଙ୍କୁ ସମସ୍ତ ସହାୟତା ଯୋଗାଇବା ସହ ଭିଡ଼ ନିୟନ୍ତ୍ରଣ କରିଥିଲେ। ବିଭିନ୍ନ ପଞ୍ଚାୟତରୁ ପଞ୍ଚାୟତ ପ୍ରମୁଖ ବ୍ରଜ କିଶୋର ରାଉତ, ବ୍ରଜ ସୁନ୍ଦର ମହାପାତ୍ର, ପ୍ରଦ୍ୟୋତ କେଶରୀ ସାମଲ, ଅଜୟ ପ୍ରଧାନ, ଗୌତମ ବିଶ୍ୱାଳ, ବିଭୁତିଭୂଷଣ ସାମଲ, ମଣ୍ଡଳ ସଭାପତି ସୀତାନାଥ ବଳସାମନ୍ତ, ଜିଲ୍ଲା ଯୁବବିଜେପି ନେତା ପ୍ରିତମ ନାୟକ, ମାନଗୋବିନ୍ଦ ରାଉତ, ପ୍ରଭାଶ ଜେନା, ବ୍ରଜ କିଶୋର ମହାରଣା, ପତିତପାବନ ମହାରଣା, ରତ୍ନାକର ପତି, ସଞ୍ଜୟ ସିଂହ ପ୍ରମୁଖ ଯୋଗଦେଇ ପ୍ରଶାସନିକ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

### ଜିଲ୍ଲାସ୍କୁଲ୍ ସମ୍ପତ୍ତିର ସୁରକ୍ଷା ଦାବି

# ବ୍ୟାପକ ଆନ୍ଦୋଳନ ପାଇଁ ଆହ୍ୱାନ

**ବାଲେଶ୍ୱର, ୩୦।୯ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ସ୍କୁଲ୍ ସମ୍ପତ୍ତିର ସୁରକ୍ଷା ଓ ସ୍କୁଲ୍ ଦଖଲରେ ଥିବା ୧୭ ଏକର ସମ୍ପତ୍ତିକୁ ସ୍କୁଲ୍ ନାମରେ ରେକର୍ଡ଼ଭୁକ୍ତ କରିବା ଦାବିରେ ଆସନ୍ତା ଦଶହରା ପରେ ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ଗଣବିକ୍ଷୋଭ, ଆସନ୍ତା ବିଧାନସଭାର ଶୀତକାଳୀନ ଅଧିବେଶନ ସମୟରେ ଭୁବନେଶ୍ୱରରେ ଗଣଧାରଣା ଓ ବାଲେଶ୍ୱର ଜିଲ୍ଲା ବନ୍ଦ ପାଇଁ ସିଭିଲ୍ ସୋସାଇଟି ଆହ୍ୱାନ ଦେଇଛି। ସୋମବାର ଦିନ ବାଲେଶ୍ୱର ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ସିଭିଲ୍ ସୋସାଇଟି, ସ୍କୁଲ୍ ପରିଚାଳନା କମିଟି ଓ ପୁରାତନ ଛାତ୍ର ସଂସଦର ପ୍ରତୀକ ଗଣଧାରଣା ସ୍ଥଳରେ ଏହି ଆହ୍ୱାନ ଦିଆଯାଇଛି। ବରିଷ୍ଠ ଆଇନଜୀବୀ ତଥା ସ୍କୁଲ୍‌ର ପୁରାତନ ଛାତ୍ର ଶରତ କୁମାର ମହାପାତ୍ର ମହାତ୍ମାଗାନ୍ଧିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରି ଗଣଧାରଣାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗଣଧାରଣା ସ୍ଥଳରେ ସୋସାଇଟିର ସମ୍ପାଦକ ମନୋଜ ନାୟକ, ସ୍କୁଲ୍ ପରିଚାଳନା କମିଟିର ସଭାପତି ସଞ୍ଜୀବ କୁମାର ମିଶ୍ର, ପୁରାତନ ଛାତ୍ର ସଂସଦର ସଭାପତି ଡାକ୍ତର ସୁରେନ୍ଦ୍ରନାଥ ସାହୁ, ସମ୍ପାଦକ ରାଜେଶ ଗିରି ପ୍ରମୁଖ ଗତ ୧୮୫୩ ମସିହାରେ ପ୍ରତିଷ୍ଠିତ ଏକ ଗୌରବମୟ ଶିକ୍ଷାନୁଷ୍ଠାନର ଦଖଲରେ ଥିବା ୧୭ ଏକର ସମ୍ପତ୍ତିକୁ ସ୍କୁଲ୍ ନାମରେ ରେକର୍ଡ଼ଭୁକ୍ତ କରିବାକୁ ଓ ସ୍କୁଲ୍‌ର ଖେଳପଡ଼ିଆଭାବେ ବ୍ୟବହାର ହେଉଥିବା ପୁରୁଣା ଷ୍ଟାଡିୟମ୍ ଭୂସମ୍ପତ୍ତି ମଧ୍ୟରେ ପୌର ପରିଷଦ ପକ୍ଷରୁ ନିର୍ମାଣାଧୀନ କଲ୍ୟାଣ ମଣ୍ଡପ କାର୍ଯ୍ୟକୁ ବନ୍ଦ କରିବାକୁ ଦାବି କରିଥିଲେ। ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗୀୟ ଉଚ୍ଚ ଅଧିକାରୀମାନଙ୍କୁ ବାରମ୍ବାର ମୌଖିକ ଏବଂ ଲିଖିତଭାବେ ଜଣାଇଲେ ମଧ୍ୟ କୌଣସି କର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିବା ସମ୍ପର୍କରେ ବକ୍ତାମାନେ ଅଭିଯୋଗ କରିଥିଲେ। ଗତ ୨୦୦୨ ମସିହାରେ ତତ୍‌କାଳୀନ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ତ୍ରିପାକ୍ଷିକ ରାଜିନାମାର ସର୍ତ୍ତ ଓ ରାଜ୍ୟପାଳ ଏବଂ ରାଜସ୍ୱ ବିଭାଗର ନିର୍ଦ୍ଦେଶକୁ ଜିଲ୍ଲାପ୍ରଶାସନ ଅଦ୍ୟାବଧି କାର୍ଯ୍ୟକାରୀ କରୁନଥିବାରୁ ଏତାଦୃଶ କାର୍ଯ୍ୟକୁ ବହୁ ବକ୍ତା ଦୃଢ଼ନିନ୍ଦା କରିଥିଲେ। ୧୭୧ ବର୍ଷର ଏକ ଗୌରବମୟ ଶିକ୍ଷାନୁଷ୍ଠାନ ଜିଲ୍ଲା ସ୍କୁଲ୍‌ର ଭୂସମ୍ପତ୍ତିକୁ ସ୍କୁଲ୍‌ନାମରେ ରେକର୍ଡ଼ଭୁକ୍ତ କରିବାକୁ ଧାରଣା ସ୍ଥଳରେ ଦାବି କରାଯାଇଥିଲା। ସିଭିଲ୍ ସୋସାଇଟିର ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ଆଗାମୀ ଆନ୍ଦୋଳନ ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ।




### ମଣ୍ଡଳସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ପୌର ପରିଷଦ ଅଧ୍ୟକ୍ଷା

# ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟା ଜ୍ଞାନକୁ ଗୁରୁତ୍ୱ

**ଖୋର୍ଦ୍ଧା, ୩୦।୯ (ସଂଚାର ବ୍ୟୁରୋ):** ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଖୋର୍ଦ୍ଧା ତରଫରୁ ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ମଣ୍ଡଳ ସ୍ତରୀୟ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଂଧ୍ୟାରାଣୀ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ରୂପେ ପୌର ପରିଷଦର ଅଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବରେ ତାପସ କୁମାର ନାୟକ, ଅଧ୍ୟକ୍ଷ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଯୋଗ ଦେଇ ମୌଳିକ ସ୍ତରର ପିଲାମାନଙ୍କର ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ବନ୍ଧୀୟ ସମସ୍ତ ଦକ୍ଷତା ଓ କୌଶଳ ହାସଲ କରିବାରେ ପିତାମାତା, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଜନ ପ୍ରତିନିଧିମାନଙ୍କର ମିଳିତ ସହଯୋଗର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନୀତ ଅତିଥିଭାବେ ପଞ୍ଚାୟତ ସମିତି, ଖୋର୍ଦ୍ଧାର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ ଓ ପୌର ପରିଷଦର



ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି ଯୋଗଦେଇ ମୌଳିକ ସ୍ୱାକ୍ଷରତା ଓ ସଂଖ୍ୟା ଜ୍ଞାନ ଉପରେ ଗୁରୁତ୍ୱ ଦେଇଥିଲେ। ଖୋର୍ଦ୍ଧା ବ୍ଲକର ୨୨ଗୋଟି ଗ୍ରାମପଞ୍ଚାୟତର ସରପଞ୍ଚମାନେ ଯୋଗଦେଇ ନିପୁଣ ଓଡ଼ିଶା କାର୍ଯ୍ୟକ୍ରମକୁ ସହଜ, ସରଳ ଓ ସୁନ୍ଦର କରି ବିଦ୍ୟାଳୟ ସ୍ତରରେ ନିଜର ଭୂମିକା ବିଷୟରେ ଅବଗତ ହେବା ସହ ଆଗାମୀ ଦିନରେ ନିପୁଣ ଓଡ଼ିଶା ସହିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କର ଆଗ୍ରହ ବୃଦ୍ଧି କରିବାରେ ସହାୟକ ହେବେ ବୋଲି ମତବ୍ୟକ୍ତ କରିଥିଲେ।

ଏହି କାର୍ଯ୍ୟକ୍ରମ ତୃଣ ମୂଳ ସ୍ତରରେ ଫଳପ୍ରଦ କରିବା ପାଇଁ ଶିକ୍ଷକ, ଅଭିଭାବକ, ଜନପ୍ରତିନିଧି, ସାମ୍ବାଦିକ, ପ୍ରଶାସନ ଓ ଶିକ୍ଷା ବିଭାଗର ଅଧିକାରୀଙ୍କ ସହ ସହଭାଗିତାର ଆବଶ୍ୟକତା ରହିଛି। ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ନିଶ୍ଚିତକୁ ଗୁରୁତ୍ୱ ପ୍ରଦାନ କରିବା ବୋଲି ମତବ୍ୟକ୍ତ କରିଥିଲେ। ଏହାକୁ ବିଦ୍ୟାଳୟ ସ୍ତରରେ କାର୍ଯ୍ୟକରିବା ପାଇଁ ଶପଥ ପାଠ କରିଥିଲେ। ଏହି ପରିପ୍ରେକ୍ଷୀରେ ସମସ୍ତ ଅତିଥିଙ୍କ ଦ୍ୱାରା ନିପୁଣ ଓଡ଼ିଶା ଲୋଗୋ ଉନ୍ମୋଚିତ କରିବା ପରେ ବନ୍ଦେ ମାତରଂ ସଙ୍ଗୀତ ଗାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଞ୍ଚଳିକ ସାଧନ ସଂଯୋଜକ କେନ୍ଦ୍ର ଯୁଧିଷ୍ଠିର ସାହୁ, ରବିନାରାୟଣ ପଣ୍ଡା, ଅମୀୟ କୁମାର ପରିଡ଼ା, ରେବତୀ ପଣ୍ଡା, ରବି ସାହୁ, ରବି ପ୍ରଧାନ, ଭାଗ୍ୟଶ୍ରୀ ମହାପାତ୍ର, ପୂର୍ଣ୍ଣଲକ୍ଷ୍ମୀ ମହାରଣା, ଅମୀୟ ଜେନା, ବିକାଶ ମୁଦୁଲି, ଧ୍ରୁବଚରଣ ରଣା, ପବିତ୍ର ଦଳେଇ, ପବିତ୍ର ପାଣି, ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ମଣ୍ଡଳ ସାଧନ ସଂଯୋଜକ ସଂଧ୍ୟାବତୀ ଲେଙ୍କା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୩୦।୯: ସ୍ୱଚ୍ଛତା ପାଇଁ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଜନ ଆନ୍ଦୋଳନ - ସ୍ୱଚ୍ଛ ଭାରତ ମିଶନ ଶୁଭାରମ୍ଭର ୧୦ ବର୍ଷ ପୂର୍ତ୍ତି ଉପଲକ୍ଷେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୫୫ତମ ଗାନ୍ଧୀ ଜୟନ୍ତୀ ଅବସରରେ ଅକ୍ଟୋବର ୨ ତାରିଖ ସକାଳ ପ୍ରାୟ ୧୦ଟାରେ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ସ୍ୱଚ୍ଛ ଭାରତ ଦିବସ ୨୦୨୪ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ୯୬୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପରିମଳ ଏବଂ ସ୍ୱଚ୍ଛତା ସହ ଜଡ଼ିତ ଅନେକ ପ୍ରକଳ୍ପର ଲୋକାର୍ପଣ ଏବଂ ଶିଳାନ୍ୟାସ କରିବେ। ଏଥିରେ ଅମୃତ ଓ ଅମୃତ ୨.୦ ଅଧୀନରେ ସହରାଞ୍ଚଳ ଜଳ ଓ ନର୍ଦ୍ଦମା ବ୍ୟବସ୍ଥାରେ ସୁଧାର ଆଣିବା ଉଦ୍ଦେଶ୍ୟରେ ୬,୮୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପ, ସ୍ୱଚ୍ଛ ଗଙ୍ଗା ପାଇଁ ଜାତୀୟ ମିଶନ ଅଧୀନରେ ଗଙ୍ଗା ଅବବାହିକା ଅଞ୍ଚଳରେ ଜଳର ଗୁଣବତ୍ତା ଏବଂ ବର୍ଜ୍ୟବସ୍ତୁ ପରିଚାଳନାରେ ଉନ୍ନତି ଆଣିବା ଲାଗି ୧୫୫୦ କୋଟିରୁ ଅଧିକ ଟଙ୍କାର ୧୦ଟି ପ୍ରକଳ୍ପ ଏବଂ ଗୋବର୍ଦ୍ଧନ ଯୋଜନା ଅଧୀନରେ ୧୩୩୨ କୋଟି ଟଙ୍କାରୁ ଅଧିକ ମୂଲ୍ୟର ୧୫ଟି କମ୍ପ୍ରେସ୍‌ଡ୍ ବାୟୋଗ୍ୟାସ୍ (ସିବିଜି) ପ୍ଲାଣ୍ଟ ପ୍ରକଳ୍ପ ସାମିଲ ରହିଛି।

# ପ୍ରାଣୀ ଚିକିତ୍ସକ ପ୍ରଶିକ୍ଷଣ ପ୍ରତିଷ୍ଠାନର ସମ୍ମିଳନୀ ଗୃହ ଉଦ୍‌ଘାଟିତ

## 'ପ୍ରଶିକ୍ଷଣ, ଦକ୍ଷତା ବୃଦ୍ଧି ଓ ତାଲିମ କାର୍ଯ୍ୟକ୍ରମ ସଂପ୍ରସାରିତ ହେବ'




ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ଏବଂ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ଆଜି ପୂର୍ବାହ୍ନରେ ଲକ୍ଷ୍ମୀସାଗରଠାରେ ପ୍ରାଣୀଚିକିତ୍ସକ ପ୍ରଶିକ୍ଷଣ ପ୍ରତିଷ୍ଠାନ ନବୀକୃତ ସମ୍ମିଳନୀ ଗୃହକୁ ଉଦ୍‌ଘାଟନ କରିଛନ୍ତି। ଏହି ଗୃହ ପ୍ରାଣୀସଂପଦ ବିକାଶ କ୍ଷେତ୍ରରେ କାର୍ଯ୍ୟରତ ଅଧିକାରୀ, ସହାୟକ ତଥା ଉଦ୍ୟୋଗୀମାନଙ୍କ ପ୍ରଶିକ୍ଷଣ, ଦକ୍ଷତା ବୃଦ୍ଧି ଏବଂ ତାଲିମ କାର୍ଯ୍ୟକ୍ରମ ସଂପ୍ରସାରଣରେ ଯଥେଷ୍ଟ ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ ଉଲ୍ଲେଖ କରିଛନ୍ତି। ଏଲ୍ ଇଡି ସ୍କ୍ରିନ୍, ଡିଜିଟାଲ ପୋଡିୟମ୍ ଓ ପ୍ରାୟ ୧୦୦ ଅଂଶଗ୍ରହଣକାରୀଙ୍କ ଆରାମଦାୟକ ଆସନ ଏବଂ ଆଧୁନିକ ସାଜସରଞ୍ଜାମବିଶିଷ୍ଟ ଏହି ସମ୍ମିଳନୀ କକ୍ଷ ଉଦ୍‌ଘାଟନ କରି ମନ୍ତ୍ରୀ କହିଛନ୍ତି ଯେ ନୂତନ ଯୋଜନା ପ୍ରଣୟନ ଏବଂ ଆର୍ଥିକ ସହାୟତା ଯୋଗାଣ ମାଧ୍ୟମରେ ପ୍ରାଣୀପାଳକମାନଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଏହାକୁ ଦୃଷ୍ଟିରେ ରଖି 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା' ରାଜ୍ୟ କ୍ୟାବିନେଟ୍‌ରେ ଅନୁମୋଦିତ ହୋଇଛି। ଏହି ଯୋଜନା ଫଳରେ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ବୃଦ୍ଧି, ଗୋ-ବିକାଶ ଓ ଗୋପାଳକଙ୍କ ଆର୍ଥିକ ଉନ୍ନତି ହୋଇପାରିବ ଏବଂ ପ୍ରାୟ ୧୫ ଲକ୍ଷ ଗୋପାଳକ ଏହି ଯୋଜନାରେ ଉପକୃତ ହେବେ। ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ତାଲିମ ଓ ପ୍ରଶିକ୍ଷଣକୁ ଅଗ୍ରାଧିକାର ଦିଆଯିବ। ନୂତନ ସମ୍ମିଳନୀ ଗୃହ ଏହି କ୍ଷେତ୍ରରେ ଭିତିଭୂମିକୁ ସୁଦୃଢ଼ କରିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ଏହି ସମ୍ମିଳନୀ ଗୃହ ଅଧିକ ସଂଖ୍ୟକ ତାଲିମ କାର୍ଯ୍ୟକ୍ରମ ଆୟୋଜନ ପ୍ରକ୍ରିୟାକୁ ସହଜ କରିବ ବୋଲି ପ୍ରକାଶ କରିଥିଲେ। ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ବିଭାଗ ନିର୍ଦ୍ଦେଶକ ରାମାଶିଷ ହଜାରୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ବିଭାଗର ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ମାନ୍ଦ୍ରାଜ ଉତ୍କଳ ଆସୋସିଏସନ୍ ପକ୍ଷରୁ ଉତ୍କଳ ଦିବସ ସମାରୋହ




ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): ଓଡ଼ିଶାକୁ ଏକ ପ୍ରଭାବୀ ଆର୍ଥିକ ଶକ୍ତିରେ ପରିଣତ କରିବାକୁ ରାଜ୍ୟ ସରକାର ସଂକଳ୍ପବଦ୍ଧ। ଭାରତର ବିଭିନ୍ନ ପ୍ରାନ୍ତରେ ଥିବା ଓଡ଼ିଆମାନେ ଏହି ବିକାଶ ଯାତ୍ରାରେ ସାମିଲ ହେବାକୁ ଇସ୍ପାତ ଓ ଖଣି, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରକାଶ କରିଛନ୍ତି। ଗତକାଲି ଚେନ୍ନାଇଠାରେ ମାନ୍ଦ୍ରାଜ ଉତ୍କଳ ଆସୋସିଏସନ୍‌ର ବାର୍ଷିକୋତ୍ସବ ତଥା ଉତ୍କଳ ଦିବସ ପାଳନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଜେନା କହିଛନ୍ତି ଯେ ଗୌରବମୟ ଇତିହାସ, ସାମୁଦ୍ରିକ ବାଣିଜ୍ୟ, କଳା-ଭାସ୍କର୍ଯ୍ୟ, ବିପୁଳ ଖଣିଜ ସଂପଦ, ଦୀର୍ଘ ବେଳାଭୂମି ଓ ପର୍ଯ୍ୟଟନ ବିଭବ ପାଇଁ ଓଡ଼ିଶାର ଅର୍ଥନୀତି ଦ୍ରୁତ ହୋଇପାରିବ। ଜେନା ଓଡ଼ିଶାରେ ନୂତନ ସରକାର ଗ୍ରହଣ କରିଥିବା ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକ ବାବଦରେ ସୂଚନା ଦେଇ ରାଜ୍ୟର ଖଣିଜ ସଂପଦ, ପରିବହନ, ଯୋଗାଯୋଗ ଓ ଶିଳ୍ପ କ୍ଷେତ୍ରରେ ସଂଘଟିତ ଉନ୍ନତି ସାଙ୍ଗକୁ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ପ୍ରାୟୋଜିତ ବିଭିନ୍ନ କଲ୍ୟାଣକର କାର୍ଯ୍ୟକ୍ରମଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଆସୋସିଏସନ୍‌ର ସଭାପତି ପବିତ୍ର ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ନ୍ୟାସନାଲ୍ କମ୍ପାନୀ ର ଆସିଲେଟ୍ ଟ୍ରିକ୍ସ ୱାରର ବୈଷୟିକ ସଦସ୍ୟ ଯତୀନ୍ଦ୍ରନାଥ ସ୍ୱାର୍ଟେ, ଇଣ୍ଡିଆନ୍ ବ୍ୟାଙ୍କର ଏକ୍ୟୁଟିଭ୍ ଡାଇରେକ୍ଟର ଆଶୁତୋଷ ଚୌଧୁରୀ ଏବଂ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ପରିଚାଳନା ନିର୍ଦ୍ଦେଶକ ଦୀପ୍ତେଶ କୁମାର ପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ଇଷ୍ଟ୍ ମାନ୍ଦ୍ରାସ୍ଥିତ ଓଡ଼ିଆମାନେ ସବୁବେଳେ ଆନ୍ତଃରାଜ୍ୟ ସାମାଜିକ-ସାଂସ୍କୃତିକ ଓ ବୌଦ୍ଧିକ ସଂପର୍କକୁ ଦୃଢ଼ କରିବାରେ ପ୍ରୟାସୀ ରହିବେ ବୋଲି ଆଶା ପ୍ରକଟ କରିଥିଲେ। ଆସୋସିଏସନ୍‌ର ସଂପାଦକ ପ୍ରଭାସ ପତି ମଧ୍ୟ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଅବଦାନ କୁଟାନ୍ତୁ ବିଭିନ୍ନ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଏକତା ବ୍ୟାଙ୍କୁ ଗ୍ରୁପ୍ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ସମେତ ପ୍ରଖ୍ୟାତିକା ପି. ଷଡଙ୍ଗୀଙ୍କ ଭାରତ ନାଟ୍ୟମ୍ ଓ ମାନସୀଙ୍କ ଓଡ଼ିଶୀ ନୃତ୍ୟ ପରିବେଷିତ ହୋଇଥିଲା। ସମାରୋହରେ ଚେନ୍ନାଇସ୍ଥିତ ଶହ ଶହ ଓଡ଼ିଆ ଭାଇଭଉଣୀ ଉପସ୍ଥିତ ରହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ।

# ହାଇକୋର୍ଟର ପୂର୍ବତନ ବିଚାରପତିଙ୍କ ସୋଆ ପରିଦର୍ଶନ



ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ନ୍ୟାୟମୂର୍ତ୍ତୀ ସୁବାଷ ଚନ୍ଦ୍ର ପରିଜା ସୋମବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ସୋଆ ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କ ଦ୍ୱାରା ଆମନ୍ତ୍ରିତ ହୋଇ ନ୍ୟାୟମୂର୍ତ୍ତୀ ପରିଜା ବିଶ୍ୱବିଦ୍ୟାଳୟକୁ ଆସି ସଭାପତିଙ୍କ ସହ ଆଲୋଚନା କରିଥିଲେ। ପ୍ରଫେସର (ଡକ୍ଟର) ନାୟକ ପୂର୍ବତନ ବିଚାରପତିଙ୍କୁ ସ୍ୱାଗତ କରିବା ସହ ସୋଆ ପରିଚାଳିତ ଆଇନ ମହାବିଦ୍ୟାଳୟ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଲ (ସ୍ନିଲ୍) ବିଷୟରେ ଆଲୋଚନା କରିଥିଲେ। ପ୍ରଫେସର (ଡକ୍ଟର) ନାୟକ ସ୍ନିଲ୍‌ର ପାଠ୍ୟକ୍ରମ, ଶୈକ୍ଷିକ ବ୍ୟବସ୍ଥା ଓ ଭିତିଭୂମୀ ବିଷୟରେ ତାଙ୍କୁ ଅବଗତ କରିଥିଲେ। ଏହି ଅବସରରେ ସ୍ନିଲ୍‌ର ଶିକ୍ଷା ବ୍ୟବସ୍ଥା ଓ ଗୁଣବତାକୁ କିଭଳି ଅଧିକ ଉନ୍ନତ କରାଯାଇପାରିବ ଓ ଏହି ଶିକ୍ଷାନୁଷ୍ଠାନ ବିଶ୍ୱସ୍ତରରେ ନିଜକୁ ପ୍ରତିପାଦିତ କରିପାରିବ ସେ ବିଷୟରେ ନ୍ୟାୟମୂର୍ତ୍ତୀ ପରିଜା ଦିଗଦର୍ଶନ ଦେଇଥିଲେ। ଗତବର୍ଷ ନ୍ୟାୟମୂର୍ତ୍ତୀ ପରିଜା ସ୍ନିଲ୍ ପରିଦର୍ଶନରେ ଆସି ଏହାର ମୁଟକୋର୍ଟ କମ୍ପ୍ଲେକ୍ସକୁ ଉଦ୍‌ଘାଟନ କରିଥିଲେ। ସ୍ନିଲ୍ ୨୦୨୪ରେ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁସ୍‌ନାଲ ର୍‌ୟାଙ୍କିଙ୍ଗ ଫ୍ରେମୱର୍କ (ଏନଆଇଆର୍‌ଏଫ୍) ର୍‌ୟାଙ୍କିଙ୍ଗରେ ଦେଶରେ ୯ମ ସ୍ଥାନ ଅଧିକାର କରିଥିଲା।

# ଟ୍ୱିନ୍ ସିଟି କ୍ରାଇମ୍

## ସାଇବର କାଫେରେ ଆର୍‌ଆଇ ପରୀକ୍ଷା

ଭୁବନେଶ୍ୱର,(ସଂଚାର ବ୍ୟୁରୋ): ରାଜ୍ୟରେ ସରକାର ଚାକିରି କରାଇଦେବାକୁ ଅନେକ ଦଲାଲ ମାତିଥିବା ବେଳେ ରାଜଧାନୀ ଭୁବନେଶ୍ୱରରେ ଏକ ସାଇବାର କାଫେରେ ଗ୍ରୁପ୍-ସି ଚାକିରି ପାଇଁ ପରୀକ୍ଷା କରାଯାଉଥିବା ଅଭିଯୋଗ ହୋଇଛି। ଓଡ଼ିଶା ସବୋର୍ଡିନେଟ ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସଏସଏସପି) ଦ୍ୱାରା ଆରଆଇ, ଏଆରଆଇ, ଆଇସିଡିଏସ୍ ସୁପର ଭାଇଜର ଅମିନ ପରୀକ୍ଷା ଏହି ପରୀକ୍ଷା ହେଉଥିବା ବେଳେ ପରୀକ୍ଷା କେନ୍ଦ୍ରରେ ବିଳମ୍ବ କାରଣରୁ ବିବାଦ ସୃଷ୍ଟି ହୋଇଛି। ସୂଚନା ଯୋଗ୍ୟଯେ, ଭୁବନେଶ୍ୱର ନୟାପଲ୍ଲୀ ଅଞ୍ଚଳରେ ଥିବା କମ୍ପ୍ୟୁଟର ସେଣ୍ଟରରେ ପରୀକ୍ଷା ହେଉଥିବା ବେଳେ ବିଳମ୍ବରେ ପରୀକ୍ଷା ଆରମ୍ଭ ହେବାକୁ ନେଇ କେନ୍ଦ୍ରରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବର ପାଇ ଘଟଣା ସ୍ଥଳରେ ଉତ୍ତେଜନା ପରେ ବରିଷ୍ଠ ଅଧିକାରୀ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣରେ ଆଣିଥିଲେ। ତେବେ ପରୀକ୍ଷାର୍ଥୀମାନେ ଅଭିଯୋଗ କରିଛନ୍ତି, ଓଏସଏସଏସସି ଏକ ସାଇବର କାଫେରେ ପରୀକ୍ଷା କରୁଛି। ପରୀକ୍ଷା କେନ୍ଦ୍ର ତଳେ ହୋଟେଲ ରହିଥିବାରୁ ବିନା ଆଇକାର୍ଡରେ ଲୋକମାନେ ମନଇଚ୍ଛା ଭିତରକୁ ପ୍ରବେଶ କରୁଛନ୍ତି। ଫଳରେ ପରୀକ୍ଷାରେ ସ୍ୱଚ୍ଛତା ରହିବା ନେଇ ପ୍ରଶ୍ନ ଉଠିଛି।

## କନ୍ଧମାଳରୁ ରାଜଧାନୀ ଗଞ୍ଜେଇ ଚାଲାଣ

### ପୁଲିସ ଦେଖି କାର ଛାଡି ଫେରାର ବେପାରୀ:୧ କ୍ୱିଣ୍ଟାଲ ଗଞ୍ଜେଇ ଜବତ

ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): ଆଜି ସକାଳୁ ସକାଳୁ କନ୍ଧମାଳରୁ କିଛି ଚୋରା ନିଶା ବେପାରୀ କାରରେ ଗଞ୍ଜେଇ ନେଇ ଭୁବନେଶ୍ୱର ଆସୁଥିଲେ। ହେଲେ ଖବର ପାଇ ତମାଣ୍ଡୋରେ ଛକିଥିଲା କମିଶନରେଟ୍ ପୁଲିସର ସ୍ପେଶାଲ କ୍ରାଇମ ୟୁନିଟ୍ ଟିମ। ଏହି ଖବର ଜାଣିବା ପରେ ଅଭିଯୁକ୍ତ ମାନେ ପୁଲିସକୁ ଚକମା ଦେଇ ଗୋହିରିଆ ଛକରୁ ବାଁକୁ କାର ବୁଲାଇ ଦୃତ ଗତିରେ ମଦନପୁର ରୋଡରେ ଫେରାର ହୋଇ ଏକ ବିଲ ଭିତର ଗଳି ରାସ୍ତାରେ ଗାଡି ଛାଡି ଫେରାର ହୋଇଯାଇଛନ୍ତି। ଫଳରେ ପୁଲିସ ଏକ ଓଡ଼ି୦୨-ସିଡ଼ବ୍ଲ୍ୟୁ- ୮୮୨୮ ନମ୍ବର ରହିଥିବା ଡିଜାର କାରକୁ ଜବତ କରିବା ସହ କାର ଭିତରୁ ୧ କ୍ୟୁଣ୍ଟାଲ ଗଞ୍ଜେଇ ଜବତ କରିଛି। ସୂଚନା ଯୋଗ୍ୟଯେ, ସୋମବାର ସକାଳୁ ଏକ କାରରେ କିଛି ବେପାରୀ କନ୍ଧମାଳରୁ ଗଞ୍ଜେଇ ନେଇ ଭୁବନେଶ୍ୱର ଆସୁଥିବା ସ୍ପେଶାଲ କ୍ରାଇମ ୟୁନିଟ୍ ଟିମ ଜାଣିବାକୁ ପାଇଥିଲା। ପରେ ଟିମ ତମାଣ୍ଡୋ ଜାତୀୟ ରାଜପଥରେ ଛପି ବସିଥିଲା। ଏହି ସମୟରେ ଏକ ଡିଜାର କାର ଦୃତ ଗତିରେ ଆସୁଥିବା ଦେଖି ପୁଲିସ ଟିମ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା ବେଳେ, ଅଭିଯୁକ୍ତ ମାନେ ହଠାତ ଗୋହରିଆ ଛକରୁ ବାଁ ପଟ ରାସ୍ତାକୁ ବୁଲାଇ ଦୃତ ଗତିରେ ମଦନପୁର ରୋଡରେ ଯାଇଥିଲେ। ଏତିକି ବେଳେ ପୁଲିସ ମଧ୍ୟ ସେମାନଙ୍କୁ ପିଛା କରିଥିଲା। ପୁଲିସ ପିଛି କରିବା ଦେଖି ଅଭିଯୁକ୍ତ ମାନେ କାଇମାଟିଆ ରୋଡର ଏକ ବିଲ ଭିତରକୁ ଯାଇଥିବା ମାଟି ରୋଡରେ କାରକୁ ପୁରାଇ ସେଠାରେ କାର ଛାଡି ବିଲରେ ଫେରାର ହୋଇଯାଇଥିଲେ। ଫଳରେ ପୁଲିସ ଟିମ କାରକୁ ଜବତ କରିବା ସହ କାର ଭିତରୁ ୧୦୦ କେଜି ଗଞ୍ଜେଇ ଜବତ କରିଛି। ଏନେଇ ପୁଲିସ ଏକ ମାମଲା ରୁଜୁକରିବା ସହ ଅଭିଯୁକ୍ତଙ୍କୁ ଧରିବାକୁ ତଦନ୍ତ ଆରମ୍ଭ କରିଛି।

# ଗୋରାପୁର-ଦର୍ଲିପୁର ସେକ୍ସନ ଦୋହରୀକରଣ ପୂର୍ବତଟ ରେଳପଥ ପାଇଁ ମାଇଲଖୁଣ୍ଟ



ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): ପୂର୍ବତଟ ରେଳପଥର ୱାଲ୍ଟିୟର ଡିଭିଜନ ଆଜି ୧୨.୬୪୯ କିଲୋମିଟର ଗୋରାପୁର-ଦର୍ଲିପୁଟ ସେକ୍ସନ ଦୋହରୀକରଣ କାର୍ଯ୍ୟକ୍ଷମ ହେବା ସହ ରେଳ ସୁରକ୍ଷା କମିଶନର (ଦକ୍ଷିଣ ପୂର୍ବ ସର୍କଲ) ବ୍ରିଜେଶ କୁମାର ମିଶ୍ରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ହୋଇଛି। କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଯାଞ୍ଚ କରାଯାଇଥିଲା। ସମୁଦାୟ ୧୨.୬୪୯ କିଲୋମିଟର ମଧ୍ୟରୁ ୨ କିଲୋମିଟର ଆନ୍ଧ୍ରପ୍ରଦେଶରେ ଥିବା ବେଳେ ଅବଶିଷ୍ଟ ଅଂଶ ଓଡ଼ିଶାରେ ରହିଛି। ୱାଲ୍ଟିୟର ରେଳ ମଣ୍ଡଳ ପ୍ରବନ୍ଧକ ସୌରଭ ପ୍ରସାଦଙ୍କ, ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ) ଡି ଶ୍ରୀନିବାସ ରାଓ, ସୁଧୀର କୁମାର ଗୁପ୍ତା, ଏଡିଆରଏମ (ଇନଫ୍ରା), ମୁଖ୍ୟ ସେତୁ ଯନ୍ତ୍ରୀ ଅଶୋକ କୁମାର, ମୁଖ୍ୟ ସଂକେତ ଯନ୍ତ୍ରୀ ଡି.କେ ମଲ୍ଲିକ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ରେଳ ସୁରକ୍ଷା କମିଶନର ପରିଚାଳନାଗତ ନିରାପତ୍ତା ଏବଂ ଦକ୍ଷତା ପାଇଁ ଗୁରୁତ୍ୱପୂର୍ଣ୍ଣ ବ୍ୟାପକ ଯାଞ୍ଚ ଏବଂ ପରୀକ୍ଷଣର ତଦାରଖ କରିଥିଲେ। ମୋଟର ଟ୍ରଲିର ଟ୍ରାକ୍ ଆକଳନ, ଦର୍ଲିପୁଟ, ଗୋରାପୁର ରେଳ ଷ୍ଟେସନର ମୂଲ୍ୟାୟନ, ନୂତନ ସିଗନାଲ୍ ବ୍ୟବସ୍ଥାର ଯାଞ୍ଚ, ନବନିର୍ମିତ ଦୁଇଟି ପ୍ରମୁଖ ସେତୁ ଓ ୨୮ଟି କ୍ଷୁଦ୍ର ସେତୁର ଯାଞ୍ଚ କରାଯାଇଥିଲା। ଏହାବ୍ୟତୀତ ନୂତନ ଭାବେ ବିଛାଯାଇଥିବା ଲାଇନରେ ସ୍ପିଡ୍ ଟ୍ରାଏଲ୍ ସଫଳ ଭାବେ କରାଯାଇଥିଲା।

# ଅର୍ଥ ବ୍ୟବସ୍ଥାରେ ସୁଧାର ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): ଦେଶର ଆର୍ଥିକ ସ୍ଥିତିକୁ ସୁଧାରିବା ପାଇଁ ଭାରତ ସରକାର ତାଙ୍କର ତତ୍ପରତା ପ୍ରକାଶ କରିଛନ୍ତି। ଦୀର୍ଘ ୧୧ ବର୍ଷ ଧରି ସ୍ଥଗିତ ଥିବା ଆନ୍ତର୍ଜାତୀୟ ବାଣିଜ୍ୟିକ ବ୍ୟବସ୍ଥାରେ ନୂଆ ନିଷ୍ପତ୍ତି ନେଇଛନ୍ତି। କଲିକତା ଡିଆରଡିଓ ଅଧୀନରେ ପଡ଼ିରହିଥିବା ବହୁ ପ୍ରାଚୀନତମ ଧାତୁର ବ୍ୟବସାୟୀକ ଅନୁମତି ପାଇଁ କମ୍ପାନୀଗୁଡିକୁ ଅନୁମତି ପ୍ରଦାନ କରିଛନ୍ତି ସରକାର। ଏଥି ମଧ୍ୟରୁ ଓଡ଼ିଶାରୁ ବିଜୟ ଦାଶଙ୍କର ୩ ଲକ୍ଷ ୮୦ ହଜାର କୋଟି ଟଙ୍କାର ବ୍ୟବସାୟୀକ ଅର୍ଥକୁ ପ୍ରଦାନ କରିବା ପାଇଁ ଆନ୍ତର୍ଜାତୀୟ କମ୍ପାନୀଙ୍କୁ ଅନୁମତି ଦିଆଯାଇଥିବା ଜଣାଯାଇଛି। ଦାଶଙ୍କର ଏହି ଅର୍ଥ ୨୦୨୦ ମସିହାରୁ ପଡ଼ି ରହିଥିଲା ବୋଲି ଏକ ଅସମର୍ଥିତ ସୂତ୍ରରୁ ଜଣାଯାଇଛି।

# ରାଜନୈତିକ ଫାଇଦା ପାଇଁ ସାମ୍ପ୍ରଦାୟିକ ବୟାନବାଜି



ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): ଭାଙ୍ଗି ପଡ଼ିଥିବା ବିଜେଡି କର୍ମୀଙ୍କୁ ବୋଧ ଦେବାକୁ ଯାଇ ବିଜେଡି ସଭାପତି ନବୀନ ବାବୁ ନିଜେ ଶେଷରେ ଏତେ ତଳକୁ ଖସିଯିବେ ତାହା ଆଶ୍ଚର୍ଯ୍ୟ ଲାଗୁଛି। ନବୀନ ବାବୁଙ୍କ ବକ୍ତବ୍ୟରୁ ଏହା ପ୍ରମାଣିତ ହେଉଛି ଯେ ନବୀନ ବାବୁ ନିଜେ ଓଡ଼ିଶାକୁ ଅଶାନ୍ତି କରିବା ପାଇଁ ଚାହୁଁଛନ୍ତି। ନବୀନ ବାବୁ ନିଜେ କ୍ରମାଗତ ୨୪ ବର୍ଷ ଧରି ରାଜ୍ୟର ମୁଖ୍ୟମନ୍ତ୍ରୀ ଥିଲେ। ସେ ପ୍ରଥମେ ଉତର ଦିଅନ୍ତୁ ଯେ, କନ୍ଧମାଳ ଦଙ୍ଗା ସମୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ କିଏ ଥିଲେ? ୨୦୧୭ରେ ରାମ ନବମୀ ସମୟରେ ଭଦ୍ରକରେ ହୋଇଥିବା ଦଙ୍ଗା ସମୟରେ ରାଜ୍ୟର ମୁଖ୍ୟମନ୍ତ୍ରୀ କିଏ ଥିଲେ? ନିଜେ ନବୀନ ବାବୁ ମୁଖ୍ୟମନ୍ତ୍ରୀ ଥିଲେ ନା ନାହିଁ ତାହା ସ୍ପଷ୍ଟ କରନ୍ତୁ। ୨୦୨୧ରେ ସମ୍ବଲପୁର ହନୁମାନ ଜୟନ୍ତୀ ସମୟରେ ହୋଇଥିବା ପଥରମାଡ ଆଉ ଦଙ୍ଗା ସମୟରେ ରାଜ୍ୟରେ କେଉଁ ଦଳ ଶାସନ କରୁଥିଲା ? ୨୪ ବର୍ଷରେ ଓଡ଼ିଶାରେ ଅଶାନ୍ତି ବାଣ୍ଟିଥିବା ନବୀନ ବାବୁ ଏବେ ନିଜର ରାଜନୈତିକ ରୁଟି ସେକିବା ପାଇଁ ଶେଷରେ ସାମ୍ପ୍ରଦାୟିକ ବୟାନ ବାଜି କରିବା ନିନ୍ଦନୀୟ ବୋଲି ମୁଖପାତ୍ର ଅନୀଲ ବିଶ୍ୱାଳ କହିଛନ୍ତି। ବିଶ୍ୱାଳ କହିଛନ୍ତି ଯେ ଏବେ ଭଦ୍ରକରେ ହୋଇଥିବା ଦଙ୍ଗାରେ ଗିରଫ ହୋଇଥିବା ଦଙ୍ଗାକାରିମାନଙ୍କ ଫଟୋ ବିଜେଡିର ବିଧାୟକଙ୍କ ସହିତ ରହିଛି। ସେମାନେ ବିଜେଡିର ସକ୍ରିୟ ଓ ଆଗ ଧାଡିର ସଦସ୍ୟ ଅଟନ୍ତି। ନବୀନ ବାବୁ ନିଜେ କନ୍ଧମାଳ ଦଙ୍ଗାର ମୁଖ୍ୟ ଷଡଯନ୍ତ୍ରକାରୀଙ୍କୁ ରାଜ୍ୟସଭା ଟିକେଟ ଦେଇ ସାଂସଦ କରିଛନ୍ତି।

# ତୀର୍ଥ ବୁଲାଇ ନେବାକୁ କହି ୧.୨କୋଟି ଠକେଇ



ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): ତୀର୍ଥଯାତ୍ରୀଙ୍କୁ ବୁଲାଇବାକୁ କହି ୧ କୋଟି ୨୦ ଲକ୍ଷ ଠକେଇ। ଆଇ-ଆଦାମ ଟୁର ଆଣ୍ଡ ଟ୍ରାଭେଲସ ବିରୋଧରେ ଅଭିଯୋଗ ପରେ ମୁମ୍ବାଇରୁ ଗିରଫ ହେଲା ଅଭିଯୁକ୍ତ ନାବିଲ ଅବଦୁଲ ମୁବିନ ଶେଖ। ଇଓଡବ୍ଲୁ କେସ ନମ୍ବର ୧୧ ଦଫା ୪୨୦, ୪୦୬, ୪୬୭, ୪୬୮, ୪୭୧, ୧୨୦ ବି ଗିରଫ ପରେ ଅଭିଯୁକ୍ତ ଜଣଙ୍କୁ ଟ୍ରାଞ୍ଜିଟ ରିମାଣ୍ଡରେ ଭୁବନେଶ୍ୱର ଅଣାଯାଉଛି। ଏ ନେଇ ଧାମନଗର କୁଜିମହଲାର ଖୁର୍ସିଦ ଅଭିଯୋଗ ଆଣିବା ପରେ ତଦନ୍ତ କରିଥିଲା ଇଓଡ଼ବ୍ଲୁ। ୨୦୧୩ ରୁ ୨୦୨୩ ମଧ୍ୟରେ ଏହି ସଂସ୍ଥା ମୁଣ୍ଡପିଛା ପାଖାପାଖି ୫୦ ହଜାର ଟଙ୍କା କଲେକ୍ଟ କରିବା ସହିତ ଆରବ ଦେଶ ଯେପରିକି ମକ୍କା ମଦିନା ବୁଲାଇନେବାକୁ ସୋସିଆଲ ମିଡିଆରେ ବିଜ୍ଞାପନ ଦେଇଥିଲା। ଭଦ୍ରକ, ବାଲେଶ୍ୱର, ବାରିପଦାର ୧୯୦ ଯାତ୍ରୀ ଦଳ ଏଭଳି ଠକେଇର ଶିକାର ହୋଇଥିଲେ। ତଦନ୍ତ ବେଳେ ଦିଲ୍ଲୀ ଓ ମୁମ୍ବାଇର କିଛି ଯାତ୍ରୀ ମଧ୍ୟ ଠକେଇର ଶିକାର ହୋଇଥିବା ଜାଣିପାରିଛି ଇଓଡ଼ବ୍ଲୁ। ଆବଶ୍ୟକ ସ୍ଥଳେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବ ବୋଲି କହିଛନ୍ତି ଇଓଡ଼ବ୍ଲୁ ଏସପି।

# ମହଙ୍ଗା ପଡିଲା ଫେକ୍ ଫଟୋ ଭାଇରାଲ

ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): ମହଙ୍ଗା ପଡିଲା ବିବାହିତା ମହିଳାଙ୍କ ଫଟୋ ଏଡିଟ କରି ସୋସିଆଲ ମିଡିଆରେ ଅଶ୍ଳୀଳ ଫଟୋ ଛାଡିବା। କମିଶନରେଟ ପୋଲିସ ର ଏଚଇଆର ଟିମ ଦ୍ୱାରା ଗିରଫ ହେଲେ ଅଭିଯୁକ୍ତ ପ୍ରଦୀପ ପ୍ରଧାନ। ପ୍ରଦୀପଙ୍କ ଘର କଟକ ଜିଲ୍ଲା ନରସିଂହପୁର। ଭୁବନେଶ୍ୱର ବଡ଼ଗଡ଼ ଥାନାରେ ପୀଡିତା ଦେଇଥିବା ଅଭିଯୋଗ ମୁତାବକ ପ୍ରଦୀପ ଗତ କିଛି ଦିନତଳୁ ତାଙ୍କୁ ଅଶ୍ଳୀଳ ମେସେଜ ଦେଇ ଆସୁଥିଲେ। ସେ ସମ୍ପର୍କରେ ପୀଡିତା ଜଣଙ୍କ ତାଙ୍କ ସ୍ୱାମୀଙ୍କୁ ଜଣାଇବା ପରେ ପ୍ରଦୀପ ପିଡିତାଙ୍କ ଫେସବୁକ ପ୍ରୋଫାଇଲ ରୁ କିଛି ଫଟୋ ଡାଉନଲୋଡ କରିଥିଲେ। ପରେ କିଛି ଫେକ ଆକାଉଣ୍ଟ ଖୋଲି ସେହି ଫଟୋ କୁ ଏଡିଟ କରି ଅଶ୍ଳୀଳ ଭାବେ ପୋଷ୍ଟ କରୁଥିଲେ। ପିଡିତାଙ୍କ ସ୍ୱାମୀଙ୍କୁ ଜୀବନରୁ ମାରିବାକୁ ଧମକ ମଧ୍ୟ ଦେଉଥିଲେ। ଏପରିକି ସ୍ୱାମୀଙ୍କ ପର୍ସନାଲ ନମ୍ବରକୁ ପିଡିତାଙ୍କ କିଛି ଫଟୋ, ଭିଡିଓ ଏଡିଟ କରି ପଠାଇ ଦୁହିଁଙ୍କୁ ମାନସିକ ଭାବେ ନିର୍ଯ୍ୟାତନା ଦେଇଆସୁଥିଲେ।

# ଡ. ପ୍ରଦୀପ କୁମାର ରାଉତ ଓକାକ୍‌ର ମୁଖ୍ୟ କାର୍ଯ୍ୟନର୍ବାହୀ ଅଧିକାରୀ ନିଯୁକ୍ତ



ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): ବରିଷ୍ଠ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ଡ. ପ୍ରଦୀପ କୁମାର ରାଉତ ଓକାକ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଏକ୍ସଆଇଏମ୍‌ବିରୁ ଶିକ୍ଷା ଗ୍ରହଣ କରିବା ସହିତ ମ୍ୟାନେଜମେଣ୍ଟରେ ଡକ୍ଟରେଟ ଉପାଧି ହାସଲ କରିଛନ୍ତି। ତାଙ୍କର ଗବେଷଣା ଗୁଡ଼ିକ ମୁଖ୍ୟତଃ ଇ-ଗଭର୍ଣ୍ଣାନ୍ସ, ନାଗରିକ କେନ୍ଦ୍ରିକ ସେବା ପ୍ରଦାନ, ଜନ ନୀତି ଏବଂ ନେତୃତ୍ୱ ଉପରେ ଗୁରୁତ୍ୱ ଦେଇଥାଏ। ତାଙ୍କର ସୂଚନା ପ୍ରଯୁକ୍ତିବିଦ୍ୟା ତଥା ଇ-ଗଭର୍ଣ୍ଣାନ୍ସ ସେବା ସମ୍ବନ୍ଧୀୟ ପ୍ରକଳ୍ପ କାର୍ଯ୍ୟାନ୍ୱୟନ କରିବାରେ ବିଶେଷ ଅଭିଜ୍ଞତା ଅଛି। ଏହା ପୂର୍ବରୁ ସେ ଓଡ଼ିଶା ଇ-ଗଭର୍ଣ୍ଣାନ୍ସ ସର୍ଭିସ ଲିମିଟେଡ଼ର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଥିଲେ। ବିଭିନ୍ନ ଇ-ଗଭର୍ଣ୍ଣାନ୍ସ ସମ୍ବନ୍ଧୀୟ ପ୍ରକଳ୍ପ ଯଥା ଇ-ରେଜିଷ୍ଟ୍ରେସନ, ଡାଟାଏଣ୍ଟ୍ରି, ଓସ୍ୱାନ, ଓସ୍ୱାସ, ଜନସେବା କେନ୍ଦ୍ର ଇତ୍ୟାଦି ସଫଳତାର ସହିତ କାର୍ଯ୍ୟକାରୀ କରିବାରେ ତାଙ୍କର ବିଶେଷ ଯୋଗଦାନ ରହିଛି। ସୂଚନା ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧରେ ତାଙ୍କର ଅଭିଜ୍ଞତା ଓ ନିପୁଣତା ଓଡ଼ିଶାର ଡିଜିଟାଲ ରୂପାନ୍ତରୀକରଣର ଲକ୍ଷ୍ୟକୁ ସୁଦୃଢ଼ କରିବାରେ ସହାୟକ ହେବ। ତାଙ୍କ ନିଯୁକ୍ତିରେ ଓକାକ୍‌ର ସମସ୍ତ ଅଧିକାରୀ ଏବଂ କର୍ମକର୍ତ୍ତା ତାଙ୍କୁ ହାର୍ଦ୍ଦିକ ସମ୍ବର୍ଦ୍ଧନା ଜଣାଇଛନ୍ତି।

# ବାୟୋ ଇ-ଥ୍ରୀ ନୀତି ଉପରେ ବାର୍ତ୍ତାଳାପ କାର୍ଯ୍ୟକ୍ରମ




ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପକ୍ଷରୁ ଆଜି କେନ୍ଦ୍ର ସରକାରଙ୍କ ବାୟୋ-ଇଥ୍ରୀ ନୀତି ଉପରେ ଏକ ବାର୍ତ୍ତାଳାପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଅଧୀନ ଭୁବନେଶ୍ୱରସ୍ଥିତ ବିଆରଆଇସି-ଇନଷ୍ଟିଚ୍ୟୁଟ୍ ଅଫ୍ ଲାଇଫ ସାଇନ୍ସେସ୍ (ଆଇଏଲଏସ) ସହଯୋଗ କରିଥିଲେ। ଆଇଏଲଏସ୍ ପ୍ରେକ୍ଷାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ବକ୍ତାମାନେ 'ବାୟୋ ଇ-ଥ୍ରୀ (ଅର୍ଥବ୍ୟବସ୍ଥା, ପରିବେଶ ଓ ନିଯୁକ୍ତି ପାଇଁ ଜୈବପ୍ରଯୁକ୍ତି ବା ବାୟୋଟେକ୍ନୋଲୋଜି) - ଉଚ୍ଚ ପ୍ରଦର୍ଶନକାରୀ ଜୈବ ଉତ୍ପାଦନକୁ ପ୍ରୋତ୍ସାହନ ଦେବା ଲାଗି ନୀତି' ବିଷୟବସ୍ତୁ ଉପରେ ବିସ୍ତୃତ ଭାବେ ଆଲୋଚନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପିଆଇବିର ଅତିରିକ୍ତ ମହାନିର୍ଦ୍ଦେଶକ ତଥା ଓଡ଼ିଶା କ୍ଷେତ୍ର ଅତିରିକ୍ତ ପ୍ରେସ୍ ରେଜିଷ୍ଟ୍ରାର୍ ଜେନେରାଲ୍ ଅଖିଳ କୁମାର ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ। ସରକାରଙ୍କ ଯୋଜନା ଓ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ଦିଗରେ ବାର୍ତ୍ତାଳାପ କାର୍ଯ୍ୟକ୍ରମ ଏକ ସହଭାଗୀ ମଞ୍ଚ ପ୍ରଦାନ କରିଥାଏ। କେନ୍ଦ୍ର ସରକାର ପତ୍ର ସୂଚନା କାର୍ଯ୍ୟାଳୟର ବାର୍ତ୍ତାଳାପ କାର୍ଯ୍ୟକ୍ରମ ଜରିଆରେ ବିଜ୍ଞାନ ଭିତ୍ତିକ ବିକାଶମୂଳକ ଯୋଜନା ଓ କାର୍ଯ୍ୟକ୍ରମର ସୁଫଳ ଲୋକମାନଙ୍କ ନିକଟରେ ପହଞ୍ଚାଇବାକୁ ଚାହୁଁଛନ୍ତି। ସରକାରଙ୍କ ବାୟୋ-ଇଥ୍ରୀ ନୀତିକୁ କିଭଳି ଅଧିକ ପ୍ରଚାରପ୍ରସାର କରାଯାଇପାରିବ ସେ ଦିଗରେ ଗଣମାଧ୍ୟମ ଯତ୍ନବାନ ହେବାକୁ ସେ ନିବେଦନ କରିଥିଲେ। ଡକ୍ଟର ଦାଶ କହିଥିଲେ ଯେ, ବାୟୋଇଥ୍ରୀ ନୀତିର କାର୍ଯ୍ୟକାରିତା ବିଭିନ୍ନ ମନ୍ତ୍ରଣାଳୟର ସହଭାଗିତା ଉପରେ ନିର୍ଭରଶୀଳ। ବାୟୋଇଥ୍ରୀ ନୀତିରେ ରେଖାଙ୍କିତ କରାଯାଇଥିବା ଲକ୍ଷ୍ୟ ହାସଲ କରିବା ଦିଗରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟ ଏବଂ ଭୂବିଜ୍ଞାନ ମନ୍ତ୍ରଣାଳୟ କିଭଳି ମିଳିତ ଭାବେ କାର୍ଯ୍ୟ କରୁଛନ୍ତି ଏହା ତାହାର ଏକ ଉଦାହରଣ। ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ କାରିଗରୀ ବିଭାଗ ସହିତ ସହଭାଗିତା ସ୍ଥାପନ କରି ଗୋଟିଏ ବାୟୋମେନ୍ୟୁଫେକ୍ଚରିଂ ବା ଜୈବଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ପ୍ରସ୍ତାବ ସମ୍ପର୍କରେ ମଧ୍ୟ ସେ ସୂଚନା ଦେଇଥିଲେ।

# ଆଇଆଇଟିରେ ହିନ୍ଦୀ ପକ୍ଷ ଉତ୍ସବ ଉଦ୍‌ଯାପିତ



ଭୁବନେଶ୍ୱର,୩୦।୯(ସଂଚାର ବ୍ୟୁରୋ): ଆଇଆଇଟି ଭୁବନେଶ୍ୱରରେ ୩୦ ସେପ୍ଟେମ୍ବର ୨୦୨୪ ରେ ହିନ୍ଦୀ ପକ୍ଷ ଉପଲକ୍ଷେ ଆୟୋଜିତ ଉତ୍ସବ ଉଦଯାପିତ ହୋଇଛି। ଗତ ୧୫ ଦିନ ଧରି ଚାଲିଥିବା ଏହି ଉତ୍ସବ ଏକ ଚିହ୍ନ ଛାଡିଛି ଓ ଅନୁଷ୍ଠାନର ସଦସ୍ୟମାନଙ୍କୁ ହିନ୍ଦୀକୁ ସରକାରୀ ଭାଷା ଭାବରେ ବ୍ୟବହାର କରିବାକୁ ଏବଂ ଭାଷାର ପ୍ରଚାର ପ୍ରସାରକୁ ପ୍ରୋତ୍ସାହିତ କରିବାକୁ ପ୍ରେରଣା ଦେଇଛି। ଏହି ଉତ୍ସବର ଏକ ଅଂଶ ଭାବରେ ୨୮ ସେପ୍ଟେମ୍ବର ୨୦୨୪ ରେ ଏକ ହିନ୍ଦୀ କବି ସମ୍ମିଳନୀ 'କାବ୍ୟାଞ୍ଜଳି' ଆୟୋଜିତ ହୋଇଥିଲା ଯେଉଁଥିରେ ଡକ୍ଟର ବିଷ୍ଣୁ ସକ୍ସେନା, କୁଶଲ ଦୌନେରିଆ, ଗଣେଶ ବିଦ୍ୟାର୍ଥୀ ଏବଂ ସୁଶ୍ରୀ ମନୁ ବୈଶାଳୀଙ୍କ ପରି ପ୍ରତିଷ୍ଠିତ ହିନ୍ଦୀ କବିଙ୍କ ଦ୍ୱାରା କବିତାର ଯାଦୁକରୀ ପାଠ କରାଯାଇଥିଲା।

# ବିଶ୍ୱବିଦ୍ୟାଳୟ ଆଇନ୍ ସଂଶୋଧନ ପ୍ରକ୍ରିୟା ଆରମ୍ଭ



ଭୁବନେଶ୍ୱର,୩୦।୯: ଶିକ୍ଷକ ମରୁଡ଼ି ଯୋଗୁଁ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡିକରେ ଲାଗି ରହିଥିବା ସାଂଘାତିକ ସ୍ଥିତିରେ ସୁଧାର ଆଣିବାପାଇଁ ଓଡ଼ିଶା ସରକାର ୨୦୨୦ର ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ୍‌ର ଉଚ୍ଛେଦ କିମ୍ବା ପୁନଃ ସଂଶୋଧନ ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏଥିଲାଗି ପ୍ରଥମ ପର୍ଯ୍ୟାୟରେ ଶିକ୍ଷାବିତ୍‌ଙ୍କ ସମେତ ବିଭିନ୍ନ ବର୍ଗର ବୁଦ୍ଧିଜୀବୀ ଏବଂ ସଂଗଠନମାନଙ୍କ ମତାମତ ଲୋଡାଯିବ। ଏଠାରେ ଉଲ୍ଲେଖନୀୟ ଯେ ବିଧାନସଭାରେ ସ୍ୱତନ୍ତ୍ର ବିଧେୟକ ଆଣି ରାଜ୍ୟ ସରକାର ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନ୍‌ରେ ୨୦୨୦ ମସିହାରେ ବ୍ୟାପକ ସଂଶୋଧନ କରିଥିଲେ। ଏହି ସଂଶୋଧିତ ଆଇନ୍ ଯୋଗୁଁ କୁଳପତି, ପ୍ରଫେସର, ସହଯୋଗୀ ପ୍ରଫେସର ଓ ସହକାରୀ ପ୍ରଫେସର ଆଦି ପଦବୀରେ ନିଯୁକ୍ତି ଘେନି ସମସ୍ୟା ଉପୁଜିଛି। ଏହି ସଂଶୋଧିତ ଆଇନ୍‌ର କେତେକ ଧାରା ବିରୁଦ୍ଧରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ସୁପ୍ରିମ୍‌କୋର୍ଟରେ ମାମଲା ରୁଜୁ କରିବା ଫଳରେ ସଂଶୋଧିତ ଆଇନ୍ ଆଧାରରେ ନିଯୁକ୍ତି ହୋଇପାରୁ ନାହିଁ। ଏବେ ରାଜ୍ୟର ଚାରିଟି ବିଶ୍ୱବିଦ୍ୟାଳୟରେ କୁଳପତି ନଥିବାବେଳେ ଚଳିତବର୍ଷ ଆଉ ୪ଟି ବିଶ୍ୱବିଦ୍ୟାଳୟରେ କୁଳପତି ପଦବୀ ଖାଲି ହେବାକୁ ଯାଉଛି। ଏହାଛଡା ୨୦୨୫ ବର୍ଷରେ ବି ରାଜ୍ୟର ଆଉ ୫ଟି ବିଶ୍ୱବିଦ୍ୟାଳୟରେ କୁଳପତି ପଦବୀ ଖାଲି ହେବାକୁ ଯାଉଛି। ଏହାଛଡା ଉଚ୍ଚଶିକ୍ଷା ବିଭାଗ ଅଧିନସ୍ଥ ବିଶ୍ୱବିଦ୍ୟାଳୟଗୁଡିକରେ ଏବେ ୨୭୪ରୁ ୨୨୫ଟି ପ୍ରଫେସର, ୫୫୦ଟିରୁ ୪୦୧ଟି ସହଯୋଗୀ ପ୍ରଫେସର ଏବଂ ୧୦୮୭ଟି ସହକାରୀ ପ୍ରଫେସର ପଦବୀରୁ ୫୬୧ଟି ଖାଲିପଡ଼ିଛି। ମୋଟାମୋଟି ଭାବେ ଉଚ୍ଚଶିକ୍ଷା ବିଭାଗର ୧୭ଟି ବିଶ୍ୱବିଦ୍ୟାଳୟ ଲାଗି ଥିବା ୧୯୧୧ଟି ଶିକ୍ଷକ ପଦବୀରୁ ୧୧୮୭ଟି ଖାଲି ପଡ଼ିଛି। ଇତି ମଧ୍ୟରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟ ସରକାରଙ୍କୁ ପତ୍ରଲେଖି ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ୍‌କୁ ୟୁଜିସି ମାର୍ଗନିର୍ଦ୍ଦେଶିକା ଆଧାରରେ ପରିବର୍ତ୍ତନ କରିବାକୁ ଅନୁରୋଧ କରିଛନ୍ତି। ଏହା କରାଯାଇ ପାରିଲେ ୟୁଜିସି ସୁପ୍ରିମ୍‌କୋର୍ଟରୁ ମାମଲା ପ୍ରତ୍ୟାହାର କରିନେଇପାରେ। ସଂଶୋଧିତ ଆଇନ୍ ଅନୁଯାୟୀ ବିଶ୍ୱବିଦ୍ୟାଳୟଗୁଡିକ ଠାରୁ ଶିକ୍ଷକ ନିଯୁକ୍ତି କ୍ଷମତା କାଢିନେଇ ଲୋକସେବା ଆୟୋଗ ଉପରେ ନ୍ୟସ୍ତ କରାଯାଇଛି। ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ସରକାରୀ ପ୍ରତିନିଧିତ୍ୱ ବୃଦ୍ଧିକୁ ମଧ୍ୟ ପସନ୍ଦ କରାଯାଉ ନାହିଁ। ଏସବୁକୁ ଆଖିଆଗରେ ରଖି ରାଜ୍ୟ ସରକାର ସଂଶୋଧିତ ଆଇନ୍‌ରେ ପରିବର୍ତ୍ତନ ଚାହୁଁଛନ୍ତି। ସେଥିପାଇଁ ବିଭିନ୍ନ ବର୍ଗର ମତାମତ ମିଳିବାପରେ ବିଧାନସଭାର ଆଗାମୀ ଶୀତଅଧିବେଶନ କାଳରେ ରାଜ୍ୟ ସରକାର ବିଧେୟକ ଆଣିପାରନ୍ତି କିମ୍ବା ଅଧ୍ୟାଦେଶ ଜାରି କରି ସମସ୍ୟା ସମାଧାନ କରିପାରନ୍ତି। ତେବେ ବହୁ ପ୍ରାକ୍ତନ କୁଳପତି, ପୂର୍ବତନ ପ୍ରଫେସର, ଶିକ୍ଷାବିତ୍, ବୁଦ୍ଧିଜୀବୀ ଓ ବର୍ତ୍ତମାନର କାର୍ଯ୍ୟରତ ବିଶ୍ୱବିଦ୍ୟାଳୟର ବହୁ ଶିକ୍ଷକ ସଂଶୋଧିତ ଆଇନ୍‌ର ଉଚ୍ଛେଦ କରି ୟୁଜିସି ମାର୍ଗନିର୍ଦ୍ଦେଶିକା ଆଧାରରେ ନିଯୁକ୍ତି ପ୍ରକ୍ରିୟା ଜାରି ରଖିବା ସପକ୍ଷରେ କହୁଛନ୍ତି। (ତଥ୍ୟ)

# ସୁନାବେଡ଼ା ଅଭୟାରଣ୍ୟରେ ଥିବା ସଡ଼କ ଦୁରାବସ୍ଥା

ନୂଆପଡ଼ା,୩୦।୯(ସଂଚାର ବ୍ୟୁରୋ): କୋମନା ବ୍ଲକ ଅନ୍ତର୍ଗତ ସୁନାବେଡ଼ା ଗ୍ରାମପଞ୍ଚାୟତ ପାର୍ବତ୍ୟ ଅଞ୍ଚଳ ପଞ୍ଚାୟତ ଅଟେ। ଏହି ଗ୍ରାମ ରୁ ସମୁଦ୍ର ପତ୍ତନ ରୁ ୩୦୦୦ ଫୁଟ ଉଚ୍ଚତା ରେ ଅବସ୍ଥିତ। ସୁନାବେଡ଼ା ଠାରୁ ବିଭିନ୍ନ ଗ୍ରାମକୁ ସଂଯୋଗ କରିବା ସହ





## ଭଲ ରାସ୍ତା ନିର୍ମାଣ ହେଉ

ଆଦିମ ଜନଜାତି ଚାକୋଟିଆ ଭୂଞ୍ଜିଆ ଙ୍କୁ ସମାଜ ର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ୧୦ ଗୋଟି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା କାର୍ଯ୍ୟ କରିଅଛି। ସମସ୍ତ ସଡ଼କ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ସୁନାବେଡ଼ା ଠାରୁ ସନବାହାଲି, ଯାତାୟତ ପାଇଁ ମାଟି ସଡ଼କ ନିର୍ମାଣ ହେଉଅଛି। ଏହି ମାଟି ସଡ଼କ ରେ ଖାଲ ଖମାର ଭରି ରହିଅଛି। ତୁରନ୍ତ ମରାମତି ପାଇଁ ଗ୍ରାମବାସୀ ମାନେ ଦାବି କରି। ସେହିପରି ସନବାହାଲି ଯୁନାପାନି କୁ ମଧ୍ୟ ସଡ଼କ ନିର୍ମାଣ ନେଇ ଦାବୀ କରୁଛନ୍ତି। ଯୁନାପାନି ଥାଳିପାନି ଗ୍ରାମ କୁ ମଧ୍ୟ ସଡ଼କ ନଥିବା ବେଳେ ଗ୍ରାମବାସୀ ମାନେ ନାହିଁ ନ ଥିବା ସମସ୍ୟା ସମ୍ମୁଖୀନ ହେଉଛନ୍ତି।

ଜୀବନ ଅମୃତ ଅନୁଚିନ୍ତା

ଅହଂଶୂନ୍ୟ -ଜୀବନର ପ୍ରତ୍ୟେକ ପାହାଚରେ ଯଦି ଆମେ ଜୀବନର ଅନ୍ତିମ ପରିଣାମ କଥା ସ୍ମରଣ କରିବା, ତାହା ହେଲେ ଆମେ ଅହଂଶୂନ୍ୟ ଦିବ୍ୟମାନବ ହେବା। ଆମ ମନରୁ ଅଂହକାର ସମ୍ପୂର୍ଣ୍ଣ ଦୂରେଇ ଯିବ।

SANCHAR
ସଂଚାର

୪ ମଙ୍ଗଳବାର ୧ ଅକ୍ଟୋବର ୨୦୨୪, ଭୁବନେଶ୍ୱର
Tuesday 1 October 2024 Bhubaneswar

# ସଫଳ ବୈଦେଶିକ ନୀତି

ଭାରତର ଆର୍ଥିକ ପରିଚାଳନା ଏବଂ ବିଦେଶ ନୀତିକୁ ବୈଦେଶିକ ରାଷ୍ଟ୍ର ଏପରିକି ପାକିସ୍ତାନ ମଧ୍ୟ ପ୍ରଶଂସା କରୁଛି ଏହା କିଛି କମ କଥା ନୁହେଁ। ନିକଟରେ ରୁଷ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନ ଭାରତର ବୈଦେଶିକ ନୀତିକୁ ପ୍ରଶଂସା କରିଛନ୍ତି। ୟୁକ୍ରେନ-ରଷିଆ ଯୁଦ୍ଧରେ ଭାରତର ନିରପେକ୍ଷତାକୁ ସେ ପ୍ରଶଂସା କରିବା ସହିତ ଶାନ୍ତି ପ୍ରତିଷ୍ଠା ଲାଗି ଭାରତର ମଧ୍ୟସ୍ଥତା କରିବା ଯୋଗ୍ୟତା ଅଛି ବୋଲି କହିଛନ୍ତି। ଏହା କିଛି କମ ଗୌରବର କଥା ନୁହେଁ। ସେହିପରି ପୂର୍ବରୁ ଭାରତ ଏକପାଖିଆ ଭାବେ ପାଲେଷ୍ଟାଇନକୁ ସମର୍ଥନ କରୁଥିଲା। ଏବେ ବି ପାଲେଷ୍ଟାଇନ ପ୍ରତି ଭାରତର ସମର୍ଥନ ରହିଛି। କିନ୍ତୁ ଏହା ଅର୍ଥ ନୁହେଁ ଯେ, ଆମେ ହମାସ ଭଳି ଆତଙ୍କୀ ସଙ୍ଗଠନକୁ ସମର୍ଥନ କରିବୁ। ଭାରତ ସବୁ ବେଳେ ଆତଙ୍କବାଦକୁ ବିରୋଧ କରି ଆସିଛି ଏବଂ ଆତଙ୍କବାଦ ବିରୋଧରେ ଲଢ଼େଇକୁ ସମର୍ଥନ କରିଛି। ସେଥିପାଇଁ ହମାସ ବିରୋଧରେ ଇସ୍ରାଏଲର ଲଢ଼େଇକୁ ଭାରତ ସମର୍ଥନ କରିଛି। କେତେକ ବିରୋଧୀ ଦଳ ବିଶେଷ କରି କଂଗ୍ରେସ ଓ ବାମପନ୍ଥୀମାନେ ସରକାରଙ୍କୁ ସମାହଲୋଚନା କରୁଛନ୍ତି। କିନ୍ତୁ ଭାରତ ସରକାର ସ୍ପଷ୍ଟ କରିଛନ୍ତି ଯେ, ଆମେ କେବେ କାହାକୁ ଆଖିବୁଜି ସମର୍ଥନ କରୁନୁ। ପ୍ରସଙ୍ଗ ଭିତ୍ତିରେ ଆମେ କାହାକୁ ସମର୍ଥନ ବା ବିରୋଧ କରୁଛୁ। ହମାସର ବର୍ବରତା ବିରୋଧରେ ଇସ୍ରାଏଲକୁ ସମର୍ଥନ କରୁଛୁ, ତା ସହିତ ଗାଜାରେ ନିରୀହ ଶିଶୁ ଓ ମହିଳାଙ୍କୁ ହତ୍ୟାକୁ ମଧ୍ୟ ନିନ୍ଦା କରୁଛୁ। ଆମେ ରୁଷର ବନ୍ଧୁ ରାଷ୍ଟ୍ର ହେଲେ ମଧ୍ୟ ୟୁକ୍ରେନ ଉପରେ ଏହାର ଆକ୍ରମଣକୁ ନିନ୍ଦା କରୁଛୁ ଏବଂ ୟୁକ୍ରେନର ସାଧାରଣ ନାଗରିକଙ୍କ ଧନଜୀବନର ସୁରକ୍ଷା ଦାବି କରି ଆସିଛୁ। ନିକଟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରୁଷ ଏବଂ ୟୁକ୍ରେନ ଗସ୍ତରେ ଯାଇ ଉଭୟ ରାଷ୍ଟ୍ରମୁଖ୍ୟଙ୍କ ସହ ଆଲୋଚନା କରିଛନ୍ତି ଏବଂ ଉଭୟଙ୍କୁ ଯୁଦ୍ଧ ବିରତି ଲାଗି ନିବେଦନ କରିଛନ୍ତି। ଏହା ହେଉଛି ଭାରତର ନୀତି। ସଫଳ ବୈଦେଶିକ ନୀତି ଯୋଗୁଁ ଆଜି ଆମେ କାହାର ଦୟା ଉପରେ ନିର୍ଭର କରୁନୁ, କେହି ଆମକୁ ନାଲିଆଖି ଦେଖାଇ ପାରୁନାହାଁନ୍ତି। ଆମେରିକାର କଟକଣା ସତ୍ତ୍ୱେ ଭାରତ ରଷିଆରୁ ଶସ୍ତାରେ କ୍ରୁଡ଼ ଅଏଲ କିଣୁଛି। ତେଣୁ ଭାରତରେ ପେଟ୍ରୋଲ ଓ ଡିଜେଲ ଦର ଅପେକ୍ଷାକୃତ କମ ରହୁଛି। ଏଥିପାଇଁ ମୋଦି ସରକାର ପ୍ରଶଂସାର ପାତ୍ର ଏବଂ ଏହାକୁ ଅନେକ ଦେଶ ଉଦାହରଣ ଭାବେ ଗ୍ରହଣ କରିଛନ୍ତି। ରଷିଆ ସହ ଉତ୍ତମ ସମ୍ପର୍କ ଯୋଗୁଁ ଆଜି ଚୀନ ଆମ ବିରୋଧରେ ପଦକ୍ଷେପ ନେବାକୁ ସାହସ କରିପାରୁନି। ଭାରତ ଉଭୟ ଆମେରିକା ଓ ରଷିଆ ସହ ସମ୍ପର୍କରେ ସନ୍ତୁଳନ ରକ୍ଷା କରିଆସୁଛି। ଭାରତକୁ କେହି ନାଲି ଆଖି ଦେଖାଇ ପାରୁନାହାଁନ୍ତି। ବରଂ ଭାରତ ସହ ଉତ୍ତମ ସମ୍ପର୍କ ବା ବନ୍ଧୁତା ରକ୍ଷା ଲାଗି ସମସ୍ତେ ବ୍ୟାକୁଳ। ଭାରତର ବିଶାଳ ବଜାର ବ୍ୟବସ୍ଥାର ଫାଇଦା ଉଠାଇବାକୁ ସମସ୍ତେ ବ୍ୟଗ୍ର। ଭାରତୀୟ ଅର୍ଥନୀତି ଏପରି ଏକ ଦୃଢ଼ ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ଯାହାକୁ କରୋନା ମହାମାରୀ ବା ୟୁକ୍ରେନ ଯୁଦ୍ଧ ସେପରି ପ୍ରଭାବିତ କରିପାରିନି ଯେପରି ଅନ୍ୟାନ୍ୟ ଦେଶ ପ୍ରଭାବିତ ହୋଇଛନ୍ତି। ଏକ ଦୃଢ଼ ଆତ୍ମନିର୍ଭର ଭାରତ ଗଠନ ଦିଗରେ ଆମେ ଅଗ୍ରସର ହେଉଛୁ। ସାଧାରଣ ନାଗରିକଙ୍କ ପାଇଁ ନିଜ ସ୍ୱାର୍ଥ ରକ୍ଷା, ଅଧିକ ଉପାର୍ଜନ ଏବଂ ସ୍ୱଚ୍ଛଳ ଜୀବନ ଯାପନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଦେଶ ଅପେକ୍ଷା ନିଜର ବ୍ୟକ୍ତିଗତ ସମୃଦ୍ଧି ଏବଂ ସୁବିଧା କଥା ସେ ଚିନ୍ତା କରିଥାଏ। ଯେ ପର୍ଯ୍ୟନ୍ତ ତା'ର ନିଜର ଅସୁବିଧା ନହୋଇଛି ସେ ପର୍ଯ୍ୟନ୍ତ ସେ ସାମୁହିକ ସ୍ୱାର୍ଥ ପ୍ରସଙ୍ଗକୁ ଗୁରୁତ୍ୱ ଦେଇନଥାଏ। ଦେଶର ଅର୍ଥନୀତି, ବୈଦେଶିକ ନୀତି ତା ପାଇଁ ଅର୍ଥହୀନ। ସେଥିପାଇଁ ନିର୍ବାଚନ ବେଳେ ସାଧାରଣ ନାଗରିକଟିଏ ଡାଲି, ତେଲ, ଲୁଣର ସଂସାରକୁ ଗୁରୁତ୍ୱ ଦେଇଥାଏ, ଦେଶର ସ୍ୱାର୍ଥ ରକ୍ଷାକୁ ସାଧାରଣ ନାଗରିକଟିଏ ଗୁରୁତ୍ୱ ଦେଇନଥାଏ। ମୋର କ'ଣ ଲାଭ କ୍ଷତି ହୋଇଛି ତାହାକୁ ଅଧିକ ଗୁରୁତ୍ୱ ପ୍ରଦାନ କରିଥାଏ। ସରକାରଙ୍କ ସଫଳ କୂଟନୀତି ବା ବୈଦେଶିକ ନୀତି ତା ପାଇଁ ଅର୍ଥହୀନ ଏବଂ ମୂଲ୍ୟହୀନ। ସମ୍ପ୍ରତି ଦେଶର ଆର୍ଥିକ ସ୍ଥିତି, ମୁଦ୍ରାସ୍ଫୀତି ଏବଂ ଦର ବୃଦ୍ଧି ସମ୍ପର୍କରେ ସାଧାରଣରେ ଚର୍ଚ୍ଚା ଚାଲିଛି। ଅନେକ ଏହି ପରିସ୍ଥିତି ନିମନ୍ତେ ମୋଦି ସରକାରଙ୍କୁ ଦାୟୀ କରୁଛନ୍ତି। କରୋନା ମହାମାରୀ ବା ୟୁକ୍ରେନ-ରଷିଆ ଯୁଦ୍ଧ ଭାରତ ସରକାରଙ୍କ ନିୟନ୍ତ୍ରଣରେ ନାହିଁ ସେ କଥା ସେମାନେ ବୁଝିବାକୁ ନାରାଜ। କରୋନା ମୁକାବିଲାରେ ଭାରତର ସଫଳତା ବିଶ୍ୱର ଅନ୍ୟ ପ୍ରମୁଖ ବିକଶିତ ଦେଶ ତୁଳନାରେ ଢେର ଅଧିକ, ଭାରତ ସରକାର ଯେପରି ଭାବେ ମୂଳରୁ ସତର୍କତା ଅବଲମ୍ବନ କରି କରୋନା ମୁକାବିଲା କଲେ ତାହା କେହି ବୁଝିବାକୁ ନାରାଜ। ୧୪୦ କୋଟି ଲୋକଙ୍କୁ ସମ୍ପୂର୍ଣ୍ଣ ମାଗଣାରେ କରୋନା ଟିକାର ୩ଟି ଡୋଜ ଦିଆଯିବା ବିଶ୍ୱରେ ଏକ ବିରଳ ଘଟଣା। ୮୦ କୋଟି ଲୋକଙ୍କୁ ଦୁଇ ବର୍ଷ ହେବ ସମ୍ପୂର୍ଣ୍ଣ ମାଗଣାରେ ରାସନ ପ୍ରଦାନ କରାଯିବା କେତେ ବଡ଼ ପଦକ୍ଷେପ ତାହା ସମ୍ଭବତଃ ନିନ୍ଦୁକମାନଙ୍କ ବୁଝିବା ଶକ୍ତି ବାହାରେ। ପେଟ୍ରୋଲ ଓ ଡିଜେଲ ଦର ନିୟନ୍ତ୍ରଣ କରିବା ସରକାରଙ୍କ ପକ୍ଷେ ଶତ ପ୍ରତିଶତ ସମ୍ଭବ ନୁହେଁ। ସରକାର କେବଳ ଟିକସ ହ୍ରାସ କରି ଏହାକୁ ଆଂଶିକ ଭାବେ ହ୍ରାସ କରିପାରିବେ। କିନ୍ତୁ ଯେତେବେଳେ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବଢ଼ିବ ସେତେବେଳେ ସରକାରଙ୍କର କିଛି କରିବାର ନାହିଁ। କାରଣ ଭାରତରେ ପେଟ୍ରୋଲ ଓ ଡିଜେଲ ଚାହିଦାର ୮୫% ବିଦେଶରୁ ଆମଦାନୀ କରାଯାଇଥାଏ। ଏହା ବାଦ ତୈଳ ପରିବହନ, ବିଶୋଧନ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ରହିଛି। କିଛି ଲୋକ ପେଟ୍ରୋଲ ଓ ଡିଜେଲ ଉପରେ ସରକାର ଅଧିକ ଟିକସ ଆଦାୟ କରୁଛନ୍ତି ବୋଲି ଅଭିଯୋଗ କରୁଛନ୍ତି। କିନ୍ତୁ ଟିକସ କେବଳ କେନ୍ଦ୍ର ନୁହେଁ, ରାଜ୍ୟ ସରକାରମାନେ ମଧ୍ୟ ସଂଗ୍ରହ କରୁଛନ୍ତି। ଯେଉଁମାନେ ପେଟ୍ରୋଲ ଓ ଡିଜେଲ ବା ଗ୍ୟାସରେ ଟିକସ ହ୍ରାସ ବା ଟିକସ ସମ୍ପୂର୍ଣ୍ଣ ଛାଡ଼ କରିବାକୁ ଦାବି କରୁଛନ୍ତି ସେମାନେ ଭୁଲି ଯାଉଛନ୍ତି ଯେ, ଏହି ଟିକସ ପଇସାରେ ହିଁ କର୍ମଚାରୀମାନେ ଦରମା ପାଉଛନ୍ତି ଏବଂ ବଜାରରୁ ବିଭିନ୍ନ ସାମଗ୍ରୀ କିଣୁଛନ୍ତି। ଏହି ଟିକସ ପଇସାରେ ବିକାଶ ମୂଳକ କାର୍ଯ୍ୟ ହେଉଛି। ମାଗଣା ସ୍ୱାସ୍ଥ୍ୟ ସେବା ଏବଂ ରାସନ ମିଳୁଛି। ଏହି ଟିକସ ଅର୍ଥରେ ପ୍ରତିରକ୍ଷା ବାବଦ ବିପୁଳ ବ୍ୟୟ ଭାର ବହନ କରିବା ସମ୍ଭବ ହୋଇଛି ଯାହା ଆମ ସୁରକ୍ଷା ପାଇଁ ନିହାତି ଜରୁରୀ। ଆମେ ସବୁ କିଛି ମାଗଣାରେ ବା ଶସ୍ତାରେ ପାଇବୁ, ତା ସହିତ ଦେଶର ସୁରକ୍ଷା ପାଇଁ ବିମାନ, ଯୁଦ୍ଧ ଜାହାଜ, ଟ୍ୟାଙ୍କ, କ୍ଷେପଣାସ୍ତ୍ର କିଣାଯିବ, ଏହା ସମ୍ଭବ ନୁହେଁ। ଆମର ବିକାଶ ଆବଶ୍ୟକ, ଚାକିରୀ ଏବଂ ସୁରକ୍ଷା ଆବଶ୍ୟକ। ଏଥିପାଇଁ ଆମେ ଟିକସ ଦେବାକୁ ପ୍ରସ୍ତୁତ ହେବା ଉଚିତ। ଯେଉଁମାନେ ଭାରତରେ ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧି ନେଇ ସରକାରଙ୍କୁ ସମାଲୋଚନା କରୁଛନ୍ତି ଏବଂ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ସରକାରଙ୍କ ବିଫଳତାକୁ ଦାୟୀ କରୁଛନ୍ତି ସେମାନେ ଅନ୍ୟ ବିକଶିତ ରାଷ୍ଟ୍ରର ଅର୍ଥନୀତି ଏବଂ ଅଭିବୃଦ୍ଧି ସହ ଭାରତର ସ୍ଥିତିକୁ ତୁଳନା କଲେ ବାସ୍ତବତା କ'ଣ ଜାଣିପାରିବେ। ଭାରତର ସଫଳ ବୈଦେଶିକ ନୀତି ଯୋଗୁଁ ଆଜି ଜାତିସଂଘ ନିରାପତ୍ତା ପରିଷଦରେ ଭାରତର ସ୍ଥାୟୀ ସଦସ୍ୟତା ଦାବିକୁ ଫ୍ରାନ୍ସ ଭଳି ରାଷ୍ଟ୍ର ସମର୍ଥନ କରୁଛନ୍ତି। ଆଜି ନହେଲେ କାଲି ଭାରତ ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟତା ପାଇବ। କେବଳ ଚୀନ ଏଥିରେ ପ୍ରତିବନ୍ଧକ ସାଜିଛି। ଆଶା କରାଯାଉଛି ଚୀନକୁ ମଧ୍ୟ ସମର୍ଥନ ପାଇଁ ମନାଇବାରେ ଭାରତ ସଫଳ ହେବ।

## ସମ୍ପାଦକଙ୍କୁ ପତ୍ର

### ପୁରୁଣା ଐତିହ୍ୟକୁ ସୁରକ୍ଷିତ ରଖାଯାଉ

*ମହାଶୟ,*

ଶ୍ରୀମନ୍ଦିର ପରିକ୍ରମେ ପ୍ରକଳ୍ପ ନାମରେ ପୁରୀରେ ବହୁ ପୁରାତନ ମଠ ମନ୍ଦିରକୁ ଧ୍ୱଂସ କରାଗଲା। ଶ୍ରୀମନ୍ଦିର ଚାରିପଟେ ଥିବା ପୁରାତନ ଐତିହ୍ୟକୁ ମାଟିରେ ମିଶାଇ ଦିଆଗଲା। ଆଉ ଏହାର ପୁନରୁଦ୍ଧାର ସମ୍ଭବ ନୁହେଁ। କିନ୍ତୁ ଆଉ ଯାହା ବାକି ରହିଛି ତାହାକୁ ସୁରକ୍ଷିତ ରଖାଯିବା ଜରୁରୀ। ପୁରୁଣା ଐତିହ୍ୟର ସୁରକ୍ଷା ଲାଗି ଏକ ଆଇନ ପ୍ରଣୀତ ହେବା ଉଚିତ। କୌଣସି ସରକାର ଏଥିରେ ହାତ ମାରିପାରିବ ନାହିଁ, ଏଭଳି ବ୍ୟବସ୍ଥା ହେବା ଉଚିତ। କେବଳ ପୁରୀ ନୁହେଁ, ରାଜ୍ୟର ଅନ୍ୟ ବହୁ ସ୍ଥାନରେ ଏପରି ଅନେକ ପୁରୁଣା ମଠମନ୍ଦିର ରହିଛି ଯାହାର ସୁରକ୍ଷା ଆବଶ୍ୟକ। ଆଧୁନୀକୀକରଣ ନାମରେ ଏହାକୁ ବିକୃତ କରାଯିବା ଅନୁଚିତ। ଆମ ଭବିଷ୍ୟତ ପୀଢ଼ି ଲାଗି ଏହାକୁ ଆମେ ଯେମିତି ଅଛି ସେମିତି ଥାଉ ନୀତି ଗ୍ରହଣ କରିବା ଉଚିତ। ଆମ ପୂର୍ବ ପୁରୁଷଙ୍କ କୃତିକୁ ବଞ୍ଚାଇ ରଖିବା ଆମର ଦାୟିତ୍ୱ ଏବଂ କର୍ତ୍ତବ୍ୟ।

ଜୟଶଙ୍କର ମହାପାତ୍ର
ବାସେଳି ସାହି, ପୁରୀ

# ପିତୃପୁରୁଷଙ୍କ ଶ୍ରାଦ୍ଧ ମହାଳୟା

**ଉମା ଶଙ୍କର ପ୍ରସାଦ**

ଶ୍ରଦ୍ଧାରୁ "ଶ୍ରାଦ୍ଧର" ଉତ୍ପତ୍ତି। କେବଳ ସେତିକି ନୁହଁ, ଗୀତାରେ କୁହାଯାଇଛଇ " ଶ୍ରଦ୍ଧାବାନ ଲଭତେ ଜ୍ଞାନମ୍" ଯେଉଁବ୍ୟକ୍ତି କୌଣସି କାର୍ଯ୍ୟକୁ ଶ୍ରଦ୍ଧାର ସହିତ କରିଥାଏ, ସେ ଜ୍ଞାନ ଲାଭ କରିଥାଏ। ବିଶ୍ୱର କୋଣ ଅନୁକୋଣରେ ଥିବା ପ୍ରତ୍ୟେକ ହିନ୍ଦୁ ନିଜର ପିତୃ ପୁରୁଷ ତୃପ୍ତିପାଇଁ ଶ୍ରାଦ୍ଧ ଓ ତର୍ପଣାଦି କରିଥାନ୍ତି। ପିତୃପକ୍ଷୀୟ ଶ୍ରାଦ୍ଧ ଓ ମହାଳୟା ଶ୍ରାଦ୍ଧର ଅର୍ଥ ଏକ ଅଟେ। ଏକ ନୈଷ୍ଠିକ ହିନ୍ଦୁ ଗୃହସ୍ଥଙ୍କ ପକ୍ଷରେ ଏହି ମହାଳୟା ଶ୍ରାଦ୍ଧ ଏକ ମହତ୍ତ୍ୱପୂର୍ଣ୍ଣ ଦିବସ ଅଟେ। ପ୍ରଥମେ ବିଚାର କରିବା, ହିନ୍ଦୁ ଆମେ କାହାକୁ କହିବା? ପ୍ରତ୍ୟେକ ହୀନକାର୍ଯ୍ୟରୁ ଯିଏ ନିଜକୁ ଦୂରରେ ରଖେ ସେ ପ୍ରକୃତ ହିନ୍ଦୁ ପଦବାଚ୍ୟ। ଏହି ପର୍ବ ଓ ପରମ୍ପରା ବିଶ୍ୱାସ ଉପରେ ପ୍ରତିଷ୍ଠିତ। ଆଶ୍ୱିନ କୃଷ୍ଣପକ୍ଷ ବା କନ୍ୟାରେ ସୂର୍ଯ୍ୟ ପ୍ରବେଶ କଲେ ପିତୃପୂଜା (ଶ୍ରାଦ୍ଧ ଓ ତର୍ପଣ) କରିବା ପରମ ଆବଶ୍ୟକ ବୋଲି ଶାସ୍ତ୍ରରେ ଉଲ୍ଲେଖ ଅଛି। "ନିର୍ଣ୍ଣୟସିନ୍ଧୁ" ମତାନୁସାରେ " ଆଶ୍ୱୟୁକ କୃଷ୍ଣପକ୍ଷେତୁ ଶ୍ରାଦ୍ଧଂ କାର୍ଯ୍ୟଂ ଦିନେ ଦିନେ"। ଜ୍ୟୋତିଷଶାସ୍ତ୍ରନୁସାରେ ସୂର୍ଯ୍ୟ ପକ୍ଷର ଆଦି ମଧ୍ୟ ଓ ଅନ୍ତ୍ୟରେ ଯେଉଁଦିନ କନ୍ୟା ରାଶିକୁ ପ୍ରବେଶ କରନ୍ତି, ଆଶ୍ୱିନର ସେହି କୃଷ୍ଣପକ୍ଷ ପିତୃପୁରୁଷ ପୂଜାର୍ଚ୍ଚନା ପାଇଁ ମହତ୍ତ୍ୱପୂର୍ଣ୍ଣ ଅଟେ। ମନୁଙ୍କ ଉକ୍ତି ଅନୁସାରେ:-

"ଆଦୌମଧ୍ୟେଃବସାନେ ବା ଯତ୍ର କନ୍ୟାଂ ବ୍ରଜେଦ୍ ରବିଃ
ସପକ୍ଷଃ ସକଳଃ ଶ୍ରେଷ୍ଠଃ ଶ୍ରାଦ୍ଧ ଷୋଡଶଙ୍କଂ ପ୍ରତି"

ଏହି ସମୟରେ ସମସ୍ତ ପିତୃଲୋକଙ୍କୁ ଯମଲୋକ (ପ୍ରେତପୁର)ରୁ ଛାଡଦିଆଯାଏ, ଯଥା:-

"ପ୍ରବୃଦନ୍ତେ ଯମଃ ପ୍ରେତାନ୍ ପିତ୍ୟଂଷ୍ଟାଥ ଯମାଳୟାତ
ବିସର୍ଜୟତି ଭୂର୍ଲୋକ କୃତ୍ୱା ଶୂନ୍ୟଂ ସ୍ୱକଂ ପୁରମ୍"
ଯାବତ୍ କନ୍ୟା ତୁଳୟୋଃ କ୍ରମଦାସ୍ତେ ଦିବାକରଃ
ଶୂନ୍ୟଂ ପ୍ରେତପୁରଂ ତାବଦ୍ ବୃଷ୍ଟିକେ ଯାବଦାଗତଃ" (ଶ୍ରାଦ୍ଧ ଚନ୍ଦ୍ରିକା)

ପ୍ରତ୍ୟେକ ପିତୃପୁରୁଷ ନିଜ ନିଜ ଅଧିକାର ଥିବା ଦ୍ୱାରଦେଶକୁ ବାୟୁ ରୂପରେ ଆସି ମଧି, ପାୟସ, ଘୃତ ଏବଂ ପୂଷ୍ଟାଦି ମିଷ୍ଟାନ୍ ପାନାକାଂକ୍ଷାରେ ଦଣ୍ଡାୟମାନ ହୁଅନ୍ତି। " ତେ ପୁତ୍ରାଦେଃ ପ୍ରକାଂକ୍ଷତି ପାୟସଂ ମଧୁସଂଯୁତମ୍"।

ଯଦି ଏହି ମହାଳୟା ଦିନରେ ପିତୃଲୋକ ନିଜର ପରିବାରରୁ ନିରାଶ ହୋଇ ଫେରନ୍ତି, ତେବେ ସେମାନେ ଦୁଃଖରେ ଗୃହସ୍ୱାମୀଙ୍କୁ କଠୋର ଶାପ ଦେଇ ପୁନର୍ବାର ନିଜ ଲୋକକୁ ପ୍ରତ୍ୟାବର୍ତ୍ତନ କରନ୍ତି। କାଷ୍ଠାଜିନିକା ଉକ୍ତି ଅନୁସାରେ:-

"ଅମାବାସ୍ୟା ଦିନେପ୍ରାପ୍ତେ ଗୃହଦ୍ୱାରଂ ସମାଶ୍ରିତାଃ
ଶ୍ରାଦ୍ଧାଭାବେ ସ୍ୱଭବନଂ ଶାପଂ ଦତ୍ତ୍ୱାବ୍ରଜନ୍ତିତେ"।

କର୍ମ ପୁରାଣରେ ମଧ୍ୟ ଲେଖାଅଛି ଯେ:-

"ଅମାବାସ୍ୟା ଦିନେ ପ୍ରାପ୍ତେ ଗୃହଦ୍ୱାରେ ସମାଶ୍ରିତାଃ
ବାୟୁଭୂତା ପ୍ରପଶ୍ରନ୍ତି ଶ୍ରାଦ୍ଧଂ ବୈପିତରୋ ନୃଣାମ୍।।
ଯାବଦସ୍ତ ମନଂ ଭାନୋଃ କ୍ଷୁତ୍ପିପାସା ସମାକୁଳାଃ
ତତ୍ଷ୍ଟାସ୍ତଂ ଗତେ ଭାନୌ ନିରାଶା ଦୁଃଖ ସଂଯୁତାଃ
ନିଶ୍ୱଶ୍ୱସ୍ୟ ସୁଚିରଂଯାନ୍ତି ଗର୍ହୟନ୍ତଃ ଦ୍ୱବଂଶଜମ୍"।।

ପିତୃଗଣ ଶ୍ରାଦ୍ଧପାଇଁ ଅପେକ୍ଷାକରି ଶେଷରେ ନିରାଶ ହୋଇ ନିଜର ବଂଶକୁ ନିନ୍ଦା କରି ଯେପରି ଫେରିଯାନ୍ତି, ସେହିପରି ମଧ୍ୟ ପିତୃଗଣ ଶ୍ରାଦ୍ଧ କରିବା ଲୋକଙ୍କୁ ତଥା ତା' ପରିବାକୁ(ପୁତ୍ର-କୁଟୁମ୍ବାଦିକୁ) ଶ୍ରଦ୍ଧାରେ ମନୋବାଞ୍ଚ୍ଛିତ ଫଳ ପ୍ରଦାନ କରି ସୁଖୀ କରାଇଥାନ୍ତି। ହିମାଦ୍ରିଙ୍କ ଉକ୍ତି ପ୍ରକାରେ



" ଆୟୁଃ ପୁତ୍ରାନ୍ ଯଶଃ ସ୍ୱର୍ଗଂ କୀର୍ତ୍ତି ପୁଷ୍ଟିଂ ବଳଂ ଶ୍ରିୟମ୍
ପଶୁନ୍ ସୁଖଂ ଧନଂ ଧ୍ୟାନ୍ୟଂ ପ୍ରାପ୍ନୁୟାତ୍ ପିତ୍ୟ ପୂଜନାତ୍"।।

ଏହି ଦୃଷ୍ଟିରୁ ମହାଳୟ ଶ୍ରାଦ୍ଧକୁ " ନିତ୍ୟ ଓ କାମ୍ୟ" ବୋଲି କୁହାଯାଇଥାଏ। ପିତୃପକ୍ଷ ପନ୍ଦର ଦିନ କୁହାଯାଇଥିଲେ ମଧ୍ୟ ଭାଦ୍ରପଦ ପୂର୍ଣ୍ଣିମାକୁ ମିଶାଇ ଆଶ୍ୱିନ କୃଷ୍ଣପକ୍ଷକୁ ମହାଳୟା ପକ୍ଷ ଷୋଡ଼ଶ ଦିନାତ୍ମକ ବୋଲି କୁହାଯାଇଛି। ଏହି ଷୋହଳ ଦିନ ଯାକ ପ୍ରତ୍ୟେକ ହିନ୍ଦୁ ପରିବାର ମହାଳୟା ଶ୍ରାଦ୍ଧ କରିବା ବିଧେୟ। ଯେଉଁମାନେ ଅସମର୍ଥ ସେମାନେ ଅତ୍ୟନ୍ତପକ୍ଷେ ଅଷ୍ଟମୀଠାରୁ ଆଠଦିନ, ଅଥବା ଏକଦଶୀଠାରୁ ପାଞ୍ଚଦିନ ମହାଳୟା ଶ୍ରାଦ୍ଧ କରିବା ପାଇଁ ଶାସ୍ତ୍ର ସମ୍ମତ ଅଛି ଯଥା:-

"ଆଶ୍ୱୟୁକ୍ କୃଷ୍ଣପକ୍ଷେତୁ ଶ୍ରାଦ୍ଧଂ କୁର୍ଯ୍ୟା ଦିନେ ଦିନେ
ତ୍ରିଭାଗ ହୀନଂ ପକ୍ଷବା ତ୍ରିଭାଗଂ ତ୍ୱର୍ଦ୍ଧମେବବା"।।

ଯେଉଁବ୍ୟକ୍ତି ଉପରୋକ୍ତ କାର୍ଯ୍ୟ କରିବା ପାଇଁ ମଧ୍ୟ ଅସମର୍ଥ ତେବେ ସେ ନିଜ ପିତାଙ୍କର ମରଣତିଥିରେ ଅଥବା ପିତୃପକ୍ଷରେ କୌଣସି ଗୋଟିଏ ଦିନ ନିତ୍ୟାନ୍ତ ପକ୍ଷେ ଶ୍ରାଦ୍ଧ କରିବା କଥା। ଏହିପରି ଗୋଟିଏ ଦିନ ମହାଳୟା ଶ୍ରାଦ୍ଧକୁ "ସକୃନ୍ମହାଳୟା ଶ୍ରାଦ୍ଧ" କହନ୍ତି। ଯେଉଁବ୍ୟକ୍ତି ଏହି ଗୋଟିଏ ଦିନ ମଧ୍ୟ ନିଜ ପିତୃ ପୁରୁଷ ପାଇଁ କରିନଥାଏ ସେ ଜୀବନ ବ୍ୟାପି ଦୁଃଖ ଭୋଗ କରେ। ଗ୍ରାର୍ମ୍ୟ ମୁନିଙ୍କ ଅନୁସାରେ:-

"ଶ୍ରାଦ୍ଧଂ ନକୁରୁତେ ତତ୍ର ତସ୍ୟରକ୍ତଂ ପିବନ୍ତି ତେ
ସୂର୍ଯ୍ୟେ କନ୍ୟା ଗତେ ଶ୍ରାଦ୍ଧଂ ଯୋନ କୁର୍ଯ୍ୟାଦ୍ ଗୃହାଶ୍ରମଂ
ଧନପୁତ୍ରାଃ କୁତସ୍ତସ୍ୟ ପିତୃ ନିଶ୍ୱାସ ପୀଡ଼ୟା"।।

ଦୁଃଖ ଓ ପରିତାପର ବିଷୟ ଆଜି ଏକ ବିଂଶ ଶତାବ୍ଦୀରେ ଯନ୍ତ୍ରବିତ ମଣିଷ ହିନ୍ଦୁ ସଂସ୍କୃତିର ଐତିହ୍ୟ, ପରମ୍ପରା, ଧର୍ମ ଧାରାକୁ ଭୂଲିଯାଇ ଏହାକୁ ମାହଲିଆ ବୋଲି ମନ୍ତବ୍ୟ ପ୍ରଦାନ କରନ୍ତି। ଏହିଭଳି ବ୍ୟକ୍ତି ବିଶେଷ ଭୂଲି ଯାଇଛନ୍ତି "ଯେଭଳି ବୁଣିବ ସେଭଳି ପାଇବ"। ସେହିଭଳି ପରିବାର ପିତୃପୁରୁଷଙ୍କ ଶାପର ଭାଗିଦାରୀ ହୋଇ ନାନା କଷ୍ଟର ସମ୍ମୁଖୀନ ହୋଇଥାନ୍ତି।

ଏହି ମହାଳୟାରେ ମୃତ୍ୟୁବରଣ କରିଥିବା ଆତ୍ମୀୟମାନେ ମଧ୍ୟ ଭାଗୀ ହୁଅନ୍ତି; ଯଥା ପିତା, ପିତାମହ, ପ୍ରପିତାମହ, ମାତା, ପିତାମହୀ, ପ୍ରମାତାମହ, ବିମାତା, ପିତୃଭ୍ରାତା, ଜନନୀ, ଭଗିନୀ, ଶାଶୁ, ଶ୍ୱଶୁର, ଗୁରୁଶିଷ୍ୟ ଏବଂ ଆଶ୍ରିତ ଦାସାଦି ସମସ୍ତେ ମହାଳୟା ଶ୍ରାଦ୍ଧରେ ତୃପ୍ତି ଲାଭ କରିଥାନ୍ତି। ଅର୍ଥାତ୍ ଏ ସମସ୍ତଙ୍କର ଶ୍ରାଦ୍ଧରେ ଅଧିକାର ଥାଏ। ତେଣୁ ପ୍ରତ୍ୟେକ ହିନ୍ଦୁ ପରିବାର ଶ୍ରାଦ୍ଧ ପ୍ରଦାନ କରି ପିତୃପୁରୁଷଙ୍କୁ ସନ୍ତୁଷ୍ଟ କରିବା ବିଧେୟ। "ନବ ଦୈବତ୍ୟ ପାର୍ବଣ" ଏବଂ ଅନ୍ୟ ସମସ୍ତଙ୍କର "ଏକୋର୍ଦ୍ଦିଷ୍ଟ" ଏହି ମହାଳୟା ଶ୍ରାଦ୍ଧର ସ୍ୱରୂପ ଅଟେ। ତେଣୁ ଶିକ୍ଷିତ ସମାଜ ନିଜକୁ ଶିକ୍ଷିତ କରିଥିଲେ ମଧ୍ୟ ଶାସ୍ତ୍ର ମୋଦିତ ପରମ୍ପରାକୁ ଅଣଦେଖା ନକରି ପୂର୍ଣ୍ଣ ଶ୍ରଦ୍ଧା ଏବଂ ଦୃଢ଼ ବିଶ୍ୱାସ ସହ ମହାଳୟା ଶ୍ରାଦ୍ଧ କଲେ, ନିଜର ସମସ୍ତ କାମନା ଫଳପ୍ରଦ ହୋଇଥାଏ।

ଖୋର୍ଦ୍ଧା

# ଅବାଞ୍ଛିତ ଫୋନ୍ କଲରୁ କେମିତି ମିଳିବ ମୁକ୍ତି ?



**ଗୋପାଳ ମହାପାତ୍ର**

ଏବେ ଦେଶରେ ଟିଲିମାର୍କେଟିଂ ଜୋର ସୋରରେ ଚାଲିଛି। ଏଥିପାଇଁ ଟେଲିକମ୍ କମ୍ପାନୀମାନେ କେବଳ ଦାୟୀ ନୁହଁନ୍ତି ଆମେମାନେ ମଧ୍ୟ ଦାୟୀ। ଆମ ମାନଙ୍କ ମଧ୍ୟରୁ ଅନେକ ଲୋକ ନିଜର ସୋସିଆଲ ମିଡିଆରେ ଫୋନ ନମ୍ବର ଦେଇଛେ। ଏଥି ସହ ଆମେ ଅନେକ ସମୟରେ ସୋସିଆଲ ମିଡିଆରେ ଆସୁଥିବା ଅନେକ ପୋଷ୍ଟରେ କମେଣ୍ଟ ଦେବା ସହ ନିଗ ଫୋନ (ମୋବାଇଲ) ନମ୍ବର ମଧ୍ୟ ଦେଇଦେଉଛେ। ଏସବୁରୁ ଟେଲିମାର୍କେଟିଙ୍ଗ କମ୍ପାନୀ ମାନେ ମୋବାଇଲ ନମ୍ବରକୁ ଦେଖି ପାରୁଛନ୍ତି ଏବଂ ସେମାନଙ୍କ ମାର୍କେଟିଙ୍ଗର ଖେଳ ଆରମ୍ଭ କରି ଦେଉଛନ୍ତି। ଏସବୁର ସିଧାସଳଖ ଅର୍ଥ ହେଉଛି ସୋସିଆଲ ମିଡିଆରୁ ମୋବାଇଲ ନମ୍ବରକୁ ଏକତ୍ରିତ କରି ଟେଲିଫୋନ ବା ମୋବାଇଲ ମାଧ୍ୟମରେ ନିଜର ଉତ୍ପାଦ ବିକ୍ରୀ କରୁଥିବା କମ୍ପାନୀମାନେ ଲୋକଙ୍କୁ ଟେଲିଫୋନ କରିବା ଆରମ୍ଭ କରିଦେଉଛନ୍ତି। ଅନେକ ସମୟରେ ଟେଲିମାର୍କେଟିଙ୍ଗ କମ୍ପାନୀ ମାନଙ୍କ ଫୋନ ଲୋକେ ଉଠାଇଥାନ୍ତି। ଅପର ପକ୍ଷରୁ ଟେଲିକମ ଅପରେଟର କିମ୍ବା କମ୍ପ୍ୟୁଟରର ସ୍ୱର ଶୁଣିବାକୁ ମିଳିଥାଏ। ଏଭଳି ଫୋନ୍ କଲ ଲୋକଙ୍କୁ ଅସୁବିଧାରେ ପାକାଇଥାଏ ଓ ଲୋକେ ଫୋନ କଲରୁ ମୁକ୍ତି ପାଇବାକୁ ଚାହିଁଥାନ୍ତି। ଏଭଳି ଫୋନକଲ ଲୋକଙ୍କୁ ବ୍ୟାଙ୍କ ସେବା ଅଥବା ଅନ୍ୟ କିଛି ସେବା ଯୋଗାଇ ଦେବାର ପ୍ରତିଶ୍ରୁତି ଦେଇ ଲୋକଙ୍କ ବ୍ୟକ୍ତିଗତ ତଥ୍ୟ ବାବଦରେ ସୂଚନା ମାଗିଥାନ୍ତି। ଏହି ଟେଲିମାର୍କେଟିଙ୍ଗ ଫୋନ କଲରେ ଲୋକଙ୍କୁ ବିଭିନ୍ନ ବିକ୍ରୀ ଏପରିକି କ୍ରେଡିଟ କାର୍ଡ ଭଳି ସେବା ମଧ୍ୟ ବିକ୍ରୀ କରାଯିବା କଥା କୁହାଯାଇଥାଏ। ଲୋକଙ୍କ ସହମତି ବିନା ଏହିଫୋନ କଲ ସବୁ ଆସିଥାଏ ଏବଂ ଲୋକଙ୍କୁ ବାରମ୍ବାର ଏହିଭଳି ଫୋନ କଲ ଆସିଥାଏ ଯାହା ଲୋକଙ୍କୁ ହଇରାଣ କରିଥାଏ। କେତେକ ସମୟରେ ଲୋକେ ବିଶ୍ୱାସ କରି ସେବା ଗ୍ରହଣ ପାଇଁ ରାଜି ହୋଇ ଠକାମୀରେ ପଡ଼ିଥାନ୍ତି।

ଲୋକଙ୍କ ଇଚ୍ଛା ନଥିବା ସତ୍ତ୍ୱେ ଆସୁଥିବା ଏଭଳି ଫୋନ କଲକୁ ଅନଓ୍ୱାଣ୍ଟେଡ଼ କଲମଧ୍ୟ କୁହାଯାଇପାରେ। କେତେକ ଏଭଳି କଲ ମଧ୍ୟ ଆସେ ଯେ ଯେଉଁଥିରେ କଲ କରିଥିବା ବ୍ୟକ୍ତି ବ୍ୟାଙ୍କରୁ କହୁଛିବୋଲି କହି ବ୍ୟକ୍ତିଗତ ସୂଚନା ମାଗିଥାନ୍ତି। ଏସବୁ ଫୋନକଲ ଲୋକଙ୍କୁ ଅଯଥାରେ ହଇରାଣ କରିଥାଏ ଓ ମାନସିକ ଚାପ ସୃଷ୍ଟି କରିଥାଏ। ଏପରିକି ବିଶ୍ୱାସ କରି ଲୋକେ ବ୍ୟକ୍ତିଗତ ତଥ୍ୟ ପ୍ରଦାନ କରିବା କାରଣରୁ ବ୍ୟାଙ୍କରେ ଥିବା କଷ୍ଟଲବ୍ଧ ଅର୍ଥକୁ ମଧ୍ୟ ତାଙ୍କ ଆକାଉଣ୍ଟରୁ ଟ୍ରାନସ୍ଫର କରାଇ ନେଇଥାନ୍ତି। ଯଦି ଏଭଳି ଫୋନ କଲ ଆସୁଥାଏ ତେବେ ସେଇ ଫୋନ କଲକୁ ବ୍ଲକ କରିହେବ। ଟେଲିମାର୍କେଟିଙ୍ଗ ଗ୍ରାହକ ମାନଙ୍କ ସହ ଯୋଡିହେବା ସହ ସେମାନଙ୍କ ଉତ୍ପାଦକୁ ବିକ୍ରୀ କରିବା ପାଇଁ ଏକ ଶକ୍ତିଶାଳୀ ବ୍ୟବସ୍ଥା ଅଟେ। ଏଭଳି ସଂସ୍ଥାମାନେ ଲୋକଙ୍କୁ ଫୋନକରି ସେମାନଙ୍କ ବିଶ୍ୱାସ ଭାଜନ ହେବାପାଇଁ ଉଦ୍ୟମ କରିଥାନ୍ତି ଏବଂ ଲୋକଙ୍କୁ ସର୍ବୋତ୍ତମ ଉତ୍ପାଦ/ ସେବା ବିକ୍ରୀ କରିବାର ପ୍ରତିଶ୍ରୁତି ଦେଇଥାନ୍ତି। ଲୋକଙ୍କର ଯେହେତୁ ଦୈନନ୍ଦିନ ଜୀବନ ପାଇଁ ଅନେକ ଜିନିଷର ଆବଶ୍ୟକତା ରହିଛି ତେଣୁ ଏହି ସଂସ୍ଥାମାନେ ଅନେକଙ୍କୁ ଉତ୍ପାଦବିକ୍ରୀ/ ସେବା ବିକ୍ରୀ କରିବାରେ ସକ୍ଷମ ହୋଇଥାନ୍ତି।

ଭାରତୀୟ ଦୁରସଞ୍ଚାର ନିୟାମକ ପ୍ରାଧିକରଣ (ଟ୍ରାଇ) ଗତ ଅଗଷ୍ଟ




ମାସରେ ଏକ ଆଦେଶ ଜାରି କରିଛନ୍ତି ଓ ଆଦେଶର ଉଦେଶ୍ୟ ହେଉଛି ଅନ୍ୟଓ୍ୱାଣ୍ଟଡ୍ କଲ ଓ (ସ୍ପାମକଲସ୍) ଉପରେ ଅଙ୍କୁଶ ଲଗାଇବା। ଏହି ଆଦେଶରେ ରେକର୍ଡ କରାଯାଇଥିବା ସନ୍ଦେଶ ମଧ୍ୟ ସାମିଲ। ଟେଲିମାର୍କେଟିଙ୍ଗ କରୁଥିବା ବ୍ୟକ୍ତି/ ସଂସ୍ଥା ପକ୍ଷରୁ ଅବାଂଛିତ ଏବଂ ସ୍ପାମ୍ କଲସ୍ ଏବେ ବଢ଼ିବାରେ ଲାଗିଛି। ଏହା ଫଳରେ ମୋବାଇଲ ଉପଭୋକ୍ତା ମାନଙ୍କର ବ୍ୟକ୍ତିଗତତାର ହନନ ହେଉଛି ଏବଂ ଏଭଳି ସମସ୍ୟାର ସମାଧାନ କ'ଣ ଏବଂ କିପରି ଏସବୁକୁ ରୋକାଯାଇ ପାରିବ ତାକୁ ନେଇ ଲୋକେ ଚିନ୍ତିତ। ଦୁର ସଞ୍ଚାର ନିୟାମକ ଏବଂ ସରକାର ଏଭଳି ଅବାଂଛିତ ଫୋନ କଲକୁ ରୋକିବା ପାଇଁ ପ୍ରୟାସ କରିଥିଲେ ଓ ଏଥିପାଇଁ ମଧ୍ୟ ଆଇନ୍ ପ୍ରଣୟନ କରା ଯାଇଥିଲା। ଟେଲିକମ କମର୍ଶିଆଲ କମ୍ୟୁନିକେସନର କଷ୍ଟମର ପ୍ରିଫରେନ୍ସ ରେଗୁଲେସନ ୨୦୧୮ ଆଇନ କିନ୍ତୁ ସ୍ପାମକଲସକୁ ରୋକିପାରୁ ନାହିଁ। ଅଣପଞ୍ଜିକୃତ ଟେଲିମାର୍କେଟିଙ୍ଗ କମ୍ପାନୀମାନେ ବୈଷୟିକଜ୍ଞାନ କୌଶଳ ସହାୟତାରେ ମୋବାଇଲ ଉପଭୋକ୍ତା ମାନଙ୍କୁ ବିଭିନ୍ନ ସମୟରେ ଫୋନ କରି ସେମାନଙ୍କର ମାନସିକ ସ୍ଥିତି ସହ ଖେଳୁଛନ୍ତି। କିନ୍ତୁ ଦୁରସଞ୍ଚାର ସେବା ପ୍ରଦାନକାରୀ ସଂସ୍ଥା ମାନେ ଏଭଳି ଘଟଣାକୁ ଗୁରୁତ୍ୱ ଦେଉନାହାଁନ୍ତି।

ଟ୍ରାଇପକ୍ଷରୁ ଏବେ ଯେଉଁ ନିର୍ଦ୍ଦେଶ ଜାରି କରାଯାଇଛି ତାହା ସ୍ପାମକଲକୁ ରୋକିବାରେ ସକ୍ଷମ ହୋଇପାରିବ ବୋଲି କୁହାଯାଉଛି। ଟ୍ରାଇ ପକ୍ଷରୁ ଦୁରସଞ୍ଚାର ସେବା ପ୍ରଦାନକାରୀ ସଂସ୍ଥାକୁ କୁହାଯାଇଛି ଯେ ବିଭିନ୍ନ ସେବା ପ୍ରଦାନ କରିବା କଥା କହି ଫୋନକଲ କରାଯାଉଥିବା ଅଣ ପଞ୍ଜିକୃତ ସଂସ୍ଥାମାନଙ୍କୁ ସବୁ ଦୁର ସଂଞ୍ଚାର ସଂସ୍ଥା ଦୁଇବର୍ଷ ପାଇଁ ବାଛନ୍ଦ କରିବା ଆବଶ୍ୟକ। ଏ ବାବଦରେ ଉପଭୋକ୍ତାମାନେ ଅଭିଯୋଗ କଲେ ଯଦି ଅଭିଯୋଗ ସତ୍ୟ ହୁଏ ତେବେ ଟେଲିମାର୍କେଟିଙ୍ଗ ସଂସ୍ଥାଙ୍କୁ ଟେଲିମାର୍କେଟିଙ୍ଗ ପାଇଁ ସୁଯୋଗ ନ ଦିଆଯିବା ପାଇଁ ଟ୍ରାଇ ପକ୍ଷରୁ କୁହାଯାଇଛି। ଟ୍ରାଇ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ସ୍ପାମ କଲକୁ ବନ୍ଦକରିବା ପାଇଁ ଉଦ୍ୟମ କରାଯାଉଛି। ୨୦୨୩ ମସିହାରେ ଅଣ ପଞ୍ଜିକୃତ ଟେଲିମାର୍କେଟର୍ସଙ୍କ ବିରୁଦ୍ଧରେ ୧୨ ଲକ୍ଷରୁ ଅଧିକ ଅଭିଯୋଗ କରାଯାଇଥିଲା। ୨୦୨୪ ମସିହାରେ ପ୍ରଥମ ୬ ମାସ ମଧ୍ୟରେ ୭ଲକ୍ଷ ୯୦ ହଜାର ଅଭିଯୋଗ ଦରଜ କରାଯାଇ ସାରିଲାଣି। ଟ୍ରାଇ ଏବେ ଯେଉଁ ନିର୍ଦ୍ଦେଶ ଜାରି କରିଛି ତାହା ଫଳରେ ଟେଲିମାର୍କେଟିଙ୍ଗ୍ ସଂସ୍ଥା ମାନଙ୍କ ବିରୁଦ୍ଧରେ ଅଙ୍କୁଶ ଲଗାଯାଇ ପାରିବ କି ନାହିଁ ସେକଥା ଆଗାମୀ ଦିନରେ ଜଣାପଡ଼ିବ।

କେବଳ ଟେଲିମାର୍କେଟିଙ୍ଗ ନୁହେଁ ଭାରତର ସାଇବର ଅପରାଧ ବଢ଼ିବାରେ ଲାଗିଛି। ଦକ୍ଷିଣ ଏସିଆର ବିଭିନ୍ନ ଦେଶରୁ ସାଇବର ଅପରାଧକୁ ନିୟନ୍ତ୍ରଣ କରାଯାଉଛି। ସାଇବର ଅପରାଧ ବିଶେଷ କରି ଟେଡିଙ୍ଗଆପ୍, ଲୋନ ଆପ୍, ଗେମିଙ୍ଗଆପ, ଡ଼େଟିଙ୍ଗ୍ ଆପ ଏବଂ ଏଲଗୋରିଦିନ ହେରଫେର ସହ ଜଡିତ। ଦେଶ ଭିତରେ ଥିବା ସାଇବର ଅପରାଧି ବେଳେବେଳେ ଧରାପଡୁଛନ୍ତି। ଦେଶ ବାହାରର ସାଇବର ଅପରାଧିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଏକ ବଡ଼ ପ୍ରଶ୍ନବାଚୀ। ସାଇବର ଅପରାଧକୁ କେମିତି ରୋକିହେବ ସେ ଦିଗରେ ଠୋସ୍ ପଦକ୍ଷେପ ନିଆଯିବା ଉଚିତ୍। ଦେଶର ରାଜ୍ୟ ମାନଙ୍କରେ ସାଇବର ଅପରାଧକୁ ରୋକିବା ପାଇଁ ଡେସ୍କ ରହିଛି ଓ ଲୋକଙ୍କୁ ଏ ବାବଦରେ ସଚେତନ କରିବା ପାଇଁ ଉଦ୍ୟମ ହେଉଛି। ଏବର୍ଷ ପ୍ରଥମ ୪ମାସ ମଧ୍ୟରେ ୧୨୦୩ କୋଟି ଟଙ୍କାର ଡିଜିଟାଲ ଠକେଇ ହୋଇଥିବା ବାବଦରେ ୪୫୯୯ଟି ଅଭିଯୋଗ ହୋଇଛି ବ୍ୟବସାୟିକ ଠକେଇ ବାବଦରେ ୨୦୦୪୩ ଅଭିଯୋଗ ହୋଇଛି ଏବଂ ୧୪୨୦୪ କୋଟି ଟଙ୍କା ଠକି ନିଆଯାଇଛି। ନିବେଶ ସମ୍ବନ୍ଧିତ ୨୨୨୫.୮୨ କୋଟିର ଠକେଇ ବାବଦରେ ୬୨୬୮୭ ଅଭିଯୋଗ ହୋଇଛି। ଏଭଳି ଅନ୍ୟ କେତେକ ମାମଲାରେ ମଧ୍ୟ ଠକେଇ ବାବଦରେ ଅଭିଯୋଗ ହୋଇଛି। ଏଭଳି ପ୍ରସଙ୍ଗରେ ସମୁଦାୟ ୧୦ ହଜାର ମାମଲ ଦରଜ ହୋଇଛି। ଏବେ ସୁଦ୍ଧା ୩ଲକ୍ଷ୨୫ ହଜାର ବ୍ୟାଙ୍କ ଖାତାକୁ ଜବତ କରାଯାଇଛି ଓ ୫ଲକ୍ଷ ୩୦ ହଜାର ମୋବାଇଲ ସିମ୍‌କାର୍ଡ ରଦ୍ଦ କରାଯାଇଛି, ହ୍ୱାଟସଆପ୍ ଗୃପ୍ ସହିତ ୩୪୦୧ ସୋସିଆଲ ମିଡିଆ ଆକାଉଣ୍ଟ ବନ୍ଦ କରି ଦିଆଯାଇଛି।

ରାମଚନ୍ଦ୍ରପୁର, ରଣପୁର
ମୋବାଇଲ୍: ୯୪୩୮୪୮୫୦୯୪

# ଧର୍ମାତ୍ମା ନିମି



**ଜୟଶ୍ରୀ ପଟ୍ଟନାୟକ**

ବାଲ୍ମିକୀ ରାମାୟଣ ଅନୁସାରେ ଈକ୍ଷାକୁ ବଂଶର ପୁତ୍ର ମାନଙ୍କ ଭିତରେ ନିମି ଥିଲେ ଦ୍ୱାଦଶ ପୁତ୍ର। ସେ ଥିଲେ ପ୍ରତାପୀ, ଦାନୀ ଓ ଧର୍ମାତ୍ମା ରାଜା। ହୋମ ଯଜ୍ଞାଦି ଦାନଧର୍ମ ରେ ଆଗ୍ରହ ଥିବାରୁ ଥରେ ସେ ଗୋଟିଏ ବଡ଼ ଯଜ୍ଞର ଆୟୋଜନ କରି ପିତାଙ୍କ ଆଦେଶ ନେଇ ଯଜ୍ଞ ସାମଗ୍ରୀ ପ୍ରସ୍ତୁତ କରିବା ପରେ ଅଙ୍ଗିରା, ପୁଲସ୍ତ୍ୟ, ଗୌତମ, କାମଦେବ, ଋଚିକ, ପୁଲକ ଆଦି ଦେବଜ୍ଞ ତପସ୍ୱୀ ମାନଙ୍କୁ ଯଜ୍ଞକୁ ନିମନ୍ତ୍ରଣ କରିଥିଲେ। କୂଳଗୁରୁ ବଶିଷ୍ଠ ଙ୍କୁ ଯଜ୍ଞର ପୁରୋହିତ ହେବାପାଇଁ ନିବେଦନ ରଖିଥିଲେ। ବଶିଷ୍ଠ ଦେବରାଜ ଇନ୍ଦ୍ରଙ୍କ ଯଜ୍ଞ କରିବାପାଇଁ ପୂର୍ବରୁ ନିମନ୍ତ୍ରଣ ପାଇଥିବାରୁ ଇନ୍ଦ୍ରଙ୍କ ଯଜ୍ଞ ସମାପନ ପରେ ରାଜା ନିମିଙ୍କ ଯଜ୍ଞ କରିବେ ବୋଲି କହିଲେ। ନିମି ଯଜ୍ଞର ସମସ୍ତ ପ୍ରସ୍ତୁତି ସାରିଦେଇଥିବାରୁ ଏବଂ ବଶିଷ୍ଠ ତାଙ୍କର ନିବେଦନ ରକ୍ଷା ନ କରିବାରୁ ସେ ଆଉ କାଳ ବିଳମ୍ବ ନ କରି ଗୌତମ ଋଷି ଙ୍କ ଦ୍ୱାରା ଯଜ୍ଞ କାର୍ଯ୍ୟ କରି ଦାନ ଧର୍ମାଦି କଲେ। ସେପଟେ ଇନ୍ଦ୍ରଙ୍କ ଯଜ୍ଞ ସାରି ବଶିଷ୍ଠ ନିମିଙ୍କୁ ଭେଟିବାକୁ ଗଲେ। ନିମି ଯଜ୍ଞାଦି କର୍ମରେ ଥକି ଯାଇ ନିଦ୍ରିତ ଅବସ୍ଥାରେ ଅଛନ୍ତି ବୋଲି ସେବକ ମାନେ ଜଣାଇଲେ। ବଶିଷ୍ଠ ନିମିଙ୍କ ଭେଟ ନ ପାଇ ଅପମାନିତ ହେବାରୁ ଏବଂ ବଶିଷ୍ଠ ପରି ଗୁରୁଙ୍କୁ ଅବଜ୍ଞା କରି ଗୌତମ ଋଷି ଦ୍ୱାରା ଯଜ୍ଞ ସମ୍ପନ୍ନ କରି ଦେଇଥିବାରୁ କ୍ରୋଧିତ ହୋଇ ନିମିଙ୍କୁ ଶରୀର ହୀନ ବା ବିଦେହ ହେବାର ଶାପ୍ୟ ଦେଲେ। ଏକଥା ଜାଣି ସେବକମାନେ ନିମିଙ୍କୁ ଜଣାଇବାରୁ ନିମି ନିଦ୍ରିତ ଅବସ୍ଥାରୁ ଜାଗ୍ରତ ହୋଇ ବଶିଷ୍ଠ ପାଖରେ ପହଁଚି କହିଲେ ଗୁରୁବର ,ବହୁ ପ୍ରାର୍ଥନା ପରେ ଆପଣ ଯଜ୍ଞ ପାଇଁ



ଅରାଜି ହେବାରୁ ମୁଁ ଯଜ୍ଞ କାର୍ଯ୍ୟ ଅନ୍ୟ ଅଗ୍ନିହୋତ୍ରୀ ଦ୍ୱାରା କରାଇଲି ଏଥିରେ ଆପଣ ଏତେ ଓ୍ୱିଜ୍ଞ ,ତତ୍ତ୍ୱଦର୍ଶୀ ହୋଇ କ୍ରୋଧରେ ଅଭିଶାପ ଦେଇଛନ୍ତି ଯଦି ମୁଁ ମଧ୍ୟ ଆପଣଙ୍କୁ ଶରୀରହୀନ ହୋଇଯାଉ ବୋଲି ଅଭିଶାପ ଦେଉଛି। ଉଭୟେ ନିମି ଓ ବଶିଷ୍ଠ ଉଭୟଙ୍କୁ ଶାପ୍ୟ ଦେଲେ। ନିମି ଯଜ୍ଞରେ ଦୀକ୍ଷିତ ଥିଲେ ଓ ଯଜ୍ଞ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଏ ଅଭିଶାପର କଷ୍ଟରୁ ଋଷିମାନେ ନିମିଙ୍କ ଶରୀରକୁ ରକ୍ଷା କଲେ। ଶ୍ୱାସକ୍ରିୟା ଚାଲିଲା। ଆତ୍ମା ଶରୀରରେ ରହିଲା। ଯଜ୍ଞକୁ ଇନ୍ଦ୍ର ଆଦି ଦେବଗଣ ଗଲା ପରେ ଋଷି ମାନେ ନିମିଙ୍କ ଅବସ୍ଥା ଜଣାଇଲେ। ଦେବଗଣ ନିମିଙ୍କ ଯଜ୍ଞରେ ସନ୍ତୁଷ୍ଟ ଥିବାରୁ ମନବାଞ୍ଛା ବର ମାଗିବାକୁ କହିଲେ। ନିମି କହିଲେ ସମସ୍ତ ପ୍ରାଣୀଜଗତ ଯେଉଁ ନେତ୍ର ଦ୍ୱାରା ଦେଖନ୍ତି ମୁଁ ସେହି ନେତ୍ରରେ ପଲକ ହୋଇ ରହିବି। ତାପରେ ଦେବରାଜ ଇନ୍ଦ୍ରଙ୍କ କଥାରେ ଭଗବତୀ ଦୁର୍ଗା ଙ୍କୁ ପ୍ରାର୍ଥନା କରିବାରୁ ଭଗବତୀ ଦୁର୍ଗା ତାଙ୍କୁ ସବୁ ପ୍ରାଣୀଙ୍କ ନେତ୍ରରେ ପଲକ ହୋଇ ରହିବାର ଆଶିଷ ଦେଲେ। ତେଣୁ ମଣିଷ ପଶୁପକ୍ଷୀ ଙ୍କୁ ନିମିଷ ପ୍ରାଣୀ(ପଲକ ପକାଉଥିବା) ପ୍ରାଣୀ କୁହାଯାଏ। ଏହାପରେ ଦେବତାମାନେ ନିମିଙ୍କ ନଷ୍ଟ ସ୍ଥୂଳ ଶରୀର ଆଗରେ ରଖି ମନ୍ଥନ କଲେ ମନ୍ତ୍ର ଉଚ୍ଚାରଣ ପରେ ସେଥିରୁ ଗୋଟିଏ ବାଳକ ଅବିକଳ ନିମି ଭଳି ବାହାରିଲା। ମନ୍ଥନ ରୁ ଜାତ ବୋଲି ତା ନାଁ ମିଥି ରଖାଗଲା ଏବଂ ଏହି ନାମାନୁସାରେ ରାଜ୍ୟର ନାମ ମିଥିଳା ବିଦେହ ରହିଲା। ନିମିଙ୍କ ଠାରୁ ରାଜା ଜନକ ଜନ୍ମ ନେଲେ ଓ ଗଙ୍ଗା କୂଳରେ ମିଥିଳା ନଗରୀ ସ୍ଥାପନ ହେଲା। ନିମି ସ୍ୱୟଂ ବିଦେହ ପ୍ରାଣୀ ମାନଙ୍କ ପଲଜରେ ରହିଲେ। ସଂସ୍କୃତରେ ନିମି ଅର୍ଥ ପଲକ। ଏହି କାହାଣୀ ତ୍ରେତୟା ରେ ଶ୍ରୀରାମ ଲକ୍ଷ୍ମଣ ଙ୍କୁ ଶୁଣାଇଥିଲେ।

ଭୁବନେଶ୍ୱର
ମୋବାଇଲ୍: ୭୯୭୮୧୧୦୪୭୪

# ହୁତି ବିଦ୍ରୋହୀଙ୍କ ଉପରେ ଇସ୍ରାଏଲର ଏୟାରଷ୍ଟ୍ରାଇକ୍



**ତେଲଆଭିଭ, ୩୦।୯:** ଲେବାନନରେ ହେଜବୁଲ୍ଲା ଉପରେ ଘନଘନ ହମଲା ଭିତରେ ୟେମେନରେ ହୁତି ବିଦ୍ରୋହୀଙ୍କ ଉପରେ ଏୟାରଷ୍ଟ୍ରାଇକ୍ କରିଛି ଇସ୍ରାଏଲ୍। ଇରାନ୍ ସମର୍ଥିତ ହୁତି ବିଦ୍ରୋହୀଙ୍କର ଠିକଣା ଉପରେ ଆକାଶମାର୍ଗରୁ ବର୍ଷିଛି ମିସାଇଲ ଓ ରକେଟ। ବିଶେଷ କରି ୟେମେନରେ ସେମାନଙ୍କର କବଜାରେ ଥିବା ପାୱାର ପ୍ଲାଣ୍ଟ ଓ ସି-ପୋର୍ଟକୁ ଟାର୍ଗେଟ କରିଛି ଇସ୍ରାଏଲ ଏୟାରଫୋର୍ସ। ଏସବୁ ହୁତି ବିଦ୍ରୋହୀଙ୍କ ପାଇଁ ଇରାନରୁ ଅସ୍ତ୍ରଶସ୍ତ୍ର ଯୋଗାଣ ପାଇଁ ପ୍ରମୁଖ ମାଧ୍ୟମ ଥିଲା। ଇସ୍ରାଏଲ୍ ଡିଫେନ୍ସ ଫୋର୍ସ, ଇସ୍ରାଏଲ ସେନା ମୁଖ୍ୟ କହିଛନ୍ତି, ହୁତି ଆତଙ୍କୀଙ୍କ ପାଇଁ ଏହା ବାର୍ତ୍ତା ନୁହେଁ, ଆକ୍ସନ। ସେପଟେ ହୁତି ପକ୍ଷରୁ କୁହାଯାଇଛି ଯେ, ଇସ୍ରାଏଲ୍ ଏୟାରଷ୍ଟ୍ରାଇକରେ ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୯ ଆହତ ହୋଇଛନ୍ତି। ଉତ୍ତର ଇସ୍ରାଏଲ୍ ଓ ହାଇଫା ଉପରେ ଇରାନ୍ ସମର୍ଥିତ ଆତଙ୍କବାଦୀ ସଂଗଠନ ହେଜବୁଲ୍ଲା ମିସାଇଲ୍ ମାଡ଼ କରିବା ପରେ ମଧ୍ୟପ୍ରାଚ୍ୟରେ ବଢ଼ିଛି ଟେନସନ୍। ହେଜବୁଲ୍ଲାକୁ ମୁହଁତୋଡ ଜବାବ ଦେବାକୁ ଯାଇ ଲେବାନନ ରାଜଧାନୀ ବେରୁଟରେ ଘନଘନ ଏୟାରଷ୍ଟ୍ରାଇକ୍ କରିଥିଲା ଇସ୍ରାଏଲ୍। ଯେଉଁଥିରେ ହିଜବୁଲ୍ଲା ମୁଖ୍ୟ ହସନ୍ ନସରଲ୍ଲା ନିହତ ହୋଇଛି। ମଧ୍ୟପ୍ରାଚ୍ୟରେ ଟେନସନ୍ ବଢୁଥିବା ବେଳେ ବଡ଼ ବୟାନ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍। ସେ କହିଛନ୍ତି, ମଧ୍ୟପ୍ରାଚ୍ୟରେ ଏକ ଅଲ ଆଉଟ୍ ୱାରକୁ ଏଡ଼ାଇବା ଆବଶ୍ୟକ। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁଙ୍କ ସହ କଥା ହେବ ବୋଲି କହିଛନ୍ତି ବାଇଡେନ୍।

## ସିରିଆରେ ଆମେରିକାର ଏୟାରଷ୍ଟ୍ରାଇକ୍, ୩୭ ମୃତ

**ଦାମସ୍କସ, ୩୦।୯:** ସିରିଆ ଉପରେ ଏୟାରଷ୍ଟ୍ରାଇକ୍ କରିଛି ଆମେରିକା। ଏହି ଆକ୍ରମଣରେ ୩୭ ଆତଙ୍କବାଦୀ ନିହତ ହୋଇଛନ୍ତି। ଏମାନେ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍ଆଇଏସ୍) ଏବଂ ଅଲ୍‌କାଏଦା ସହ ସମ୍ପୃକ୍ତ ଗ୍ରୁପ୍ ଦ୍ୱାରା ଆତଙ୍କବାଦୀ ଭାବେ ସ୍ୱୀକୃତି ପାଇଥିଲେ ବୋଲି ଆମେରିକା ସେନା କହିଛି। ମୃତକଙ୍କ ମଧ୍ୟରେ ଦୁଇ ଜଣ ବରିଷ୍ଠ ଆତଙ୍କବାଦୀ ଅଛନ୍ତି। ରବିବାର ଜାରି କରାଯାଇଥିବା ବୟାନରେ ଆମେରିକାର ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକୋମ) କହିଛି ଯେ ସେପ୍ଟେମ୍ବର ୧୬ରେ ସିରିଆର ଏକ ବଡ଼ ଧରଣର ଏୟାର ଷ୍ଟ୍ରାଇକ୍ କରାଯାଇଥିଲା। ଏଥିରେ ଚାରିଜଣ ସିରିଆର ବରିଷ୍ଠ ନେତାଙ୍କ ସମେତ ଅତି କମରେ ୨୮ ଜଣ ଆତଙ୍କବାଦୀ ନିହତ ହୋଇଥିଲେ। ତେବେ ବୟାନରେ ମୃତ୍ୟୁବରଣ କରିଥିବା ଲୋକଙ୍କୁ ପରିଚୟ ବିଷୟରେ କୁହାଯାଇ ନାହିଁ। ଏହାପୂର୍ବରୁ ଅଲ୍‌କାଏଦା ସହ ସମ୍ପୃକ୍ତ ହୁରାସ୍ ଅଲ୍-ଦିନ୍ ଗ୍ରୁପ୍‌ର ବରିଷ୍ଠ ଆତଙ୍କବାଦୀ ଓ ଅନ୍ୟ ୮ ଜଣଙ୍କୁ ଟାର୍ଗେଟ କରି ଆମେରିକା ସେଣ୍ଟ୍ରାଲ କମାଣ୍ଡ ସିରିଆର ଉତ୍ତରପଶ୍ଚିମ ଭାଗରେ ବୋମାମାଡ଼ କରିଥିଲା।

## ଏହା କଫି ସପ୍ ନୁହଁ, କୋର୍ଟ ଓକିଲଙ୍କ ଉପରେ ବର୍ଷିଲେ ସିଜେଆଇ

**ନୂଆଦିଲ୍ଲୀ, ୩୦।୯:** 'ଏହା କୌଣସି କଫି ସପ୍ ନୁହେଁ। ଏହା ହେଉଛି କୋର୍ଟ।' ଏକ ମାମଲାର ଶୁଣାଣି ସମୟରେ ଏଭଳି କିଛି କହି ଓକିଲଙ୍କ ଉପରେ ବର୍ଷିଛନ୍ତି ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼। ଆଜି ସୁପ୍ରିମକୋର୍ଟରେ ଏକ ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି ଚାଲିଥିଲା। ଏହି ସମୟରେ ଓକିଲ 'yeah' ଶବ୍ଦ ବ୍ୟବହାର କରିଥିଲେ। ଏହାକୁ ନେଇ ରାଗି ଯାଇଥିଲେ ଭାରତର ପ୍ରଧାନ ବିଚାରପତି ଜଷ୍ଟିସ ଡିଓ୍ୱାଇ ଚନ୍ଦ୍ରଚୂଡ୍। ତାଙ୍କୁ ତାଗିଦ କରିବା ସହ ଏହା କୌଣସି କଫି ସପ୍ ନୁହେଁ, ଏହା ହେଉଛି କୋର୍ଟ ବୋଲି କହିଥିଲେ। ପ୍ରକୃତରେ ୨୦୧୮ର ଏକ ଆବେଦନର ଶୁଣାଣି ସମୟରେ ଏହି ଘଟଣା ଘଟିଛି। ଯେଉଁଥିରେ ଓକିଲ ଭାରତର ପୂର୍ବତନ ପ୍ରଧାନ ବିଚାରପତି ରଂଜନ ଗୋଗୋଇଙ୍କୁ ଏକ ପକ୍ଷକାର ଭାବରେ ନାମିତ କରିଥିଲେ। ପ୍ରଧାନ ବିଚାରପତି ଚନ୍ଦ୍ରଚୂଡ଼ ଏହି ଆବେଦନର ଉପଯୁକ୍ତତା ଉପରେ ପ୍ରଶ୍ନ କରି କହିଛନ୍ତି ଯେ ସମ୍ବିଧାନର ଧାରା ୩୨ ଅନୁଯାୟୀ ଦାଏର କରାଯାଇପାରିବ ନାହିଁ, ଯାହା ନାଗରିକମାନଙ୍କୁ ସେମାନଙ୍କର ମୌଳିକ ଅଧିକାରର ଉଲ୍ଲଂଘନ ପାଇଁ ସାମ୍ବିଧାନିକ ପ୍ରତିକାର ପାଇଁ ଅନୁମତି ଦେଇଥାଏ। ଏହି ମାମଲାରେ ଯୁକ୍ତି ଆଗକୁ ବଢ଼ିବା ପରେ ଓକିଲ ଅନୌପଚାରିକ ଭାଷା ପ୍ରୟୋଗ କରିବାକୁ ଲାଗିଥିଲେ। ସେ 'yeah yeah' (ହଁ ହଁ) ଶବ୍ଦ ବ୍ୟବହାର କରିଥିଲେ। ଏଥିରେ ତୁରନ୍ତ ସିଜେଆଇ ହସ୍ତକ୍ଷେପ କରି ତାଙ୍କୁ ତାଗିଦ କରିଥିଲେ। ସେ ଓକିଲଙ୍କୁ କହିଥିଲେ ଯେ, "ଏହା କୌଣସି କଫି ସପ୍ ନୁହେଁ! ଏହା କୋର୍ଟ। 'yeah yeah'? 'yeah yeah' ଶବ୍ଦକୁ ନେଇ ମୋର ଆଲର୍ଜି। ଏହାକୁ ବରଦାସ୍ତ କରାଯାଇପାରିବ ନାହିଁ।" ନ୍ୟାୟିକ ପ୍ରକ୍ରିୟାରେ ଆନୁଷ୍ଠାନିକ ଭାଷାର ଆବଶ୍ୟକତା ଉପରେ ଆଲୋକପାତ କରି ସିଜେଆଇ ଏହା ଉପରେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ।

## ଖଡ଼ଗେ ଦୀର୍ଘାୟୁ ହୁଅନ୍ତୁ



**ଶ୍ରୀନଗର, ୩୦।୯:** 'ଖଡ଼ଗେ ଦୀର୍ଘାୟୁ ହୁଅନ୍ତୁ। ସୁସ୍ଥ ରୁହନ୍ତୁ। ୨୦୪୭ ଯାଏ ବିକଶିତ ଭାରତର ନିର୍ମାଣ ହେବା ଯାଏ ସେ ଜୀବିତ ରୁହନ୍ତୁ।' ଆଜି ଏଭଳି କିଚି କହି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କୁ ଟାର୍ଗେଟ କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ।

ଜମ୍ମୁ-କଶ୍ମୀରର ଜସ୍ରୋତାଠାରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରିବା ଅବସରରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଅସୁସ୍ଥ ହୋଇପଡିଥିଲେ। ଚେତା ଫେରିବା ପରେ ସେ ମୋଦିଙ୍କୁ ସମାଲୋଚନା କରିଥିଲେ। ମୋଦିଙ୍କୁ କ୍ଷମତାରୁ ନହଟାଇବା ଯାଏଁ ସେ ମରିବେ ନାହିଁ ବୋଲି କହିଥିଲେ। ଏବେ ଏହାକୁ ନେଇ କେନ୍ଦ୍ର ଗୃହମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ଅମିତ ଶାହ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ମଲ୍ଲିକାର୍ଜୁନ ଖଡ଼ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱାସ୍ଥ୍ୟାବସ୍ଥା ପ୍ରସଙ୍ଗରେ ଅଯଥାରେ ତାଙ୍କୁ ନେଇ ଟିପ୍ପଣୀ ଦେଇଛନ୍ତି।

## ଦେଶୀ ଗାଈକୁ 'ରାଜ୍ୟମାତା'ର ମାନ୍ୟତା ଦେଲେ ମହାରାଷ୍ଟ୍ର ସରକାର

**ମୁମ୍ବାଇ, ୩୦।୯:** ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପୂର୍ବରୁ ଏକନାଥ ସିନ୍ଦେ ସରକାର ଏକ ବଡ ନିଷ୍ପତ୍ତି ନେଇଛନ୍ତି। ସରକାର ଦେଶୀ ଗାଈକୁ ରାଜ୍ୟମାତା-ଗୋମାତାର ମାନ୍ୟତା ଦେଇଛନ୍ତି। ଆଜି ରାଜ୍ୟ କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଯାଇଛି। ବିଧାନସଭା ନିର୍ବାଚନକୁ ଅଳ୍ପ କିଛି ମାସ ବାକି ଥିବାବେଳେ ଏପରି ନିଷ୍ପତ୍ତି ନେଇଛନ୍ତି ମହାରାଷ୍ଟ୍ର ସରକାର। ଆଜି ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ଗାଈକୁ ରାଜମାତା-ଗୋମାତାର ମାନ୍ୟତା ଦିଆଯାଇଥିବା ନେଇ ଘୋଷଣା କରାଯାଇଛି। ସରକାର ଏକ ବିବୃତ୍ତିରେ କହିଛନ୍ତି ଯେ, ବୈଦିକ ସମୟରୁ ଭାରତୀୟ ସଂସ୍କୃତିରେ ଦେଶୀ ଗାଈର ଗୁରୁତ୍ୱ ରହିଆସିଛି। ମାନବ ଶରୀର ପାଇଁ ଦେଶୀ ଗାଈ ଖୀରର ଉପକାରିତା, ଆୟୁର୍ବେଦ ଚିକିତ୍ସାରେ ଗୋମୂତ୍ର ଏବଂ ଗୋବରର ଆବଶ୍ୟକତା, ପଞ୍ଚଗବ୍ୟ ଚିକିତ୍ସା ପ୍ରଣାଳୀ ଏବଂ କୃଷି କ୍ଷେତ୍ରରେ ଗାଈର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଦୃଷ୍ଟିରେ ରଖି ଗୋମାତାକୁ ରାଜ୍ୟମାତା ଭାବରେ ମାନ୍ୟତା ଦିଆଗଲା। ଏଥିସହ ଗାଈଙ୍କ ଲାଳନ ପାଳନ ପାଇଁ ଗୋଷାଳ ମଧ୍ୟ ନିର୍ମାଣ କରିବାକୁ କ୍ୟାବିନେଟ ନିଷ୍ପତ୍ତି ନେଇଛି। ଦେଶୀଗାଈଙ୍କ ପାଇଁ ପ୍ରତିଦିନ 50 ଟଙ୍କାର ସବସିଡି ବ୍ୟବସ୍ଥା ମଧ୍ୟ ଲାଗୁ କରାଯିବ। କମ୍ ଆୟ କାରଣରୁ ଗାଈଙ୍କୁ ଉପଯୁକ୍ତ ଖାଦ୍ୟ ଦିଆଯାଇ ପାରୁନଥିବାରୁ ଗୋପାଳକଙ୍କୁ ସୁବିଧା ଯୋଗାଇ ଦେବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ଏହି ଯୋଜନା ମହାରାଷ୍ଟ୍ର ଗୋସେବା ଆୟୋଗ ଦ୍ୱାରା ଅନଲାଇନରେ କାର୍ଯ୍ୟକାରୀ ହେବ। ପ୍ରତ୍ୟେକ ଜିଲ୍ଲାରେ ଏକ ଜିଲ୍ଲା ଗୋଶାଳା ଯାଞ୍ଚ କମିଟି ଗଠନ ହେବ, ଯାହା ଏହାର ତଦାରଖ କରିବ।

## ଶୋଇବା ପାଇଁ ଜିତିଲେ ୯ ଲକ୍ଷ

**ବେଙ୍ଗାଲୁରୁ, ୩୦।୯:** ଶୋଇବା ପାଇଁ କାହାକୁବା ଭଲ ନ ଲାଗେ, କିନ୍ତୁ ଏହି ଅଭ୍ୟାସ ପାଇଁ ଅନେକ ସମୟରେ ଗୁରୁଜନଙ୍କଠାରୁ ଗାଳି ଶୁଣିବାକୁ ପଡ଼େ। କିନ୍ତୁ ବେଙ୍ଗାଲୁରୁର ଜଣେ ଯୁବତୀ ଭଲ ଶୋଇବା ପାଇଁ ୯ ଲକ୍ଷ ଟଙ୍କା ଜିତିଛନ୍ତି। ନିଦକୁ ପ୍ରୋତ୍ସାହିତ କରିବା ପାଇଁ ବେଙ୍ଗାଲୁରୁର ଏକ ଷ୍ଟାର୍ଟ-ଅପ୍ କମ୍ପାନୀର ଇନିସିଏଟିଭ୍ କାର୍ଯ୍ୟକ୍ରମରେ ସେ ଏହି ପୁରସ୍କାର ପାଇଛନ୍ତି। ପୁରସ୍କାର ବିଜେତା ଯୁବତୀ ହେଉଛନ୍ତି ସାଇଶ୍ୱରୀ ପାଟିଲ। ସେ ବେଙ୍ଗାଲୁରର ଏକ ବ୍ୟାଙ୍କର ଭାବେ କାର୍ଯ୍ୟରତ ଅଛନ୍ତି। ନିକଟରେ ୱାକଫିଟର ସ୍ଲିପ୍ ଚାମ୍ପିୟନ କାର୍ଯ୍ୟକ୍ରମର ସିଜିନ୍-୩ରେ ଭାଗ ନେଇଥିଲେ ଏବଂ ୱିନର୍ ହୋଇ ୯ ଲକ୍ଷ ଟଙ୍କାର ପୁରସ୍କାର ଜିତିଛନ୍ତି। ଏହି କାର୍ଯ୍ୟକ୍ରମ ପାଇଁ ୧୨ ଜଣ 'ସ୍ଲିପ୍ ଇଣ୍ଟର୍ଣ୍ଣ' ଭାଗ ନେଇଥିଲେ। ପ୍ରତିଯୋଗିତାର ମୂଳ ଲକ୍ଷ୍ୟ ଥିଲା, କିଏ କେତେ ସମୟ ଶୋଇପାରିବ। ବିଶେଷ କରି ପ୍ରତିଯୋଗୀଙ୍କୁ ପ୍ରତ୍ୟେକ ରାତିରେ ଆଠରୁ ନଅ ଘଣ୍ଟା ଶୋଇବାକୁ କୁହାଯାଇଥିଲା। ଏଥିସହ ଦିନରେ ମଧ୍ୟ ୨୦ ମିନିଟ୍ ଶୋଇବାର ଥିଲା। କେବଳ ଏତିକି ନୁହେଁ, ପ୍ରତିଯୋଗୀଙ୍କ ଶୋଇବାକୁ ପ୍ରୋତ୍ସାହିତ କରିବା ପାଇଁ ଉନ୍ନତ ମାନର ପ୍ରିମିୟମ ଗଦି ସାଙ୍ଗକୁ ଯେପରି ସେମାନଙ୍କ ନିଦ ଭଙ୍ଗ ନ ହେବ, ସେଥିପାଇଁ ବ୍ୟବସ୍ଥା କରାଯାଇଥିଲା। ଶେଷରେ ସ୍ଲିପ୍ ଚାମ୍ପିୟନ୍ ଟାଇଟଲ୍ ଜିତି ନେଇଛନ୍ତି ସାଇଶ୍ୱରୀ ପାଟିଲ। ଅନ୍ୟ ପ୍ରତିଯୋଗୀଙ୍କ ତୁଳନାରେ ସେ ଭଲ ଶୋଇବା ପାଇଁ ଏହି ପୁରସ୍କାର ପାଇଛନ୍ତି।

## 'ମୁଦା' ଦୁର୍ନୀତି | ସିଦ୍ଧରମୈୟାଙ୍କ ନାଁରେ ଇଡିର ମାମଲା



ବେଙ୍ଗାଲୁରୁ, ୩୦।୯: କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)। ମୈସୁର ସହରାଞ୍ଚଳ ବିକାଶ ପ୍ରାଧିକରଣ (ମୁଦା) ଜମି ଆବଣ୍ଟନରେ ହେରଫେର ଅଭିଯୋଗରେ ଏହି ମାମଲା ରୁଜୁ କରାଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ନିକଟରେ ଲୋକାୟୁକ୍ତ ପକ୍ଷରୁ ସିଦ୍ଧରମୈୟା, ତାଙ୍କ ପତ୍ନୀ ଏବଂ ଶଳାଙ୍କ ନାଁରେ ମାମଲା ରୁଜୁ କରାଯାଇଥିଲା। ସୋମବାର ଇଡି ସିଦ୍ଧରମୈୟାଙ୍କ ବିରୋଧରେ ଆଉ ଏକ ମାମଲା ରୁଜୁ କରିଛି।

ଜଣେ ଆରଟିଆଇ କାର୍ଯ୍ୟକର୍ତ୍ତା ଟିଜେ ଆବ୍ରାହମ ମୁଦା ଜମି ଆବଣ୍ଟନରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିଥିଲେ। ନିୟମ ଉଲ୍ଲଙ୍ଘନ କରି ସିଦ୍ଧରମୈୟାଙ୍କ ପତ୍ନୀଙ୍କୁ ବହୁ ମୂଲ୍ୟବାନ ସମ୍ପତ୍ତି ଦିଆଯାଇଥିବା ସେ ଦର୍ଶାଇଥିଲେ।

ଏହି ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀଙ୍କ ବିରୁଦ୍ଧରେ ମାମଲା ରୁଜୁ କରି ତଦନ୍ତ ନିର୍ଦ୍ଦେଶ ଦେବାକୁ ରାଜ୍ୟପାଳ ଥୱର ଚାନ୍ଦ ଗେହଲଟଙ୍କୁ ସେ ଅନୁରୋଧ କରିଥିଲେ। ଅଗଷ୍ଟରେ ରାଜ୍ୟପାଳ ଲୋକାୟୁକ୍ତ ପୁଲିସକୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏହା ବିରୁଦ୍ଧରେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ମାତ୍ର ହାଇକୋର୍ଟ ତାଙ୍କ ଆବେଦନକୁ ଖାରଜ କରିଥିଲେ।

## ନକଲି ନୋଟ ଦେଇ ୨ କିଲୋ ସୁନା ଲୁଟିନେଲେ

**ଅହମ୍ମଦାବାଦ, ୩୦।୯:** ଗୁଜୁରାଟ ଅହମ୍ମଦାବାର ସରାଫା ବଜାରରେ କୋଟି କୋଟି ଟଙ୍କାର ଠକେଇର ଏକ ଅଦ୍ଭୁତ ମାମଲା ସାମ୍ନାକୁ ଆସିଛି। ଏଠାରେ ଥିବା ଏକ ସୁନା ଦୋକାନରୁ ମହାତ୍ମା ଗାନ୍ଧିଜୀଙ୍କ ବଦଳରେ ଅଭିନେତା ଅନୁପମ ଖେରଙ୍କ ଫଟୋ ଲାଗିଥିବା ଏଭଳି ନକଲି ନୋଟ ଦେଇ ଠକିଛନ୍ତି ୩ ଧୂର୍ତ୍ତ ଠକ। ପାଖାପାଖି ୧ କୋଟି ୯୦ ଲକ୍ଷ ଟଙ୍କାର ୨ କିଲୋ ସୁନା ନେଇ ଦୁର୍ବୃତ୍ତମାନେ ଫେରାର ହୋଇଯାଇଛନ୍ତି। ସୂଚନା ଅନୁସାରେ ଅହମ୍ମଦାବାଦର ନବରଙ୍ଗପୁରା ଥାନା ଅଞ୍ଚଳର ଏକ ଜୁଏଲାରୀ ଦୋକାନରୁ ୨୧୦୦ ଗ୍ରାମ ସୁନା କିଣିବାକୁ କହି ୧କୋଟି ୩୦ ଲକ୍ଷର ନକଲି ନୋଟ ଦେଇଥିଲେ ୩ ଦୁର୍ବୃତ୍ତ। ନୋଟ ଗଣତି ବେଳେ ଠକେଇ ସଂପର୍କରେ ଜଣାପଡିଥିଲା। ୫୦୦ ଟଙ୍କିଆ ନୋଟ୍‌ରେ ଗାନ୍ଧିଜୀଙ୍କ ଫଟୋ ବଦଳରେ ଅନୁପମ ଖେର୍‌ଙ୍କ ଫଟୋ ଦେଖି ଚକିତ ହୋଇପଡିଥିଲେ ସୁନା ଦୋକାନୀ। ଏହାପରେ ଥାନାରେ ଏତଲା ଦେଇଛନ୍ତି ଦୋକାନ ମାଲିକ। ୩ ଠକ ଫେରାର ଥିବା ବେଳେ, ପୁଲିସ ତନାଘନା ଜାରି ରଖିଛି। ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ପୁଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ଚେଷ୍ଟା ଚଳାଇଛି। ନୋଟ୍ ଅନୁପଖ ଖେରଙ୍କ ଫୋଟ ଥିବା ସହ ରିଜର୍ଭ ବ୍ୟାଙ୍କ ସ୍ଥାନରେ ରେସୋଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଲେଖାଯାଇଛି। ଏହି ମାମଲା ଭାଇରାଲ ହେବା ପରେ ଏନେଇ ନିଜ ସୋସିଆଲ ମିଡିଆ ସାଇଟରେ ପ୍ରତିକ୍ରିୟା ରଖି ଅଭିନେତା ଅନୁପମ ଖେର କହିଛନ୍ତି, ଏଠି କିଛି ବି ସମ୍ଭବ।

## ମା'କୁ ଗଛରେ ବାନ୍ଧି ଜିଅନ୍ତା ଜାଳିଦେଲେ

**ଅଗରତାଲା, ୩୦।୯:** ପୁଅ ପାଲଟିଗଲେ ନୃଶଂସ। ପେଟ କାଟି ଜନ୍ମ କରିଥିବା ନିଜ ମା'କୁ ଭୁଲିଗଲେ। ଗଛରେ ବାନ୍ଧି ଜିଅନ୍ତା ଜାଳିଦେଲେ। ଏଭଳି କିଛି ହୃଦୟ ବିଦାରକ ମାମଲା ସାମ୍ନାକୁ ଆସିଛି ତ୍ରିପୁରାରୁ। ଏହି ଘଟଣାରେ ପୁଲିସ ଦୁଇ ଜଣ ଅଭିଯୁକ୍ତ ପୁଅକୁ ଗିରଫ କରିଛି। ପଶ୍ଚିମ ତ୍ରିପୁରାର ଚମ୍ପକନଗର ପୁଲିସ ଷ୍ଟେସନ ପରିସରର ଖାମବାଡି। ଏଠାକାର ଜଣେ ବୃଦ୍ଧ ମହିଳା ନିଜର ଦୁଇ ପୁଅ ସହ ରହୁଥିଲେ। ପ୍ରାୟ ଦେଢ଼ ବର୍ଷ ତଳେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଥିଲା। ତାଙ୍କର ତୃତୀୟ ପୁଅ ଅଗରତାଲାରେ ରୁହନ୍ତି। ତେବେ ଶନିବାର ରାତିରେ କୌଣସି କଥାକୁ ନେଇ ଦୁଇ ପୁଅ ମା' ସହ ଝଗଡ଼ା ଲାଗିଥିଲେ। ପରେ ଦୁଇ ପୁଅ ମିଶି ବୃଦ୍ଧ ମା'ଙ୍କୁ ନୃଶଂସ ଭାବେ ମାଡ଼ ମାରିଥିଲେ। ଏହାପରେ ତାଙ୍କୁ ଏକ ଗଛରେ ବାନ୍ଧି ଜିଅନ୍ତା ଜାଳି ଦେଇଛନ୍ତି। ଫଳରେ ତାଙ୍କର ମୃତ୍ୟୁ ହୋଇଛି। ଏନେଇ ପୁଲିସକୁ ସୂଚନା ମିଳିବା ପରେ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଛି। ଜିରାନିଆର ସବ-ଡିଭିଜନାଲ ପୁଲିସ ଅଧିକାରୀ କମଲ କୃଷ୍ଣ କୋଲୋଇ କହିଛନ୍ତି, 'ଜଣେ ମହିଳାକୁ ଜୀବନ୍ତ ଜାଳି ଦେଇଥିବାର ସୂଚନା ପାଇବା ପରେ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଗଛରେ ବନ୍ଧା ହୋଇଥିବା ପୋଡା ମୃତଦେହକୁ ଜଗତ କରିଛି। ପୋଷ୍ଟମର୍ଟମ ପାଇଁ ପଠାଯାଇଛି। ପାରିବାରିକ ବିବାଦ ଯୋଗୁ ଦୁଇ ପୁଅ ନିଜ ମା'କୁ ଜିଅନ୍ତା ଜଳାଇ ଦେଇଥିବା ପୁଲିସ କହିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଦୁଇ ପୁଅକୁ ଗିରଫ କରାଯାଇଛି। ଉଭୟଙ୍କୁ ଆଜି କୋର୍ଟରେ ହାଜର କରାଯିବ। ଅଧିକ ପଚରାଉଚରା ପାଇଁ ତାଙ୍କୁ ପୁଲିସ ହେପାଜତକୁ ପଠାଇବାକୁ ଅନୁରୋଧ କରାଯିବ। ଏହି ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ପୁଲିସ ଅଧିକାରୀ କମଲ କୃଷ୍ଣ କୋଲୋଇ କହିଛନ୍ତି କହିଛନ୍ତି।

## ଶିଳ୍ପପତିଙ୍କଠାରୁ ୭ କୋଟି ଠକିନେଲେସାଇବର ଅପରାଧୀ

**ଲୁଧିଆନା, ୩୦।୯:** ସାଇବର ଅପରାଧୀଙ୍କ ପଞ୍ଝାରେ ପଡ଼ି ଯାଇଛନ୍ତି ବିଶିଷ୍ଟ ଶିଳ୍ପପତି ଶ୍ରୀ ପାଉଲ ଓସୱାଲ। ଲୁଟେରାମାନେ ତାଙ୍କଠାରୁ ୭ କୋଟି ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ପଞ୍ଜାବ ପୁଲିସ ତଦନ୍ତ କରି ଆନ୍ତଃରାଜ୍ୟ ସାଇବର ଲୁଟେରା ଗ୍ୟାଙ୍ଗକୁ ଠାବ କରିଛି। ଲୁଧିଆନା ପୁଲିସ କମିଶନର କୁଲଦୀପ ସିଂହ ଚହଲ କହିଛନ୍ତି ଯେ, ଦୁଇଜଣ ସାଇବର ଅପରାଧୀଙ୍କୁ ଗିରଫ କରାଯାଇଛି ଏବଂ ସେମାନଙ୍କ ନିକଟରୁ ୫.୨୫ କୋଟି ଟଙ୍କା ଜବତ କରାଯାଇଛି। ଏହି ଲୁଟେରା ଗ୍ୟାଙ୍ଗର ମୋଟ ୯ ଜଣ ସଦସ୍ୟ ଥିଲେ। ଏମାନେ ଆସାମ ଏବଂ ପଶ୍ଚିମବଙ୍ଗରେ ଛୋଟ ବଡ଼ ବ୍ୟବସାୟୀଙ୍କୁ ଧମକ ଦେଇ ଅନଲାଇନରେ ଲୁଟ୍ କରୁଥିଲେ। ଗ୍ୟାଙ୍ଗର ଦୁଇ ଜଣ ଗିରଫ ହୋଇ ଥିବାବେଳେ ଅନ୍ୟ ୭ ଜଣ ସଦସ୍ୟଙ୍କୁ ଚିହ୍ନଟ କରାଯାଇଛି, ଖୁବ୍ ଶୀଘ୍ର ସେମାନଙ୍କୁ ଗିରଫ କରାଯିବ। ଏମାନେ ଶିଳ୍ପପତି ଓସୱାଲଙ୍କ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରୁ ୭ କୋଟି ଟଙ୍କା ଲୁଟ୍ କରିଥିବା ଲୁଧିଆନା ପୁଲିସ କମିଶନର କୁଳଦୀପ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ଅଭିଯୁକ୍ତମାନେ ଶିଳ୍ପପତି ଓସୱାଲଙ୍କୁ ସିବିଆଇର ପରିଚୟ ଦେଇ ନକଲି ଗିରଫ ପରୱାନା ଦେଖାଇଥିଲେ। ସେମାନେ ତାଙ୍କୁ ଡିଜିଟାଲ ଆରେଷ୍ଟ କରିବେ ବୋଲି ଧମକ ଦେଇଥିଲେ। ଏନେଇ ଓସୱାଲ ସାଇବର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ପଞ୍ଜାବ ପୁଲିସ ୪୮ ଘଣ୍ଟା ମଧ୍ୟରେ ଗ୍ୟାଙ୍ଗର ୨ ଜଣ ସଦସ୍ୟଙ୍କୁ ଗିରଫ କରିଥିବାବେଳେ ଅନ୍ୟମାନଙ୍କୁ ଖୋଜାଖୋଜି କରୁଛି। ତେବେ ସାଇବର ଅପରାଧୀଙ୍କ ଲୁଟପାଟ୍ ବଢ଼ି ଚାଲି ଥିବାବେଳେ ସପ୍ତାହ ମଧ୍ୟରେ ରାଜ୍ୟରେ ଏପରି ଦୁଇଟି ଘଟଣା ସାମ୍ନାକୁ ଆସିଛି। ଏହା ପୂର୍ବରୁ ଜଣେ ସ୍ଥାନୀୟ ଶିଳ୍ପପତିଙ୍କୁ ସମାନ ଢଙ୍ଗରେ ଧମକ ଦେଇ କୋଟିଏ ଟଙ୍କା ଲୁଟି ନେଇଥିଲେ ସାଇବର ଲୁଟେରା।

## ନେପାଳ ବନ୍ୟାରେ ମୃତ୍ୟୁ ସଂଖ୍ୟା ୧୭୦ ଟପିଲା

**କାଠମାଣ୍ଡୁ, ୩୦।୯:** ତାଣ୍ଡବ ରଚିଛି ପ୍ରକୃତି। ଭାରତର ପଡୋଶୀ ଦେଶ ନେପାଳରେ ହୋଇଛି ଜଳ ପ୍ରଳୟ। ଲାଗି ରାହିଛି ପ୍ରବଳ ବର୍ଷା। ତୁହାକୁ ତୁହା ବର୍ଷା ଯୋଗୁ ଭୟଙ୍କର ବନ୍ୟା ପରିସ୍ଥିତି ଉପୁଜିଛି। ଏଥିସହ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ମଧ୍ୟ ହୋଇଛି। ବନ୍ୟା ଓ ଭୂସ୍ଖଳନ ଯୋଗୁ ବର୍ତ୍ତମାନ ସୁଦ୍ଧଶ ୧୭୦ରୁ ଅଧିକ ଜଣ ପ୍ରାଣ ହରାଇ ସାରିଲେଣି। ସେହିପରି ୪୨ ଜଣ ନିଖୋଜ ଅଛନ୍ତି। ଏନେଇ ଅଧିକାରୀମାନେ ସୂଚନା ଦେଇଛନ୍ତି। ୩୦୦୦ରୁ ଅଧିକ ପୁଲିସ ଫୋର୍ସ ମୁତୟନ କରାଯାଇଛି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ରବବାର ବନ୍ୟା ପାଣି ମାଡି ଆସିବାରୁ ପୂର୍ବ ଓ ମଧ୍ୟ ନେପାଳର ଏକ ବଡ଼ ଅଞ୍ଚଳ ଜଳମଗ୍ନ ହୋଇଯାଇଛି। ନେପାଳ ଗୃହମନ୍ତ୍ରଣାଳୟ ଜଣେ ଅଧିକାରୀଙ୍କ କହିବା ମୁତାବକ, ବନ୍ୟା ଜନିତ ଘଟଣାରେ ପ୍ରାୟ ୧୧୧ ଜଣ ଆହତ ହୋଇଛନ୍ତି। ସେମାନଙ୍କ ଚିକିତ୍ସା ଜାରି ରହିଛି। ସମସ୍ତ ସୁରକ୍ଷା ଏଜେନ୍ସି ସହାୟତାରେ ସର୍ଚ୍ଚ ଓ ଉଦ୍ଧାର କାର୍ଯ୍ୟ ଚାଲିଛି। ସେ କହିଛନ୍ତି ଯେ ନେପାଳ ସେନା ଦ୍ୱାରା ସମଗ୍ର ଦେଶରେ ୧୬୨ ଜଣଙ୍କୁ ଏୟାରଲିଫ୍ଟ କରାଯାଇଛି। ସେହିପରି ୪୦୦୦ରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି।

ଲଗାଣ ବର୍ଷା ଜାରି ରହିଥିବାରୁ ୩ ଦିନ ପାଇଁ ସମସ୍ତ ଶିକ୍ଷାନୁଷ୍ଠାନକୁ ଛୁଟି ଘୋଷଣା କରାଯାଇଛି। ବନ୍ୟା ଯୋଗୁ ପାଖାପାଖି ୪୪ଟି ସ୍ଥାନରେ ମୁଖ୍ୟ ରାଜପଥ ଅବରୋଧ ହୋଇଛି। ସେହିପରି ବନ୍ୟା ଯୋଗୁ ଶନିବାର କାଠମାଣ୍ଡୁରେ ବିଦ୍ୟୁତ ଯୋଗାର ପ୍ରଭାବିତ ହୋଇଛି। ବନ୍ୟାରେ ଅତିକମ୍‌ରେ ନେପାଳରେ ୩୨୨ଟି ଘର ଓ ୧୬ଟି ପୋଲ କ୍ଷତିଗ୍ରସ୍ତ ହୋଇଛି।

### ସୁପ୍ରିମକୋର୍ଟରେ ତିରୁପତି ଲଡୁ ବିବାଦ

## ଧର୍ମକୁ ରାଜନୀତିରୁ ଦୂରେଇ ରଖ

**ନୂଆଦିଲ୍ଲୀ, ୩୦।୯:** ଧର୍ମ ଓ ରାଜନୀତି ଏକାଠି ଚାଲିପାରିବ ନାହିଁ। ଧର୍ମ ସହିତ ରାଜନୀତି ମିଶିପାରିବ ନାହିଁ। ଭଗବାନଙ୍କୁ ରାଜନୀତିରେ ସାମିଲ ନକରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆନ୍ଧ୍ରପ୍ରଦେଶର ତିରୁପତି ମନ୍ଦିରରେ ଲଡୁ ପ୍ରସ୍ତୁତିରେ ପଶୁ ଚର୍ବିରୁ ପ୍ରସ୍ତୁତ ଘିଅ ବ୍ୟବହାର ସମ୍ପର୍କିତ ୩ଟି ମାମଲାର ଏକତ୍ର ଶୁଣାଣୀ କରି ସୁପ୍ରିମକୋର୍ଟ ଆନ୍ଧ୍ରପ୍ରଦେଶ ସରକାରଙ୍କ ଉପରେ ବର୍ଷିଛନ୍ତି। ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ସର୍ବସାଧାରଣରେ ଦେଇଥିବା ବିବୃତିକୁ ସୁପ୍ରିମକୋର୍ଟ ନିନ୍ଦା କରିବା ସହିତ ଏହାକୁ ନେଇ ଚାଲିଥିବା ରାଜନୈତିକ କାଦୁଅ ପିଙ୍ଗାକୁ ନାପସନ୍ଦ କରିଛନ୍ତି। ଜଣେ ସାମ୍ବିଧାନିକ ପଦରେ ଥିବା ବ୍ୟକ୍ତି ଏପରି ଦାୟିତ୍ୱହୀନ ମନ୍ତବ୍ୟ ଦେବା ଅନୁଚିତ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହି ଅଭିଯୋଗ ଉପରେ ସଠିକ ତଥ୍ୟ ପ୍ରଦାନ ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀଙ୍କ ଉପରେ ଦୋଷାରୋପ କରିଥିବା ବେଳେ ଅଭିଯୋଗକୁ ଜଗନ ଖଣ୍ଡନ କରିଥିଲେ ଏବଂ ତାଙ୍କ ସରକାର ଏହି ତଥ୍ୟକୁ ଲୁଚାଇଥିଲେ ବୋଲି ଚନ୍ଦ୍ରବାବୁ ଯାହା କହୁଛନ୍ତି ତାହା ଅସତ୍ୟ ବୋଲି କହିଥିଲେ।



ତଦନ୍ତ ହେବା ପୂର୍ବରୁ ମୁଖ୍ୟମନ୍ତ୍ରୀ କାହିଁକି ସାମ୍ବାଦିକ ସମ୍ମିଳନୀ କରି ତିରୁପତି ମନ୍ଦିର ଲଡୁ ସମ୍ପର୍କରେ ଏପରି ବିବୃତ୍ତି ରଖିଲେ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ବିବୃତ୍ତିକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଜଷ୍ଟିସ ବିଆର ଗଭାଇ ଏବଂ ଜଷ୍ଟିସ କେଭି ବିଶ୍ୱନାଥନ। ଶୁଣାଣି ସମୟରେ ଅଦାଲତ କହିଛନ୍ତି, "ଯଦି ଆପଣ (ମୁଖ୍ୟମନ୍ତ୍ରୀ) ଏଥିପାଇଁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ, ତେବେ ସାମ୍ବାଦିକ ସମ୍ମିଳନୀ କରିବାର କି ଆବଶ୍ୟକ ଥିଲା? ଧାର୍ମିକ ଭାବାବେଗକୁ ସମ୍ମାନ ଜଣାଇବାର ଆବଶ୍ୟକ ଥିଲା। ଲ୍ୟାବ ରିପୋର୍ଟ ଜୁଲାଇରେ ଆସିଥିଲା ... ଆପଣ ସେପ୍ଟେମ୍ବରରେ ବିବୃତ୍ତି ରଖିଲେ। କିନ୍ତୁ ରିପୋର୍ଟରେ କୌଣସି ସ୍ପଷ୍ଟତା ନାହିଁ।" ମୁଖ୍ୟମନ୍ତ୍ରୀ ଏକ ସାମ୍ବିଧାନିକ ପଦବୀରେ ଥିବାବେଳେ ଆମେ ଆଶା କରିବୁ ଯେ, ଭଗବାନଙ୍କୁ ରାଜନୀତିରୁ ଦୂରରେ ରଖାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏଥିସହ ଅଦାଲତ ଆହୁରି କହିଛନ୍ତି ଯେ, ଅପମିଶ୍ରଣ ହୋଇଥିବା ଘିଅ ଲଡୁ ପ୍ରସ୍ତୁତରେ ବ୍ୟବହାର ହେବାର କିଛି ପ୍ରମାଣ ଅଛି କି?, ଯଦି ପ୍ରମାଣ ନାହିଁ, ତେବେ ତରବରିଆ ଭାବେ ସାମ୍ବାଦିକ ସମ୍ମିଳନୀ କରିବାର ଆବଶ୍ୟକତା କଣ ଥିଲା?"

ପ୍ରକାଶ ଥାଉକି, ସେପ୍ଟେମ୍ବରରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ତିରୁପତି ବାଲାଜୀ ମନ୍ଦିର ଲଡୁ ପଶୁ ଚର୍ବିରେ ପ୍ରସ୍ତୁତ ହେଉଥିବା ଅଭିଯୋଗ ଆଣିଥିଲେ। ପୂର୍ବର ୱାଇଏସଆର ଜଗନ ମୋହନ ରେଡ୍ଡୀଙ୍କ ସରକାର ସମୟରୁ ଏପରି ହୋଇ ଆସୁଛି ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ବୟାନ ପରେ ନାନା ବିବାଦ ସୃଷ୍ଟି ହୋଇଥିଲା। ଗୁଜରାଟର ଏକ ଲ୍ୟାବରେ ଘିଅର ମାନ ପରୀକ୍ଷଣ ହେବା ପରେ ଏଥିରେ ମାଛ ତେଲ, ଘୁଷୁରି ଓ ଗୋ-ଚର୍ବିରେ ଅପମିଶ୍ରିତ ହୋଇଥିବା ନେଇ ପ୍ରାଥମିକ ତଦନ୍ତ ରିପୋର୍ଟରେ ପ୍ରକାଶ ପାଇଥିଲା। କିନ୍ତୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନ ମୋହନ ରେଡ୍ଡୀ ଏସବୁ ଅଭିଯୋଗକୁ ସମ୍ପୂର୍ଣ୍ଣ ରୂପେ ଖଣ୍ଡନ କରିଥିଲେ। ଚନ୍ଦ୍ରବାବୁ ନାଇଡୁ ଜଣେ ଅଭ୍ୟାସଗତ ମିଛୁଆ, ତାଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ରୂପେ ମିଛ, ଏହାର ତଦନ୍ତ କରାଯାଉ ବୋଲି ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି କହିଥିଲେ। ଏହାକୁ ନେଇ ସୁପ୍ରିମକୋର୍ଟରେ ମଧ୍ୟ ଆବେଦନ ହୋଇଥିଲା। ଆଜି ସର୍ବୋଚ୍ଚ ଅଦାଲତର ଦୁଇ ଜଣିଆ ଖଣ୍ଡପୀଠ ଶୁଣାଣି କରି ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି।



## ତିରୁପତି ମନ୍ଦିରରେ ସିଜେଆଇ

**ନୂଆଦିଲ୍ଲୀ, ୩୦।୯:** ତିରୁପତି ମନ୍ଦିରର ଲଡୁକୁ ନେଇ ବିବାଦ ଜାରି ରହିଛି। ଏଥିରେ ପଶୁ ଚର୍ବି ଓ ଅପମିଶ୍ରିତ ଘିଅ ମିଶା ଯାଉଥିବା ଅଭିଯୋଗ ସାମ୍ନାକୁ ଆସିବା ପରେ ପୂରା ଦେଶରେ ଏହାକୁ ନେଇ ତୀବ୍ର ଅସନ୍ତୋଷ ଲାଗି ରହିଛି। ଆଜି ଏହି ମାମଲାରେ ସୁପ୍ରିମକୋର୍ଟରେ ଶୁଣାଣି ହୋଇଛି। ତେବେ ଶୁଣାଣି ପୂର୍ବରୁ ହଠାତ୍ ତିରୁପତି ମନ୍ଦିରରେ ପହଞ୍ଚିଛନ୍ତି ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼। ମନ୍ଦିରରେ ପହଞ୍ଚି ସିଜେଆଇ ଭଗବାନ ଭେଙ୍କଟେଶ୍ୱରଙ୍କୁ ପୂଜା କରିଛନ୍ତି। ପରିବାର ସଦସ୍ୟଙ୍କ ସହ ତାଙ୍କୁ ଭାଇକୁଣ୍ଠା ରୋ କମ୍ପ୍ଲେକ୍ସରେ ତିରୁମାଲା ତିରୁପତି ଦେବସ୍ଥାନମ (ଟିଟିଡି) ଅଧିକାରୀମାନେ ପାରମ୍ପାରିକ ସମ୍ମାନରେ ସ୍ୱାଗତ କରିଥିଲେ। ଏଥିସହ ତାଙ୍କୁ ପ୍ରସାଦ ରୂପେ ତିରୁପତି ଲଡୁ ଭୋଗ ମଧ୍ୟ ଦିଆଯାଇଛି। ଆନ୍ଧ୍ରପ୍ରଦେଶ ସରକାର ଦାବି କରିଛନ୍ତି ଯେ ପୂର୍ବ ସରକାର ସମୟରେ ଯେଉଁ ଘିଅରୁ ତିରୁପତି ଲଡୁ ପ୍ରସ୍ତୁତ ହେଉଥିଲା ସେଥିରେ ଅପମିଶ୍ରଣ କରାଯାଇଥିଲା। ଏ ସମ୍ପର୍କରେ ମନ୍ଦିର କମିଟି ତିରୁମାଲା ତିରୁପତି ଦେବସ୍ଥାନମ୍ କହିଛି ଯେ ଯେଉଁ କଳା ତାଲିକାଭୁକ୍ତ ଯୋଗାଣକାରୀ ସଂସ୍ଥାର ଘିଅରେ ଅପମିଶ୍ରିତ ହୋଇଥିବା ପ୍ରମାଣ ମିଳିଛି, ତାକୁ ଜଗନ୍ ମୋହନ ସରକାର ସମୟରେ ଲଡୁ ତିଆରି ପାଇଁ ଠିକା ଦିଆଯାଇଥିଲା।

ଏହି ଅଭିଯୋଗ ଉପରେ କେନ୍ଦ୍ର ସରକାର ଆନ୍ଧ୍ର ସରକାରଙ୍କୁ ରିପୋର୍ଟ ମାଗିଛନ୍ତି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ସେପଟେ ଏହି ଖୁଲାସା ପରେ ସାରା ଦେଶରେ ଲୋକଙ୍କ ମଧ୍ୟରେ ଆକ୍ରୋଶ ଦେଖାଦେଇଛି। ହାଇକୋର୍ଟରୁ ସୁପ୍ରିମକୋର୍ଟ ଯାଏଁ ଆବେଦନ କରାଯାଉଛି।

## ମୋମିନୁଲଙ୍କ ଅପରାଜିତ ଶତକ ବାଂଲାଦେଶ ୨୩୩

# ଭାରତ ପ୍ରଥମ ଇନିଂସରେ ୫୨ ରନରେ ଅଗ୍ରଣୀ




**କାନପୁର, ୩୦।୯:** ସ୍ଥାନୀୟ ଗ୍ରୀନ ପାର୍କ ଷ୍ଟାଡିୟମରେ ଚାଲିଥିବା ବର୍ଷା ବାଧାପ୍ରାପ୍ତ ଭାରତ-ବାଂଲାଦେଶ ଦ୍ୱିତୀୟ ଟେଷ୍ଟରେ ଭାରତ ପ୍ରଥମ ଇନିଂସରେ ବାଂଲାଦେଶଠାରୁ ଅଗ୍ରଣୀ ହାସଲ କରିଛି। ବାଂଲାଦେଶ ପ୍ରଥମ ଇନିଂସରେ ୨୩୩ ରନ କରି ଆଉଟ ହୋଇଥିବା ବେଳେ ଭାରତ ୯ୱିକେଟ ହରାଇ ୨୮୫ ରନ ସଂଗ୍ରହ କରିବା ପରେ ପାଳି ସମାପ୍ତି ଘୋଷଣା କରିଛି। ଏହା ସହିତ ଭାରତ ପ୍ରଥମ ିନିଂସରେ ୫୨ ରନରେ ଅଗ୍ରଣୀ ହାସଲ କରିଛି।

ପ୍ରଥମ ଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୦୭/୫ରୁ ବାଂଲାଦେଶ ଆଜି ପୁନର୍ବାର ବ୍ୟାଟିଂ ଆରମ୍ଭ କରି ମଧ୍ୟାହ୍ନ ଭୋଜନ ବିରତି ପରେ ୨୩୩ରେ ଅଲ ଆଉଟ ହୋଇଯାଇଥିଲା। ବାଂଲାଦେଶ ପକ୍ଷରୁ ମୋମିନୁଲ ହକ ସର୍ବାଧିକ ୧୦୭ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିବା ବେଳେ ଅନ୍ୟ କେହି ତାଙ୍କୁ ସାଥ ଦେଇନଥିଲେ। ଭାରତ ପକ୍ଷରୁ ବୁମରା ସର୍ବାଧିକ ୩ଟି, ସିରାଜ, ଆକାଶଦୀପ ଏବଂ ଅଶ୍ୱିନ ୨ଟି ଲେଖାଏଁ ୱିକେଟ ଦଖଲ କରିଥିବା ବେଳେ ଶେଷ ବ୍ୟାଟ୍ସମ୍ୟାନଙ୍କୁ ଆଉଟ କରି ରବିନ୍ଦ୍ର ଜାଡେଜା ଟେଷ୍ଟ କ୍ରିକେଟରେ ୩ଶହତମ ୱିକେଟ ଦଖଲ କରିଥିଲେ। ଏହି ସଫଳତା ହାସଲ କରିବାରେ ସେ ସପ୍ତମ ଭାରତୀୟ ଏବଂ ପ୍ରଥମ ବାମହାତୀ ସ୍ପିନର।

ଖେଳର ଦୁଇଦିନରୁ ଅଧିକ ସମୟ ବର୍ଷା ଯୋଗୁ ନଷ୍ଟ ହୋଇଯାଇଥିବାରୁ ଭାରତ ପ୍ରଥମରୁ ଦ୍ରୁତ ରନ ସଂଗ୍ରହ ଉପରେ ଧ୍ୟାନ ଦେଇଥିଲା। ଦଉି ଓପନର ରୋହିତ ଓ ଯାସ୍ୱୀ ଜୟସ୍ୱାଲ ମାତ୍ର ୩ ଓଭରରେ ୫୦ ରନ ସଂଗ୍ରହ କରି ବିଶ୍ୱରେକର୍ଡ ସ୍ଥାପନ କରିଥିଲେ। ପ୍ରଥମ ୱିକେଟ ଯୋଡ଼ିରେ ୫୫ରନ ସଂଗ୍ରହ ପରେ ରୋହିତ ମାତ୍ର ୧୧ଟି ବଲରୁ ୨୩ ରନ କରି ଆଉଟ ହୋଇଥିଲେ। ୧୦.୧ ଓଭରରେ ଭାରତ ୧୦୦ରନ ସଂଗ୍ରହ କରିଥିଲା। ଜୟସ୍ୱାଲ ୫୧ଟି ବଲରୁ ୧୨ଟି ଚୌକା ଓ ୨ ଟି ଛକ୍କା ସହାୟତାରେ ୭୧ ରନ କରି ଆଉଟ ହୋଇଥିଲେ। ଗିଲ ୩୬ଟି ବଲରୁ ୩୯, ପନ୍ତ ମାତ୍ର ୯ରନ , କୋହଲି ୩୫ଟି ବଲରୁ ୪୭, ରବିନ୍ଦ୍ର ଜାହେଜା ୮ , ଅଶ୍ୱିନ ୧, ଆକାଶ ଦୀପ ୨ଟି ଛକ୍କା ସହାୟତାରେ ୧୨ ରନ କରି ଆଉଟ ହୋଇଥିଲେ। ଜୟସ୍ୱାଲଙ୍କ ପରେ ଲୋକେଶ ରାହୁଲ ମଧ୍ୟ ଅର୍ଦ୍ଧଶତକ ହାସଲ କରିଛନ୍ତି। ସେ ୪୩ଟି ବଲରୁ ୬୮ ରନ କରି ଆଉଟ ହୋଇଛନ୍ତି। ବାଂଲାଦେଶ ପକ୍ଷରୁ ମେହେଦି ହାସନ ମିରାଜ ଓ ସାକିବ ଅଲ ହସନ ୪ଟି ଲେଖାଏଁ ୱିକେଟ ଦଖଲ କରିଛନ୍ତି। ଚେନ୍ନାଇରେ ପ୍ରଥମ ଟେଷ୍ଟ ଜିତି ଭାରତ ଏବେ ୧-୦ରେ ସିରିଜ ଅଗ୍ରଣୀ ଅଛି।




# କାନପୁର ଟେଷ୍ଟରେ ଭାରତର ଦୁଇଟି ବିଶ୍ୱ ରେକର୍ଡ

**କାନପୁର, ୩୦।୯:** ଗ୍ରୀନପାର୍କ ଷ୍ଟାଡିୟମରେ ଚାଲିଥିବା ଭାରତ-ବାଂଲାଦେଶ ଦ୍ୱୀତୀୟ ଟେଷ୍ଟର ଚତୁର୍ଥ ଦିନରେ ଭାରତ ଦୁଇଟି ବିଶ୍ୱରେକର୍ଡ ସ୍ଥାପନ କରିଛି। ବାଂଲାଦେଶର ପ୍ରଥମ ଇନିଂସ ସ୍କୋର ୨୩୩ ରନ ଜବାବରେ ଭାରତ ଏହାର ପ୍ରଥମ ଇନିଂସ ବ୍ୟାଟିଂ ଆରମ୍ଭ କରି ପ୍ରାରମ୍ଭରୁ ଦ୍ରୁତ ରନ ସଂଗ୍ରହ କରିଥିଲା। ଓପନର ଯଶସ୍ୱୀ ଜୟସ୍ୱାଲ ଏବଂ ରୋହିତ ଶର୍ମା ବାଂଲାଦେଶ ବୋଲରମାନଙ୍କୁ ବେକାତିର କରି ଦ୍ରୁତ ରନ ସଂଗ୍ରହ କରିଥିଲେ। ଉଭୟେ ମାତ୍ର ୩ ଓଭରରେ ଦଳୀୟ ସ୍କୋର ୫୦ ରନରେ ପହଞ୍ଚାଇଥିଲେ। ପୂର୍ବରୁ ଏହି ରେକର୍ଡ ଇଂଲଣ୍ଡ ନାମରେ ଥିଲା। ଇଂଲଣ୍ଡ ମାତ୍ର ୨୬ ବଲରେ ୫୦ ରନ ସଂଗ୍ରହ କରିଥିଲା। ଏହା ପରେ ରୋହିତ ଆଉଟ ହୋଇଥିଲେ ମଧ୍ୟ ଭାରତର ଦ୍ରୁତ ରନ ସଂଗ୍ରହ ପ୍ରକ୍ରିୟା ଜାରି ରହିଥିଲା। ଜୟସ୍ୱାଲ ଓ ସୁବମନ ମାତ୍ର ୧୦.୧ ଓଭର ଅର୍ଥାତ ୬୧ ବଲରେ ଦଳୀୟ ସ୍କୋରକୁ ୧୦୦ରନରେ ପହଞ୍ଚାଇଥିଲେ। ଏହି ରେକର୍ଡ ପୂର୍ବରୁ ଭାରତୀୟ ଦଳ ନାମରେ ଥିଲା। ୨୦୨୩ରେ ଭାରତ ୱେଷ୍ଟଇଣ୍ଡିଜ ବିପକ୍ଷରେ ୧୨.୨ ଓଭରରେ ପ୍ରଥମ ୧୦୦ ରନ ସଂଗ୍ରହ ରନ ସଂଗ୍ରହ କରିଥିଲା।

# ତିନିଶହ ୱିକେଟ୍ କ୍ଲବରେ ଜାଡେଜା

**କାନପୁର, ୩୦।୯:** ଭାରତର ବାମହାତୀ ସ୍ପିନର ରବିନ୍ଦ୍ର ଜାଡେଜା ଟେଷ୍ଟ କ୍ରିକେଟରେ ୩ ଶହ ୱିକେଟ ଦଖଲ କରିଛନ୍ତି। ଏଠାରେ ଚାଲିଥିବା ଭାରତ-ବାଂଲାଦେଶ ଦ୍ୱିତୀୟ ଟେଷ୍ଟର ଚତୁର୍ଥ ଦିନରେ ବାଂଲାଦେଶ ଦଳର ପ୍ରଥମ ଇନିଂସରେ ଶେଷ ୱିକେଟ ଭାବେ ଖାଲିଦ ଅହମ୍ମଦଙ୍କୁ ଆଉଟ କରି ସେ ଏହି ସଫଳତା ହାସଲ କରିଛନ୍ତି। ଏହି ସଫଳତା ପାଇବାରେ ସେ ହେଉଛନ୍ତି ସପ୍ତମ ଭାରତୀୟ ଏବଂ ପ୍ରଥମ ଭାରତୀୟ ବାମହାତୀ ସ୍ପିନର। ଏହା ପୂର୍ବରୁ ଭାରତ ପକ୍ଷରୁ ଅନିଲ କୁମ୍ବଲେ, ହରଭଜନ ସିଂହଲ କପିଲ ଦେବ, ଜାହିର ଖାନ, ରବିଚନ୍ଦ୍ରନ ଅଶ୍ୱିନ ଓ ଇଶାନ୍ତ ଶର୍ମା ଟେଷ୍ଟ କ୍ରିକେଟରେ ୩ଶହ ୱିକେଟ ଦଖଲ କରିଛନ୍ତି। ଏହା ସହିତ ରବିନ୍ଦ୍ର ଜାଡେଜା ଟେଷ୍ଟ କ୍ରିକେଟରେ ୩ ଶହ ୱିକେଟ ଏବଂ ୩ହଜାର ରନ ସଂଗ୍ରହର ଡବଲ ସଫଳତା ହାସଲ କରିଛନ୍ତି। ଏହି ସଫଳତା ହାସଲ କରିବାରେ ସେ ହେଉଛନ୍ତି ବିଶ୍ୱର ଦ୍ୱିତୀୟ ଦ୍ରୁତତମ। ଇଂଲଣ୍ଡର ଅଲରାଉଣ୍ଡର ଇଆନ ବୋଥାମ ତାଲିକାର ପ୍ରଥମ ସ୍ଥାନରେ ରହିଛନ୍ତି। ସେ ସବୁଠାରୁ କମ ଟେଷ୍ଟର ୩ଶହ ୱିକେଟ ଏବଂ ୩ ହଜାର ରନ ସଂଗ୍ରହ ରନ ସଂଗ୍ରହ କରିଛନ୍ତି। ଶ୍ରୀଲଙ୍କାର ରଙ୍ଗନା ହେରାଥ ଏବଂ ନ୍ୟୁଜିଲାଣ୍ଡର ଦାନିଏଲ ଭେଟୋରୀଙ୍କ ପରେ ଟେଷ୍ଟ କ୍ରିକେଟରେ ତିନି ଶହ ୱିକେଟ ଦଖଲରେ ସେ ହେଉଛନ୍ତି ବିଶ୍ୱର ତୃତୀୟ ବାମହାତୀ ସ୍ପିନର।




# ୨୭ ହଜାର ରନ୍ କ୍ଲବରେ ବିରାଟ

## ପଛରେ ପଡ଼ିଲେ ସଚିନ

**କାନପୁର, ୩୦।୯:** ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ୩୫ ବଲରେ ୪୭ ରନ କରିଥିବା ବିରାଟ କୋହଲି ନୂଆ ରେକର୍ଡ କରିଛନ୍ତି। ସେ ବିଶ୍ୱର ଦ୍ରୁତତମ ବ୍ୟାଟର ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ୨୭ ହଜାର ରନ ପୂରଣ କରିବାକୁ ସକ୍ଷମ ହୋଇଛନ୍ତି। ପ୍ରଥମ ଟେଷ୍ଟରେ ଯଥାକ୍ରମେ ୬ ଓ ୧୭ ରନ କରିଥିବା ବିରାଟ ଆଜି ୩୫ ରନ କରିବା କ୍ଷଣି ନୂଆ ରେକର୍ଡର ଅଧିକାରୀ ହୋଇଥିଲେ। ଏହାପରେ ସେ ଆଉ ୧୨ ରନ କରି ସାକିବ ଅଲ ହାସନଙ୍କ ବଲରେ କ୍ଲିନବୋଲ୍ଡ ହୋଇଯାଇଥିଲେ। ବିରାଟ ଦ୍ରୁତତମ ତଥା ବିଶ୍ୱର ୪ର୍ଥ ବ୍ୟାଟର ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ୨୭ ହଜାର ରନ କରିଛନ୍ତି। ସେ କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କୁ ମଧ୍ୟ ପଛରେ ପକାଇ ଦେଇଛନ୍ତି। ସଚିନ ୬୨୩ଟି ଇନିଂସ ଖେଳିବା ପରେ ଅନ୍ତର୍ଜାତୀୟ କ୍ରିକେଟରେ ୨୭ ହଜାର ରନ କରିପାରିଥିଲେ। କିନ୍ତୁ ବିରାଟ ୫୯୪ଟି ଇନିଂସରେ ଏପରି ରେକର୍ଡର ଅଧିକାରୀ ହୋଇଛନ୍ତି। ସଚିନ ଓ ବିରାଟଙ୍କ ବ୍ୟତୀତ କୁମାର ସାଙ୍ଗାକାର ୬୪୮ଟି ଇନିଂସ ଓ ରିକି ପଣ୍ଟିଂ ୬୫୦ଟି ଇନିଂସରେ ୨୭ ହଜାର ରନ ହାସଲ କରିଥିଲେ।

ଅନ୍ୟପକ୍ଷରେ ସଚିନ ତେନ୍ଦୁଲକର ଅନ୍ତର୍ଜାତୀୟ କ୍ରିକେଟରେ ମୋଟ ୭୮୨ଟି ଇନିଂସରେ ୩୪,୩୫୭ ରନ କରିଥିବା ବେଳେ ତାଙ୍କ ପଛକୁ ସାଙ୍ଗାକାରା ୬୬୬ ଇନିଂସରେ ୨୮,୦୧୬ ରନ, ୬୬୮ ଇନିଂସରେ ରିକି ପଣ୍ଟିଂ ୨୭,୪୮୩ ରନ, ବିରାଟ କୋହଲି ୫୯୪ ଇନିଯସରେ ୧୭,୦୧୨ ରନ, ମାହେଲା ଜୟବର୍ଦ୍ଧନେ ୭୨୫ ଇନିଂସରେ ୨୫,୮୫୭ ରନ କରିଛନ୍ତି।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭିନେ ହୋଇଥିବା...

ହୋଇଥିଲେ । ପୂର୍ବ ସରକାର ଠିକ୍ ତାଲିକା ଦେଲେ ନାହିଁ ବୋଲି ଲକ୍ଷ ଲକ୍ଷ ଗରିବ ଘର ପାଇବାରୁ ବଞ୍ଚିତ ହେଲେ । ନଚେତ୍ ଓଡ଼ିଶାକୁ ଅଧିକ ଘର ଆସିଥାନ୍ତା। ସର୍ବଭାରତୀୟ ସ୍ତରରେ ୨୦୧୭-୧୮ ମସିହାରେ ଗୋଟିଏ ତାଲିକା ପ୍ରସ୍ତୁତ ହୋଇଥିଲା। କିନ୍ତୁ ତତ୍କାଳୀନ ରାଜ୍ୟ ସରକାର ସେହି ତାଲିକା ପ୍ରସ୍ତୁତ କଲେ ନାହିଁ, ଲୁଚେଇ ଦେଲେ । ତେଣୁ ବଞ୍ଚିତ ହୋଇଥିବା ଗରିବ ଯୋଗ୍ୟ ହିତାଧିକାରୀମାନଙ୍କୁ ଚିହ୍ନଟ କରି ୬ ମାସ ଭିତରେ ସରକାର ଘର କରିବା ପାଇଁ କାର୍ଯ୍ୟାଦେଶ ଦେବେ। ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ବିଡିଓ, ପିଇଓମାନେ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟାରେ ରହିବେ। ଯଦି ଚିହ୍ନଟ ପ୍ରକ୍ରିୟାରେ କୌଣସି ତ୍ରୁଟି ହେବ, ତେବେ ତଦନ୍ତ କରି ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଏ ନେଇ ଗାଇଡଲାଇନ ପ୍ରସ୍ତୁତ କରି ପ୍ରତି ବ୍ଲକକୁ ଦିଆଯାଇଛି। ପୂର୍ବ ସରକାରରେ ଜଣେ ଲୋକ ୩ଟି ପର୍ଯ୍ୟନ୍ତ ଘର ପାଉଥିଲେ । ତେଲିଆ ମୁଣ୍ଡରେ ତେଲ ଦିଆଯାଉଥିଲା। କିନ୍ତୁ ବିଜେପି ସରକାର ଯୋଗ୍ୟଙ୍କୁ ଚିହ୍ନଟ କରି ଘର ଦେବ। ଭୂମିହୀନମାନଙ୍କୁ ମଧ୍ୟ ଚିହ୍ନଟ କରିବା ପାଇଁ କ୍ଲଷ୍ଟର କରୁଛନ୍ତି ସରକାର। ଗୋଟିଏ ଗାଁରେ ଯଦି ୧୫ଟି ପରିବାର ବାହାରୁଛି, ଆଉ ତାଙ୍କ ପାଖରେ ଘର କରିବା ପାଇଁ ୪ ଡିସିମିଲ ଜାଗା ନାହିଁ। ତେବେ ସେମାନଙ୍କୁ ସରକାରୀ ଜାଗାରେ ଥଇଥାନ କରାଯିବ। ସେଠାରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ବିଜୁଳି ସଂଯୋଗ, ପାନୀୟ ଜଳ, ଖେଳ ପଡ଼ିଆ ଭଳି ସୁବିଧା ମିଳିବ। ସହର ଭଳି ୧ ବିଏଚ୍କେ, ୨ ବିଏଚ୍କେ ମାନର ଘର ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କୁ ବି ମିଳିବ।

### ବାରୁଦ ଗଦାରେ...

ସାହସରେ ତାଙ୍କ କର୍ମୀମାନେ ଶ୍ରୀ ମଣ୍ଡଳଙ୍କୁ ଶଙ୍ଖଭବନ ଭିତରେ ଠେଲାପେଲା କରିଥିବାବେଳେ ଭଣ୍ଡାରୀପୋଖରୀ ବିଧାୟକ ବଣ୍ଟୁ ବାବୁ ତାଙ୍କୁ ମୁକ୍ତ କରିଥିବା ଦେଖିବାକୁ ମିଳିଛି । ଅବସ୍ଥା ଏଭଳି ହୋଇଛି ଯେ ଭଦ୍ରକରୁ ହାରିଥିବା ପୂର୍ବତନ ମନ୍ତ୍ରୀ ପ୍ରଫୁଲ ସାମଲଙ୍କୁ ତାଙ୍କ ପୁଅର ଗତିବିଧି ପାଇଁ ବି ଦଳୀୟ କର୍ମୀମାନେ ସମାଲୋଚନା କରିବାକୁ ପଛାଇ ନାହାନ୍ତି । ଭଦ୍ରକ ଜିଲ୍ଲାର ସମୀକ୍ଷା ବୈଠକବେଳେ ଆଜି ଯେଉଁ କାଣ୍ଡ ଘଟିଛି ଆଗାମୀ ଦିନରେ ତାହା ଆହୁରି ବିସ୍ଫୋରକ ହେବ ବୋଲି ବିଜେଡି କର୍ମୀମାନେ କହି ବୁଲିଲେଣି । ତେଣେ ଭୁବନେଶ୍ୱର ବିଜେଡିରେ କୁହୁଳୁଥିବା ନିଆ ଆଜି ଆଉ ଟିକେ ଜଳିଛି । ଦୁଇ କର୍ପୋରେଟର ଅମରେଶ ଜେନା ବିରଞ୍ଚି ମହାସୁପକାରଙ୍କ ସମେତ ବିଜେଡିର ଆଉ ଦୁଇ ନେତା ରାଜେଶ ପାତ୍ର ଓ ସୁରେଶ ସ୍ୱାଇଁଙ୍କୁ ଦଳ କାରଣ ଦର୍ଶାଅ ନୋଟିସ୍ ଜାରି ରହିଛି । ନୋଟିସ୍ ପାଇଲା ପରେ ଦୁଇ କର୍ପୋରେଟରଙ୍କ ଗତି କୁଆଡେ ହେବ ତାହା ଉପରେ ଏବେ ସମସ୍ତଙ୍କ ନଜର । ପୂର୍ବରୁ ବାଇଁଆ-ଲିଟୁ ଗୋଷ୍ଠି ଓ ଅଶୋକ-ଅନନ୍ତ ଗୋଷ୍ଠି ମୁହାଁମୁହିଁ ହେବା ସହିତ ଥାନା ଫାଣ୍ଡିରେ ପରସ୍ପର ବିରୁଦ୍ଧରେ ମାମଲା ରୁଜୁ କରିଛନ୍ତି । ଆଜି ଭୁବନେଶ୍ୱର ବିଜେଡି ସଭାପତି ତଥା ଉତ୍ତର ବିଧାୟକ ସୁଶାନ୍ତ ରାଉତଙ୍କ ନାଲିଆଖି ଦୁଇ କର୍ପୋରେଟରଙ୍କୁ କିଭଳି ନିୟନ୍ତ୍ରଣ କରିବା ତାହାକୁ କର୍ପୋରେଟରଙ୍କ ସହଯୋଗୀମାନେ ଚାହିଁ ବସିଛନ୍ତି ।

ଉଲ୍ଲେଖନୀୟ ଯେ ନିର୍ବାଚନ ହାରିବାପରେ ବିଜେଡିରେ ଏଭଳି ଅସନ୍ତୋଷଣ ନିଆଁ ଧିରେ ଧିରେ ଧୂଆଁ ହୋଇ ନିଆଁ ଧରିବାରେ ଲାଗିଛି । ଦଳର ଗୋଟିଏ ବଡ ଗୋଷ୍ଠି ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ନେତାଙ୍କ ଉପରେ ରକ୍ତଚାଉଳ ଚୋବାଉଛନ୍ତି । ଯଦି ଏହି ସ୍ଥିତି ଜାରି ରୁହେ ତେବେ ବାରୁଦ ଗଦା ଉପରେ ଛିଡା ହୋଇଥିବା ବିଜେଡିରେ କେତେବେଳେ କ'ଣ ଘଟିବ ତାହା କହିବା ମୁସ୍କିଲ ହୋଇଥିବାବେଳେ ବିଜେପି ଓ କଂଗ୍ରେସ ଏହା ଉପରେ ସତର୍କ ଦୃଷ୍ଟି ରଖିଛନ୍ତି ।

### ମିଥୁନଙ୍କୁ ...

ଏକ ପୋଷ୍ଟ୍ କରି ହିନ୍ଦୀ ସିନେମା ଜଗତରେ ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସେ କହିଛନ୍ତି, ଚଳଚ୍ଚିତ୍ର ଉଦ୍ୟୋଗର ଅନ୍ୟତମ ଲୋକପ୍ରିୟ ତଥା ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କ ମଧ୍ୟରୁ ଏହି ଅଭିନେତାଙ୍କୁ ସମ୍ମାନିତ କରିବାରେ ଅତୁଳନୀୟ ଆନନ୍ଦ ଏବଂ ଗର୍ବ ପ୍ରକାଶ କରୁଛି, ଯିଏ ତାଙ୍କର ବହୁମୁଖୀ ଅଭିନୟ ପାଇଁ ଜଣାଶୁଣା। ଅକ୍ଟୋବର ୮ରେ ଅନୁଷ୍ଠିତ ହେବାକୁ ଥିବା ୭୦ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ସମାରୋହରେ ମିଥୁନ ଦାଦାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ୧୯୫୦ ଜୁନ୍ ୧୬ରେ କୋଲକାତାରେ ଜନ୍ମିତ ମିଥୁନ ଚକ୍ରବର୍ତ୍ତୀଙ୍କ ପ୍ରକୃତ ନାମ ଗୌରାଙ୍ଗ ଚକ୍ରବର୍ତ୍ତୀ। ଫିଲ୍ମ ଜଗତରେ ମିଥୁନ ଦା' ଭାବେ ଜଣାଶୁଣା ମିଥୁନ ମୃଗୟା (୧୯୭୬) ସିନେମାରୁ ଅଭିନୟ ଯାତ୍ରା ଆରମ୍ଭ କରି ଶ୍ରେଷ୍ଠ ଅଭିନେତା ଭାବରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିଥିଲେ। ମୃଣାଳ ସେନଙ୍କ ଚଳଚ୍ଚିତ୍ରରେ ଜଣେ ସାନ୍ତାଳ ବିଦ୍ରୋହୀର ଭୂମିକା ତାଙ୍କ ପାଇଁ ଜାତୀୟ ସ୍ତରରେ ପ୍ରଶଂସା ଆଣିଦେଇଥିଲା। ୧୯୮୦ ଦଶକରେ ମିଥୁନ୍ "ଡିସ୍କୋ ଡାନ୍ସର" (୧୯୮୨)ରେ ଆଶାତୀତ ଲୋକପ୍ରିୟତା ହାସଲ କରିଥିଲେ, ଯେଉଁ ଚଳଚ୍ଚିତ୍ର ଉଭୟ ଭାରତ ଏବଂ ଅନ୍ତର୍ଜାତୀୟ ସ୍ତରରେ ସଫଳତା ହାସଲ କରିବା ସହ ତାଙ୍କୁ ନୃତ୍ୟରେ ପାରଙ୍ଗମ ଜଣେ ଦକ୍ଷ ଅଭିନେତା ଭାବରେ ପରିଚିତ କରାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମିଥୁନ୍ ଚକ୍ରବର୍ତ୍ତୀଙ୍କୁ ଅଭିନନ୍ଦନ ଜଣାଇବା ସହିତ ଦାଦା ସାହେବ ଫାଲ୍କେ ତାଙ୍କ ୫ ଦଶନ୍ଧିର ଅଭିନୟ ପ୍ରତି ଶ୍ରେଷ୍ଠ ସମ୍ମାନ ବୋଲି ମତବ୍ୟକ୍ତ କରିଛନ୍ତି।

### ଦୋକାନ ନାହିଁ...

ହୋଇଛି। ପୁଲିସ୍ ବାରାକ୍ ଓ ସପ୍ତମବାଟାଲିୟନରେ ପୁଲିସର ଖତ ଖାଉଥିବା ଗାଡି ମରାମତି ହୋଇଛି। ତା'ପୁଣି ଖାଲି କାଗଜ ପତ୍ରରେ। ମରାମତି ବହାନାରେ ଲକ୍ଷ ଲକ୍ଷ ଟଙ୍କା ହଡପ ହୋଇଛି। ଝାରପଡାର ଏକ ଗ୍ୟାରେଜ୍ ମାଲିକକୁ ପୁଲିସ୍ ବିଭିନ୍ନ ପ୍ରକାର ଧମକ ଦେଇ ଜାଲ୍ ବିଲ୍ ମଧ୍ୟ କରାଯାଇଛି। ଏହି ଘୋଟାଲା ମଧ୍ୟ କରୋନା ସମୟରେ ହୋଇଛି। ତା'ଛଡା ୬ଟି ଅଚଳ ଗାଡ଼ିରେ ବିଭିନ୍ନ ସମୟରେ ସାଢେ ୭ ଶହ ଲିଟର ତେଲ ପଡିଛି। ଏମିତି ମିଛ ବିଲ୍ କରି ହଜାର ହଜାର ଟଙ୍କା ହରିଲୁଟ୍ କରିଛନ୍ତି। ଏହି ଘଟଣା ପଦାକୁ ଆସିବା ପରେ ପୁଲିସ୍ ମହଲାରେ ଛନକା ପସିଛି।

ଯାହା ଜିନିଷ କିଣା ହୁଏ ସେଥିପାଇଁ ଟେଣ୍ଡର ହୁଏ। ହେଲେ ସେମିତି କିଛି ନ କରି ଲକ୍ଷ ଲକ୍ଷ ଟଙ୍କା ଚଳୁ କରିଛନ୍ତି। ଏହି ହରିଲୁଟ୍ ପଛରେ କମିଶନରେଟ୍ ପୁଲିସ୍ ମୁଖ୍ୟାଳୟର ଓ ପୁଲିସ୍ ରିଜର୍ଭ ବାରାକ୍ର ବରିଷ୍ଠ ଅଧିକାରୀଙ୍କୁ ସିଧାସଳଖ ହାତ ଥିବା ଜଣାପଡିଛି। ଏନେଇ ପୁଲିସ୍ କମିଶନର, ଅତିରିକ୍ତ ପୁଲିସ୍ କମିଶନର ଓ ଡିସିପି ଘଟଣା ବିଷୟରେ ମୁହଁ ଖୋଲିବାକୁ ନାରାଜ। ଜଣେ ଏଡିସିପି କହିଛନ୍ତି, ଯଦି ଏମିତି ହୋଇଥିବା ତା'ହେଲେ ଏହାର ତଦନ୍ତ ଆବଶ୍ୟକ। ଯଦି ପ୍ରମାଣ ମିଳିଲା ତା'ହେଲେ ଏଥିରେ ସାମିଲ ଥିବା ଅଧିକାରୀଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିଆଯିବାର ଆବଶ୍ୟକ ରହିଛି। ଅନ୍ୟ ଜଣେ ବରିଷ୍ଠ ପୁଲିସ୍ ଅଧିକାରୀ କହିଛନ୍ତି, କରୋନା ସମୟରେ ଟେଣ୍ଡର ଉପରେ କଟକଣା ଥିଲା। ଏହାର ଫାଇଦା ନେଇ କିଛି ଅସାଧୁ ଅଫିସର ଏମିତି କରିଥାଇ ପାରନ୍ତି। ଏହାର ତଦନ୍ତ ହେଲେ ପ୍ରକୃତ ତଥ୍ୟ ପଦାକୁ ଆସିବ। ଘଟଣା ବିଷୟରେ ପୁଲିସ୍ କମିଶନର କିଛି କହିବାକୁ ମନା କରି ଦେଇଛନ୍ତି।

### ଦାୟିତ୍ୱ ନେଲେ...

ହେଉଥିବା ଗଞ୍ଜେଇ ଚାଷକୁ ଡ୍ରୋନ ସାହାଯ୍ୟରେ ଚିହ୍ନଟ କରି ତାହାକୁ ନଷ୍ଟ କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ଚଳିତ ନିର୍ବାଚନରେ ନକ୍ସଲ ହିଂସା ମୁକ୍ତ ନିର୍ବାଚନ କରାଇବା ତାଙ୍କର ବଡ଼ ସଫଳତା ବୋଲି ବିବେଚନା କରାଯାଉଛି।

### ଗ୍ରୀନ୍ ଏନର୍ଜିରେ...

ରାଜ୍ୟ ସରକାର ଓଡ଼ିଶାରେ ଅକ୍ଷୟ ଶକ୍ତିପ୍ରକଳ୍ପର ବିକାଶକୁ ତ୍ୱରାନ୍ୱିତ କରିବାକୁ ପ୍ରତିଶ୍ରୁତିବଦ୍ଧ ଅଟନ୍ତି। ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟ ଶକ୍ତି ବିଭାଗର ସିଙ୍ଗଲ୍ ୱିଣ୍ଡୋ କମିଟି(ଏସ୍.ଡ଼ବ୍ଲ୍ୟୁ.ସି)"ଓଡ଼ିଶା ଅକ୍ଷୟଶକ୍ତି ନୀତି-୨୦୨୨" ଅନୁଯାୟୀ, ଆଜି ସୁଦ୍ଧା ୧୨୪୯.୩୮ ମେଗାୱାଟ ଅକ୍ଷୟଶକ୍ତି ଉତ୍ପାଦନ ପାଇଁ ମୋଟ ୮୩୯୫.୩୮ କୋଟି ଟଙ୍କା ନିବେଶ ପ୍ରସ୍ତାବକୁ ନୀତିଗତ ଅନୁମୋଦନ ପ୍ରଦାନ କରିଛି ।

ଏହି ପୁଞ୍ଜି ନିବେଶ ପ୍ରସ୍ତାବ ଗୁଡ଼ିକ ରାଜ୍ୟର ଶକ୍ତି କ୍ଷେତ୍ରରେ ରୂପାନ୍ତରଣ ଆଣିବା ସହ ସବୁଜ ଶକ୍ତି ପ୍ରକଳ୍ପର ବିକାଶକୁ ସୁଦୃଢ଼ କରିବ ଏବଂ ୨୦୩୦ ସୁଦ୍ଧା ୧୦ ହଜାର ମେଗାୱାଟ୍ ଅକ୍ଷୟ ଶକ୍ତି ଉତ୍ପାଦନ ଲକ୍ଷ୍ୟ ପୂରଣ କରିବା ପାଇଁ ଓଡ଼ିଶାର ପ୍ରତିବଦ୍ଧତାକୁ ନିଶ୍ଚିତ କରିବା ଦିଗରେ ସହାୟତା କରିବ । ରାଜ୍ୟ ସରକାରଙ୍କ ଏହି ନିରନ୍ତର ପ୍ରୟାସ ଫଳରେ ସବୁଜ ଶକ୍ତି ବୃଦ୍ଧି, ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବା ଏବଂ ପରିବେଶ ସୁରକ୍ଷା ଦିଗରେ ସ୍ଥିର ହୋଇଥିବା ଦୀର୍ଘସ୍ଥାୟୀ ଲକ୍ଷ୍ୟ ପୂରଣ ସହିତ ରାଜ୍ୟର ବିକାଶ ସମ୍ଭବ ହୋଇପାରିବ ।

### ୧୦୦୦ କେଜି...

ନମ୍ବର ଥିବା ଏହି ପିକ୍ ଅପ୍ ଭ୍ୟାନ୍‌ଟିକୁ ଯାଞ୍ଚ କରାଯିବା ବେଳେ ସେଥିରେ କଇଁଛ ଥିବା ଜଣାପଡ଼ିଥିଲା। ମୋଟ ୩୫ଟି ବସ୍ତାରେ କଇଁଛଗୁଡ଼ିକୁ ରଖାଯାଇଥିଲା। ଚିତ୍ରକୋଣ୍ଡା ବନାଞ୍ଚଳ ପକ୍ଷରୁ କଇଁଛ ଗୁଡ଼ିକୁ ଜବତ କରାଯିବା ସହିତ ୨ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଘଟଣାର ଅଧିକ ତଦନ୍ତ କରାଯାଉଛି।

### ସ୍ମାର୍ଟ ସିଟି...

ସାଇକେଲଗୁଡ଼ିକୁ ମରାମତି ପାଇଁ ସେମାନଙ୍କ ରକ୍ଷଣାବେକ୍ଷଣ ସ୍ଥଳକୁ ନିଆଯାଉଛି ଏବଂ ପୂଜା ପୂର୍ବରୁ ଡକିଂ ଷ୍ଟେସନକୁ ଫେରାଇ ଅଣାଯିବ। ଟ୍ରାଫିକ୍ ଭିଡ଼ କମାଇବା ପାଇଁ ପର୍ବପର୍ବାଣୀ ସମୟରେ ନାଗରିକମାନେ କାର୍ କିମ୍ବା ଅନ୍ୟ ପରିବହନ ମାଧ୍ୟମ ପରିବର୍ତ୍ତେ ଏହି ସାଇକେଲ୍ ବ୍ୟବହାର କରିପାରିବେ ବୋଲି ବିଏସ୍‌ସିଏଲ୍‌ର ଜଣେ ଅଧିକାରୀ କହିଛନ୍ତି। ୨୦୧୮ରେ ହକି ବିଶ୍ୱକପ୍ ସମୟରେ ବହୁଚର୍ଚ୍ଚିତ 'ମୋ ସାଇକେଲ୍' ଅଭିଯାନରେ ସହରରେ ଆରମ୍ଭ ହୋଇଥିବା ସାଇକେଲ୍‌ଗୁଡ଼ିକ ସେବା ପ୍ରତି ଜନସାଧାରଣଙ୍କ ଆଗ୍ରହ ଅଭାବ ଏବଂ ଏହାର ରକ୍ଷଣାବେକ୍ଷଣ ଅଭାବରୁ ଡକିଂ ଷ୍ଟେସନଗୁଡ଼ିକରେ ଖୋଲାରେ ପଡ଼ି ନଷ୍ଟ ହୋଇଛି। ଏପରିକି ଅନେକ ସାଇକେଲ କବାଡ଼ିଆମାନେ ରାଜ୍ୟ ବାହାରକୁ ଚାଲାଣ ହୋଇଥିବା କୁହାଯାଉଛି। ବିଏସ୍‌ସିଏଲ୍ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୨୫ ହଜାର ଟଙ୍କା ବ୍ୟୟରେ କିଣାଯାଇଥିବା ୨୦୦୦ ସାଇକେଲ୍ ମଧ୍ୟରୁ ୨୦୨୩ ଜାନୁଆରି ସୁଦ୍ଧା ମାତ୍ର ୧୫୦୦ ସାଇକେଲ୍ ବ୍ୟବହାର ଉପଯୋଗୀ ଅବସ୍ଥାରେ ଥିଲା।

### କାମଦାମ ଠପ୍...

ନିୟମ ଆଣିବା ପାଇଁ ବିଏମ୍‌ସି ଡ୍ରାଫ୍ଟ ପ୍ରସ୍ତୁତ କରି ବିଭାଗକୁ ପଠାଇଛି। ହେଲେ ସ୍ୱୀକୃତି ମିଳୁନି। କମିସନର ଚିଠି ଲେଖି କୁକୁର ବନ୍ଧ୍ୟାକରଣ ବନ୍ଦ କରି ଦେଇଛନ୍ତି ହେଲେ କେମିତି ଆରମ୍ଭ ହେବ ତାହା ବ୍ୟବସ୍ଥା କରୁନାହାନ୍ତି। ଅଧିକାଂଶ କାମରେ ସରକାରୀ ସହଯୋଗ ମିଳୁନାହିଁ ବିଭାଗୀୟ ସମନ୍ୱୟ ମଧ୍ୟ ରହୁନାହିଁ। ବଡ଼କଥା ହେଉଛି ଗତ ଜୁନ୍ ମାସରୁ ଆଜି ସୁଦ୍ଧା ଡ୍ରେନ୍,ସିଡିପି ରାସ୍ତା, ୱାର୍ଡ ଅଫିସ, ଜମି ଅଧିଗ୍ରହଣ, ବୈଦ୍ୟୁତିକ କାମ ପାଇଁ ୩୪୦ କୋଟି ଟଙ୍କା, ପେଭର୍ ରୋଡ୍ ପାଇଁ ୩୦୦ କୋଟି ଟଙ୍କା, ପରିମଳ, ବାୟୋମାଇନିଂ ଓ ଏମ୍‌ସିସି ଏମ୍‌ଆର୍‌ଏଫ୍ ପାଇଁ ୧୩୦ କୋଟି ଟଙ୍କା, ସ୍ୱଚ୍ଛ ଭାରତ ମିସନ, ଟଏଲେଟ୍ ପାଇଁ ୮୨କୋଟି ଟଙ୍କା, ଜାଗା ମିସନ୍ ପାଇଁ ୭୪.୩୫ କୋଟି ଟଙ୍କା ସରକାରଙ୍କୁ ମଗା ଯାଇଛି। କିନ୍ତୁ ଅନୁଦାନ ମିଳୁନାହିଁ। ବିଜେପି ସରକାର ଭଳି ରାଜେଶ୍ ପାଟିଲ୍‌ଙ୍କର 'ଡବଲ୍ ଇଞ୍ଜିନ୍' ବ୍ୟବସ୍ଥା ଥିଲେ ମଧ୍ୟ ଟଙ୍କାଟିଏ ଆଣି ପାରୁ ନାହାନ୍ତି। ଫଳରେ ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇଯାଇଛି। ବରଂ ଏପ୍ରିଲ୍‌ରୁ ଅଗଷ୍ଟ ମାସ ଶେଷ ସୁଦ୍ଧା ରାସ୍ତା, ଡ୍ରେନ୍, ଲାଇଟ୍, ସହର ସୌନ୍ଦର୍ଯ୍ୟୀକରଣ, ପୁଷ୍କରିଣୀ, ପାର୍କ ଓ ଟଏଲେଟ୍‌କୁ ମିଶାଇ ପବ୍ଲିକ୍ ୱାର୍କସ ବାବଦରେ ୨୪୯.୭୨ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହା ମଧ୍ୟରୁ ୧୭୯.୩୨ କୋଟି ଟଙ୍କା ସରକାରୀ ଅନୁଦାନରୁ ଖର୍ଚ୍ଚ ହୋଇଥିବା ବେଳେ ବାକି ୭୦. ୪୦ କୋଟି ଟଙ୍କା ବିଏମ୍‌ସି ନିଜ ପାଣ୍ଠିରୁ ଖର୍ଚ୍ଚ କରିଛି। 'ନିଜ ବସ୍ତ୍ର ପରକୁ ଦେଇ, ଶିବ ଚାଲିଛନ୍ତି ଲଙ୍ଗଳା ହୋଇ' ଭଳି ସ୍ଥିତି ହୋଇଛି।

## ଚତୁର୍ଥ ଇଣ୍ଡିଆନ୍ ଓପନ୍ ଆଥଲେଟିକ୍ସ

### ୫ ସ୍ୱର୍ଣ୍ଣ ପଦକ ସହ ତୃତୀୟରେ ଓଡ଼ିଶା




ଭୁବନେଶ୍ୱର, ୩୦।୯ (ସଂଚାର ବ୍ୟୁରୋ): ଚତୁର୍ଥ ଇଣ୍ଡିଆନ୍ ଓପନ୍ ୨୩ ବର୍ଷରୁ କମ୍ ଆଥଲେଟିକ୍ସ ଚାମ୍ପିୟନସିପ୍ ଆଜି ବିହାରର ପାଟନାଠାରେ ଶେଷ ହୋଇଛି। ପ୍ରତିଯୋଗିତାରେ ଓଡ଼ିଶାରୁ ସର୍ବମୋଟ୍ ୧୮ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ୫ଟି ସ୍ୱର୍ଣ୍ଣ ଓ ୨ ରୌପ୍ୟ ସହ ସର୍ବମୋଟ୍ ୭ଟି ପଦକ ଜିତିଛନ୍ତି। ପଦକ ତାଲିକାରେ ଓଡ଼ିଶା ତୃତୀୟ ସ୍ଥାନରେ ରହିଛି। ଓଡ଼ିଶାର ଧାବକ ଅନିମେଶ କୁଜୁର ୧୦୦ ମିଟର ଏବଂ ୨୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ୦୨ଟି ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ୨୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ୨୦.୬୫ ସେକେଣ୍ଡ ସମୟ ଏବଂ ୧୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ୧୦.୩୮ ସେକେଣ୍ଡ ସହ ନୂଆ ମିଟ୍ ରେକର୍ଡ ସୃଷ୍ଟି କରିଛନ୍ତି।ଇଣ୍ଡିଆନ୍ ଓପନ୍ ୨୩ବର୍ଷରୁ କମ ଆଥଲେଟିକ୍ସ ପ୍ରତିଯୋଗିତାରେ ତାଙ୍କୁ ଶ୍ରେଷ୍ଠ ପୁରୁଷ ଆଥ୍ ଲେଟ୍ ର ପୁରସ୍କାର ମିଳିଥିବାରୁ ସେ ବେଶ୍ ଖୁସି ଅଛନ୍ତି ବୋଲି ମତପ୍ରକଶ କରିଛନ୍ତି। ଅନ୍ୟାନ୍ୟ ଖେଳାଳୀ ମାନଙ୍କ ମଧ୍ୟରେ ଜସବୀର ନାୟକ ଡେକାଥଲୋନ ଇଭେଣ୍ଟରେ ୭୦୬୫ ପଏଣ୍ଟ ସହ ନୂଆ ମିଟ୍ ରେକର୍ଡ ସୃଷ୍ଟି କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ପୁରୁଷ ୧୧୦ ମିଟର ହର୍ଡଲ୍ସ ପ୍ରତିଯୋଗିତାରେ ଏ ଗ୍ରେସନ ଜିଭା ୧୪.୪୯ ସେକେଣ୍ଡ ସମୟ ସହ ସ୍ୱର୍ଣ୍ଣପଦକ ଜିତିଛନ୍ତି। ଲକ୍ଷ୍ମୀପ୍ରିୟା କିଷାନ ୮୦୦ ମିଟର ଦୌଡ଼ ଏବଂ ୧୫୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ଯଥାକ୍ରମେ ଗୋଟିଏ ସ୍ୱର୍ଣ୍ଣ ଏବଂ ଗୋଟିଏ ରୌପ୍ୟ ପଦକ ହାସଲ କରିଛନ୍ତି । ଟ୍ରିପଲ ଜମ୍ପ ଇଭେଣ୍ଟରେ ମେରିମୁକ୍ତା ସୋରେଙ୍ଗ ରୌପ୍ୟ ପଦକ ହାସଲ କରିଛନ୍ତି ।

# ଛେଳି ଗୁହାଳରେ ପିଲାଙ୍କ ଭବିଷ୍ୟତ ଗଢ଼ା !

## ୧୪ ବର୍ଷ ହେବ ଦୟନୀୟ ଅବସ୍ଥାରେ ପଢୁଛନ୍ତି ପାଠ



**ଉଦଳା, ୩୦।୯ (ସଂଚାର ବ୍ୟୁରୋ) :** ଶିକ୍ଷା ବ୍ୟବସ୍ଥାକୁ ସୁଧାରିବା ପାଇଁ ସରକାର କେତେ କଣ ଯୋଜନା କରିଛନ୍ତି । ହେଲେ ସେହି ଯୋଜନାର ବାସ୍ତବ ରୂପାୟନ ହେଉଛି କି ନାହିଁ ତାହାର ହିସାବ ସରକାରୀ ବାବୁଙ୍କ ପାଖରେ ନାହିଁ । ଆଜି ବି ଏପରି ବିଦ୍ୟାଳୟ ରହିଛି ଯାହା ଦେଖିଲେ ଆପଣ ବି ଆଶ୍ଚର୍ଯ୍ୟ ହେବେ । କାରଣ ଲୋକଙ୍କ ଘରେ ଛେଳି ଗୁହାଳ ଭିତରେ ତିଆରି ଚାଲିଛି ଭବିଷ୍ୟତ ଗଢା। ବାହାରୁ ଦେଖିଲେ ଏହା କୌଣସି ବ୍ୟକ୍ତିଙ୍କ ଘର ବୋଲି ଆପଣ ଭାବିପାରନ୍ତି। ହେଲେ ପାଖକୁ ଗଲେ ଜାଣିପାରିବେ ସତ । ଏହି ଘରେ ଚାଲିଛି ଭବିଷ୍ୟତ ନିର୍ମାଣ । ଆମେ କହିବାର ଅର୍ଥ ହେଲା ଏହି ଘରେ ଭଙ୍ଗା ବାରଣ୍ଡା ଓ ଛେଳି ରହୁଥିବା ସ୍ଥାନରେ ଚାଲିଛି ବିଦ୍ୟାଳୟ । ଆଜି ନୁହେଁ ଦୀର୍ଘ ୧୪ ବର୍ଷରୁ ଅଧିକ ହେବ ଏପରି ଅବସ୍ଥାରେ ଚାଲିଛି ବିଦ୍ୟାଳୟ ।

ଆମେ କହୁଛୁ କପ୍ତିପଦା ବ୍ଲକ ଜଡିଦା ପଞ୍ଚାୟତରେ ଥିବା ଠାକୁରାସାହି ପ୍ରାଥମିକ ବିଦ୍ୟାଳୟ କଥା । ଏଠାରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୩୦ ରୁ ଅଧିକ ଛାତ୍ରଛାତ୍ରୀ ରହିଛନ୍ତି । ଜଣେ ଶିକ୍ଷକ ଏବଂ ଜଣେ ଶିକ୍ଷୟିତ୍ରୀ ଏହି ବିଦ୍ୟାଳୟରେ ପାଠ ପଢାନ୍ତି । ବିଦ୍ୟାଳୟର ଶ୍ରେଣୀ ଗୃହ କହିଲେ ମୁଣ୍ଡ ଉପରେ ଭଙ୍ଗା ଟାଇଲ୍ ଛାଉଣୀ ଓ ଭଙ୍ଗା ବାରଣ୍ଡା । ଠାକୁରାସାହି ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ବାରଣ୍ଡାରେ ପ୍ରଥମରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀ ବସି ପାଠ ପଢୁଛନ୍ତି । ଏକା ସାଙ୍ଗେ ଚାଲେ ପାଂଚ ଗୋଟି ଶ୍ରେଣୀର ପାଠ ପଢା । ସବୁଠାରୁ ବଡ କଥା ଯେଉଁଠାରେ ପାଠ ପଢା ସେହି ଠାରେ ଚାଲିଛି ମଧ୍ୟାହ୍ନ ଭୋଜନ ରୋଷେଇ । ସେହିଠାରେ ହିଁ ବସି ପିଲାମାନେ ଖାଇଥାନ୍ତି ମଧ୍ୟାହ୍ନ ଭୋଜନ । ଖରାଦିନେ ଯେମିତି ସେମିତି ପ୍ରକାର ପାଠ ପଢା ଚାଲିଥିବା ବେଳେ ବର୍ଷା ଦିନେ ଏବଂ ଶୀତ ଦିନେ ମଧ୍ୟ ଏହି ଅସ୍ଥାୟୀ ଘର ଭିତରେ ବସି ପିଲାମାନେ ପାଠ ପଢନ୍ତି। ଅନେକ ସମୟରେ ସରୀସୃପ ମଧ୍ୟ ବିଦ୍ୟାଳୟ ଗୃହ ଭିତରକୁ ପଶି ଆସୁଥିବା କହିଛନ୍ତି ଶିକ୍ଷୟିତ୍ରୀ । ଏହି ବିଦ୍ୟାଳୟ ନିମନ୍ତେ ନା ରହିଛି ଶୌଚାଳୟର ସୁବିଧା ନା ରହିଛି ପାନୀୟ ଜଳର ସୁବିଧା ।

ଏହି ବିଦ୍ୟାଳୟ ନିମନ୍ତେ ଏକ ଗୃହ ନିର୍ମାଣ କାର୍ଯ୍ୟ ୨୦୧୦ ମସିହାରେ ଚାଲିଥିବା ବେଳେ ଠିକାଦାରର ମାନମାନୀ ଓ ପ୍ରଶାସନିକ ଦୁର୍ବଳତା କାରଣରୁ ଆଜକୁ ୧୪ ବର୍ଷରୁ ଅଧିକ ହେବ ବିଦ୍ୟାଳୟ ଗୃହ ନିର୍ମାଣ କାମ ବନ୍ଦ ହୋଇ ରହିଛି । ଯାହାଫଳରେ ଛାତ୍ରଛାତ୍ରୀମାନେ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ବସି ପାଠ ପଢୁଛନ୍ତି । ଏହି ସମସ୍ୟା ବାବଦରେ ବାରମ୍ବାର ବିଇଓଙ୍କ ଠାରୁ ଆରମ୍ଭ କରି ଉପରିସ୍ଥ ଅଧିକାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଅବଗତ କରାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିପାରି ନ ଥିବା କହିଛନ୍ତି ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ । ହେଲେ ଉଭୟ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ନିଜର ଦାୟିତ୍ୱ ଏବଂ କର୍ତ୍ତବ୍ୟକୁ ମାନି ପିଲାମାନଙ୍କୁ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ପାଠ ପଢାଉଥିବା କହିଛନ୍ତି ।

ଅନ୍ୟ ପଟେ ଆମେ ଘଟଣା ବାବଦରେ କପ୍ତିପଦା ବିଇଓ ଦିପକ କୁମାର ମିଶ୍ରଙ୍କ ନିକଟକୁ ପହଞ୍ଚିଥିଲେ ସୁଦ୍ଧା ତାଙ୍କ ନିକଟରେ ଠାକୁରାସାହି ସ୍କୁଲ ବାବଦରେ କୌଣସି ତଥ୍ୟ ନଥିବା ଓ ସେ କୌଣସି ପ୍ରତିକ୍ରିୟା ଦେବେ ନାହିଁ ବୋଲି ସିଧାସଳଖ ମନାକରି ଦେଇଛନ୍ତି। ତେବେ ସରକାର ଶିକ୍ଷା ବ୍ୟବସ୍ଥାର ସୁଧାର ଆଣିବା ପାଇଁ ପାଣି ପରି ଅର୍ଥ ଖର୍ଚ୍ଚ କରି ଚାଲିଥିବା ବେଳେ ଏହି ବିଦ୍ୟାଳୟର ଚିତ୍ର ହିଁ ବୟାନ କରୁଛି ଶିକ୍ଷା ବ୍ୟବସ୍ଥା ପ୍ରକୃତ ବାସ୍ତବତା । ତେବେ କେବେ ଏହି ବିଦ୍ୟାଳୟ ନିମନ୍ତେ ଅଧାଗଢ଼ା ଶ୍ରେଣୀ ଗୃହ କାମ ସରୁଛି ତାହାକୁ ଅପେକ୍ଷା । ନା ଏହିଭଳି ଭାବେ ଅସ୍ଥାୟୀ ଘରେ ହିଁ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ତିଆରି ହେଉଛି ତାହା ଦେଖିବାକୁ ବାକି ରହିଲା ।

## 'ପର୍ଯ୍ୟଟନ ଗୌରବ' ସମ୍ମାନ

### ସୋଆ ସ୍କୁଲ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ ସମ୍ମାନିତ




**ଭୁବନେଶ୍ୱର, ୩୦।୯ (ସଂଚାର ବ୍ୟୁରୋ) :** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ ଅଫ୍ ହୋଟେଲ୍ ମ୍ୟାନେଜମେଣ୍ଟ (ଏସ୍ଏଚ୍ଏମ୍)କୁ 'ପର୍ଯ୍ୟଟନ ଗୌରବ ସମ୍ମାନ'ରେ ସମ୍ମାନିତ କରାଯାଇଛି। ବିଶ୍ୱ ପର୍ଯ୍ୟଟନ ଦିବସ ପରିପ୍ରେକ୍ଷୀରେ ଓଡ଼ିଶା ରାଜ୍ୟ ପର୍ଯ୍ୟଟନ ସଂଘ ପକ୍ଷରୁ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଗତ ଶୁକ୍ରବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏସ୍ଏଚ୍ଏମ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ପର୍ଯ୍ୟଟନ ଶିଳ୍ପର ଉତ୍କର୍ଷତା, ବିକାଶ ଏବଂ ଆତିଥ୍ୟ କ୍ଷେତ୍ରରେ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରୁଥିବା ହେତୁ ଏସ୍ଏଚ୍ଏମ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ଓଡ଼ିଶାର ରାଜ୍ୟପାଳ ଶ୍ରୀ ରଘୁବର ଦାସଙ୍କ ଠାରୁ ଏସ୍ଏଚ୍ଏମ୍ର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତି ସୁରମା ପାଢ଼ୀ, ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତି ପ୍ରଭାତୀ ପରିଡ଼ା, ଏକାମ୍ର ଭୁବନେଶ୍ୱର ବିଧାୟକ ଶ୍ରୀ ବାବୁ ସିଂ, ଓଡ଼ିଶା ରାଜ୍ୟ ପର୍ଯ୍ୟଟନ ଗାଇଡ୍ ଆସୋସିଏସନ୍ର ସଭାପତି ଶ୍ରୀ ସନ୍ତ କୁମାର ମିଶ୍ର ଓ ସମ୍ବାଦର ପ୍ରତିଷ୍ଠାତା ଶ୍ରୀ ସୌମ୍ୟରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ।

## ୮ରୁ ପ୍ରୟାସର ନବରାତ୍ର ଦାଣ୍ଡିଆ ମହୋତ୍ସବ

**ଭୁବନେଶ୍ୱର, ୩୦।୯ (ସଂଚାର ବ୍ୟୁରୋ):** ଜଗତ ଜନନୀ ମା' ଦୁର୍ଗାଙ୍କ ପୂଜା ଅବସରରେ ମା'ଙ୍କୁ ସମର୍ପିତ ଏକାଦଶ ପ୍ରୟାସ ନବରାତ୍ର ଦାଣ୍ଡିଆ ମହୋତ୍ସବ ଅକ୍ଟୋବର ମାସ ୮ ରୁ ୧୩ ତାରିଖ ସନ୍ଧ୍ୟା ୬ଟା ରୁ ୧୦ ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ରାଜଧାନୀ ଭୁବନେଶ୍ୱରର କେନ୍ଦ୍ରସ୍ଥଳ ତଥା ମହୋତ୍ସବର ପ୍ରାଣକେନ୍ଦ୍ର ୟୁନିଟ୍ ୩ ସ୍ଥିତ ପ୍ରଦର୍ଶନୀ ପଡ଼ିଆ ପରିସରରେ ପ୍ରୟାସ




ନବରାତ୍ର ଦାଣ୍ଡିଆ ସାଂସ୍କୃତିକ ବିଧିବିଧାନ ଓ ସମ୍ପୂର୍ଣ୍ଣ ପାରିବାରିକ ବାତାବରଣରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥର ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଏହି ମହୋତ୍ସବର କଳାତ୍ମକ ଦିଗକୁ ପ୍ରାଧାନ୍ୟ ଦିଆଯାଇ ଦାଣ୍ଡିଆ ସମ୍ବନ୍ଧିତ ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇଛି। ଏଥର ୨୪ ହଜାର ବର୍ଗଫୁଟରର ମେଗା ଷ୍ଟେଜରେ ୬ ଦିନ ଧରି ଏହି ମହୋତ୍ସବରେ ଅଭିଜ୍ଞ ନୃତ୍ୟଶିଳ୍ପୀଙ୍କ ତତ୍ତ୍ୱାବଧାନରେ ଦାଣ୍ଡିଆ ନୃତ୍ୟ, ଅତ୍ୟାଧୁନିକ ଏଲ୍ଇଡି ଆଲୋକ ସଜା, ଉନ୍ନତମାନର ଲାଇଭ ବ୍ୟାଣ୍ଡ୍ ସହ ଆଲୋକମାଳାର ଅପୂର୍ବ ସମନ୍ୱୟ ନୃତ୍ୟାଙ୍ଗନାଙ୍କ ପାଇଁ ସ୍ୱତନ୍ତ୍ର ଷ୍ଟେଜ, ବିଭିନ୍ନ ଖାଦ୍ୟ ସଂସ୍ଥାମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟକର ଖାଦ୍ୟ ପାନୀୟ ଷ୍ଟଲ୍, ମୁଖ୍ୟ ନୃତ୍ୟସ୍ଥଳ ପାଇଁ ପ୍ରଶସ୍ତ, ମଜବୁତ୍ ଓ ସୁରକ୍ଷିତ ଫ୍ଲୋରବୋର୍ଡ ଷ୍ଟେଜ୍ ବ୍ୟବସ୍ଥା କରାଯାଇଛି। ମହୋତ୍ସବର ପ୍ରତ୍ୟେକ ଦିନର ବେଷ୍ଟଡ୍ୟାନସ, କପଲ, କଷ୍ଟ୍ୟୁମ୍ ଏବଂ ବେଷ୍ଟ କିଡ୍ସ ଡ୍ୟାନସର ମାନଙ୍କୁ ପୁରସ୍କୃତ କରାଯିବ।

ଏହି ସଂସ୍କୃତିକ ମହୋତ୍ସବର ବିବିଧ ଦିବସରେ ସମାଜର ବହୁ ବିଶିଷ୍ଟ ସଂସ୍କୃତି ସମ୍ପନ୍ନ ବ୍ୟକ୍ତି ଉପସ୍ଥିତ ରହି ନୃତ୍ୟପ୍ରେମୀଙ୍କୁ ପ୍ରୋତ୍ସାହିତ କରିବେ। ବ୍ୟବସାୟିକ ନୁହେଁ ବରଂ ସାସ୍କୃତିକ ଉତ୍କର୍ଷତା ନିମିତ ଜନସାଧାରଣଙ୍କ ସହଭାଗୀ ସହଯୋଗୀତା ପାଇଁ ପ୍ରୟାସର ଅଧ୍ୟକ୍ଷ ବନ ମହାନ୍ତି, ବୁଦ୍ଧ ମନ୍ଦିର, ୟୁନିଟ୍-୩ ଠାରେ ଆୟୋଜିତ ପ୍ରେସ୍ମିଟରେ ସୂଚିତ କରିଥିଲେ ଏବଂ ଗଣମାଧ୍ୟମ ଜରିଆରେ ଲୋକଙ୍କ ନିକଟରେ ସୂଚନା ପହଞ୍ଚାଇବା ପାଇଁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରୟାସର ସଦସ୍ୟମାନେ ତଥା ଜୟନ୍ତ କୁମାର ମହାନ୍ତି, ଉମାକାନ୍ତ ଡାଣ୍ଡି, କୌସ୍ତୁଭ ଦାସ, ସୁରେଶ କୁମାର ପତ୍ରୀ, କମଳ ମହାନ୍ତି, ଜସମିନ୍ ମହାନ୍ତି, ସୋନାଲୀ ପ୍ରିୟଦର୍ଶିନୀ, ସୂର୍ଯ୍ୟନାରାୟଣ ମହାନ୍ତି, ପପୁ ରିଶି, ସୂର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।



## ବିଜେପିର ସ୍ୱଚ୍ଛତା ଅଭିଯାନ

**ବ୍ରହ୍ମପୁର, ୩୦।୯ (ସଂଚାର ବ୍ୟୁରୋ):** ବିଜେପି ତରଫରୁ ସେବା ପକ୍ଷ ପାଳନ ହୋଇଛି । ଏହି ଅବସରରେ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାରଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇ ସ୍ୱଚ୍ଛତା ହିଁ ସେବାର ବାର୍ତ୍ତା ଦେବା ସହ ମନ୍ଦିର ପ୍ରାଙ୍ଗଣ କୁ ସଫା କରା ଯାଇଥିଲା। ବିଷ୍ଣୁ ସୁବୁଦ୍ଧି, ବିଧାୟକ ପ୍ରତିନିଧି ଅଶୋକ କୁମାର ଶୁକ୍ଳ, ଜିଲ୍ଲା ସମ୍ପାଦକ ବାଲକୃଷ୍ଣ ସାମନ୍ତରା, ଶରତ ପଟ୍ଟନାୟକ, ପ୍ରଦୀପ ନାୟକ,ଭିକି ଆଚାରୀ, ସୁରେଶ ତ୍ରିପାଠୀଙ୍କ ସହ ବିଜେପି କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।

## ବଡ଼ ସଫଳତା ପାଇଲା କେଗାଁ କେନ୍ଦୁପତ୍ର ରେଞ୍ଜ

**କଳାହାଣ୍ଡି, ୩୦।୯ (ସଂଚାର ବ୍ୟୁରୋ) :** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କେଗାଁ କେନ୍ଦୁପତ୍ର ରେଞ୍ଜ କେନ୍ଦୁ ପତ୍ର ବିକ୍ରି କରିବାରେ ବେଶ ସଫଳତା ପାଇଛି। ଏହି ରେଞ୍ଜରେ ୬୮ଟି ଫଡି ଥିବାବେଳେ ସମସ୍ତ ଫଡି ଗୁଡିକରେ କେନ୍ଦୁପତ୍ର କିଣାଯାଇଥିଲା। ସମସ୍ତ ଫଡିରୁ ମୋଟ ସମୁଦାୟ ୯୪ ଲକ୍ଷ୍ୟ ୩୪ ହଜାର ୯୬୦ କେରି କିଣା ଯାଇଥିବା ବେଳେ ପ୍ରତି କେରି ପିଛା ୧ ଟଙ୍କା ୬୦ ପଇସାରେ କିଣି ୧ କୋଟି ୫୦ ଲକ୍ଷ୍ୟ ୯୫ ହଜାର ୯୩୬ ଟଙ୍କା ସରକାରୀ ଅନୁଯାୟୀ ବ୍ୟୟ ବରାଦ ହୋଇଛି। ବର୍ତ୍ତମାନ ୬୮ ଗୋଟି ଫଡି ମଧ୍ୟରୁ ୪୧ ଟି ଫଡ଼ିରେ ବନ୍ଧେଇ କାର୍ଯ୍ୟ ସାରିଥିବା ବେଳେ ୧୫୬୬ ବସ୍ତା ହୋଇଥିବା ରେଞ୍ଜ ଅଧିକାରୀ ଦୈତାରୀ ନାଏକ ପ୍ରକାଶ କରିଛନ୍ତି। ୧୫୬୬ ବସ୍ତାରୁ ୧୩୦୦ ବସ୍ତା କେନ୍ଦୁପତ୍ର ଓଏଫଡିସିକୁ ବିକ୍ରି ପାଇଁ ଦିଆଯାଇଥିବା ବେଳେ ୯୦୦ ବସ୍ତା ସମ୍ପୂର୍ଣ୍ଣ ବିକ୍ରି ହୋଇସାରିଛି ବୋଲି ଶ୍ରୀ ନାଏକ ସୂଚନା ଦେଇଛନ୍ତି । କେନ୍ଦୁପତ୍ର ପ୍ରତି କୁଇଣ୍ଟାଲ ପିଛା ୩୪ହଜାର ୯୫୮ ଟଙ୍କାରେ ବିକ୍ରି କରାଯାଇଥିବା ସେ କହିଛନ୍ତି। ପୂର୍ବରୁ କେଗାଁ କେନ୍ଦୁପତ୍ର ରେଞ୍ଜ ଅଧିକ ଚଢା ଦରରେ ବିକ୍ରି କରି ନ ଥିଲା ଓଲଟା ସରକାରଙ୍କ ଜିଏସଟି ରେ କିଛି ମାତ୍ରାରେ କ୍ଷତି ସହିବାକୁ ପଡୁଥିଲା । ୨୦୧୭ ମସିହାରୁ ୨୦୨୩ ପର୍ଯ୍ୟନ୍ତ କେନ୍ଦୁପତ୍ର ତୋଳାଳୀ ମାନଙ୍କ ମୃତ୍ୟୁ କାଳିନୀ ସହାୟତା ରାଶି ପେଣ୍ଡିଙ୍ଗ ହୋଇ ପଡିରହିଥିଲା। ନୂତନ ରେଞ୍ଜର ଆସିବା ଦିନଠୁ ୧୦ ଗୋଟି କେନ୍ଦୁପତ୍ର ତୋଳାଳୀ ଶ୍ରମିକ ମାନଙ୍କ ମୃତ୍ୟୁ କାଳିନୀ ସହାୟତା ଜରୁରୀ କାଳୀନ ଭିତରେ ଟଙ୍କା ପଡ଼ିଯିବ ବୋଲି ମଧ୍ୟ କହିଛନ୍ତି । କେଗାଁ ରେଞ୍ଜର ସଫଳତା କାରଣ ପଛରେ କେଉଁ କର୍ମଚାରୀଙ୍କ ହାତ ଅଛି ବୋଲି ରେଞ୍ଜର ଦୈତାରୀ ନାଏକଙ୍କୁ ପଚାରିବାରୁ ଏଥିରେ ସମସ୍ତ ଗୋଛା କଟାଳି, ପତ୍ରତୋଳାଳୀ ବନ୍ଧେଇ ଶ୍ରମିକ, ସିଜନାଲ କର୍ମଚାରୀ ଓ ସରକାରୀ କର୍ମଚାରୀଙ୍କ ସହାୟତାରେ ବଡ଼ ସଫଳତା ପାଇଥିବା ପ୍ରକାଶ କରିଛନ୍ତି ।



## ଛାତ୍ରଛାତ୍ରୀଙ୍କୁ ପୋଷାକ ମିଳିଲାନି

**କଣାସ, ୩୦।୯ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସ ବ୍ଲକର ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟମାନଙ୍କରେ ଛାତ୍ରଛାତ୍ରୀଙ୍କୁ ବର୍ତ୍ତମାନ ସୁଦ୍ଧା ପୋଷକ ମିଳି ନ ଥିବାରୁ ଛାତ୍ରଛାତ୍ରୀ ଅଭିଭାବକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଖବର ନେବାରେ ଜଣାପଡ଼ିଛି ପ୍ରତେକ ବର୍ଷ ଅଗଷ୍ଟ ୧୫ତାରିଖ ସୁଧା ଛାତ୍ରଛାତ୍ରୀମାନଙ୍କୁ ନୂତନ ପୋଷାକ ବିଦ୍ୟାଳୟ ତରଫରୁ ଯୋଗାଇ ଦିଆଯାଇଥାଏ। ଚଳିତ ବର୍ଷ ସେପ୍ଟେମ୍ବର ମାସ ଶେଷ ହୋଇଥିଲେ ମଧ୍ୟ ପୋଷାକ ମିଳିନଥିବା ଜଣାପଡ଼ିଛି। ଏ ସମ୍ପର୍କରେ କଣାସ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ସୂର୍ଯ୍ୟରାୟଣ ନାୟକଙ୍କୁ ପଚାରିବାରୁ ସେ କୁହନ୍ତ ପ୍ରତିବର୍ଷ ବିଦ୍ୟାଳୟ ତରଫରୁ ପୋଷାକ କିଣା ଯାଇ ଛାତ୍ରଛାତ୍ରୀମାନଙ୍କୁ ଯୋଗାଇ ଦିଆଯାଇଥାଏ। ଚଳିତ ବର୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ପୋଷାକ ଯୋଗାଇବା ପାଇଁ ନିର୍ଦ୍ଦେଶ ଥିବାରୁ ମଞ୍ଜୁର ହେବା ପାଇଁ ଜିଲ୍ଲାପାଳଙ୍କ ପାଖକୁ ପତ୍ର ଯାଇଛି। ଶୀଘ୍ର ଯୋଗାଇ ଦିଆଯିବ।

## ବିଶ୍ୱ ହୃତ୍ପିଣ୍ଡ ଦିବସ ଓ ଜାଗେଶ୍ୱରୀ ଚାରିଟେବଲ ଟ୍ରଷ୍ଟର ବାର୍ଷିକ ଉତ୍ସବ

**ଭୁବନେଶ୍ୱର, ୩୦।୯ (ସଂଚାର ବ୍ୟୁରୋ):** ଭାରତୀୟ ରେଡ୍କ୍ରସ ସୋସାଇଟି ଓଡିଶା ରାଜ୍ୟ ଶାଖା ଓ ଜାଗେଶ୍ୱରୀ ଚାରିଟେବଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ବିଶ୍ୱ ହୃତପିଣ୍ଡ ଦିବସ ଓ ଜାଗେଶ୍ୱରୀ ଚାରିଟେବଲ ଟ୍ରଷ୍ଟର ବାର୍ଷିକ ଉତ୍ସବ ଖୁସି ଓ ଆନନ୍ଦର ସହ ପାଳିତ ହୋଇ ଯାଇଛି। ଆଜି ଭୁବନେଶ୍ୱରସ୍ଥ ଓଡିଶା ରେଡକ୍ରସ ଭବନ ପରିସରସରେ ଆୟୋଜିତ ବିଶ୍ୱ ହୃତପିଣ୍ଡ ଦିବସ ପାଳନ ଅବସରରେ ମାନ୍ୟବର ଆଇନ, ଅବକାରୀ ଓ ପୁର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଭାରତୀୟ ରେଡ୍କ୍ରସ ସୋସାଇଟି ଓଡିଶା ରାଜ୍ୟ ଶାଖାର ସଚିବ ଶ୍ରୀଯୁକ୍ତ ବିଭୁତି ଭୂଷଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ସମାଜସେବୀ ଜଗନ୍ନାଥ ପ୍ରଧାନ, ଶୁଶ୍ରୁତ ହସ୍ପିଟାଲର ସିଇଓ ଡ଼. ଚିଦାତ୍ମିକା ଖଟୁଆ, ପରିଚୟ ଫାଉଣ୍ଡେସନର ପ୍ରତିଷ୍ଠାତ୍ରୀ ରୋଜାଲିନ ପାଟସାହାଣି ମିଶ୍ର, ଜୟ ଓଡ଼ିଶାର ପ୍ରତିଷ୍ଠାତା ଶ୍ରୀଯୁକ୍ତ ରୁଦ୍ରନାରାୟଣ ସାମନ୍ତରାୟ, ହାଇଟେକ ଗ୍ରୁପ ଅଫ ଇଣ୍ଡଷ୍ଟ୍ରିଜର ନିର୍ଦ୍ଦେଶକ ଡା ରାକେଶ କୁମାର ପାଣିଗ୍ରାହୀ, ରେଡ଼କ୍ରସ ଆଞ୍ଚଳିକ ବ୍ଲଡ଼ ସେଣ୍ଟରର ମେଡିକାଲ ଅଫିସର ଦେବୀ ପ୍ରସାଦ ରଥ, ଯୁବ ଉଦ୍ୟୋଗପତି ଶ୍ରୀଯୁକ୍ତ ଅବିନାଶ ସାମଲପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

ହୃତପିଣ୍ଡ ରୋଗରେ ବର୍ଷକୁ ବିଶ୍ୱରେ ମରୁଥିବା ବ୍ୟକ୍ତି ସଂଖ୍ୟା ୨୫ ମିଲିଅନ ପଖାପାଖି ଅଟେ। ଏହି ଅବସରରେ ହୃତପିଣ୍ଡର କିପରି ଜଣେ ସଠିକ ଯତ୍ନ ନେଇପାରିବ ଓ ଅପାଦକାଳୀନ ସମୟରେ କିପରି ପ୍ରାଥମିକ ସହାୟତା ଯୋଗାଇ ବହୁ ଲୋକଙ୍କ



ଜୀବନ ବଞ୍ଚେଇବାରେ ସହାୟକ ହୋଇପାରିବ ତାହା ଉପରେ ଆଞ୍ଚଳିକ ରେଡ଼କ୍ରସ ବ୍ଲଡ଼ ସେଣ୍ଟରର ଡାକ୍ତର ପ୍ରଦୀପ କୁମାର ମହାରଣା ଓ ମାଷ୍ଟର ଟ୍ରେନର ଓ ଜୁନିୟର ରେଡ଼କ୍ରସ ଅଧିକାରୀ ଶ୍ରୀଯୁକ୍ତ ଲକ୍ଷ୍ମଣ ସ୍ୱାଇଁ ଆଲୋକପାତ କରିବା ସହ ପ୍ରତ୍ୟକ୍ଷ ଡେମୋନଷ୍ଟ୍ରସନ ମାଧ୍ୟମରେ ବୁଝାଇଥିଲେ। ଜାଗେଶ୍ୱରୀ ଚାରିଟେବଲ ଟ୍ରଷ୍ଟର ଉପଦେଷ୍ଟା ତଥା ରେଡକ୍ରସର ଆଜୀବନ ସଦଶ୍ୟ ଶ୍ରୀଯୁକ୍ତ ମନୋରଞ୍ଜନ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜାଗେଶ୍ୱରୀ ଚାରିଟେବଲ ଟ୍ରଷ୍ଟର ମ୍ୟାନେଜିଙ୍ଗ ଟ୍ରଷ୍ଟି ଶ୍ରୀମତୀ ବିଷ୍ଣୁପ୍ରିୟା ସାମନ୍ତରାୟ ଅନୁଷ୍ଠାନ ସମ୍ପର୍କରେ ବିସ୍ତୃତ ବିବରଣୀ ଦେଇଥିଲେ ଏବଂ ମିନତୀ ରଥ ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ।

ଏହି ଅବସରରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। କୁନି ଝିଅ ଏସ ସାଇନି ସାଇବିନ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ ଓ ସମ୍ପ୍ରଦା ନୃତ୍ୟାନୁଷ୍ଠାନର ଛାତ୍ରୀମାନେ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଶ୍ରୀଯୁକ୍ତ ସରୋଜ କୁମାର ଷଡ଼ଙ୍ଗୀ ଭକ୍ତି ସଂଗୀତ ଗାନ କରିଥିଲେ। ବ୍ୟାଙ୍କ ଅଫ ଇଣ୍ଡିଆ ସହାୟତାରେ ଏବଂ ଅନ୍ୟ ମାନବୀୟ ସଂସ୍ଥା ଯଥା ଜୟ ଓଡିଶା, ଓସେଡୋ, ଗିଫ୍ଟ ଫାଉଣ୍ଡେସନ, ପଲ୍ଲୀ ଉନ୍ନୟନ ସେବା ସମିତି, ମଧୁରମୟୀ ଶିକ୍ଷା ନିକେତନ ପ୍ରମୁଖ ଅନୁଷ୍ଠାନ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସହଯୋଗ କରିଥିଲେ। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ୧୭ ଜଣା ବ୍ୟକ୍ତି ବିଶେଷ ଏବଂ ସେବା ଅନୁଷ୍ଠାନ ଗୁଡିକୁ ସେମାନଙ୍କର ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଜାଗେଶ୍ୱରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଦୃଷ୍ଟି ବାଧିତ, ଶ୍ରବଣ ବାଧିତ ଏବଂ କାରାଗାରରେ ବନ୍ଦୀ ଥିବା ବ୍ୟକ୍ତି ମାନଙ୍କ ପିଲା ମାନଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପିଲା ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ସସ୍ମିତା ଭଉଣୀ ଏବଂ ପ୍ରସନ୍ନ ଭାଇନା ପ୍ରଦୀପ ପ୍ରଜ୍ୱଳନ ସମୟରେ ବେଦ ପାଠ କରିଥିଲେ। ଜାଗେଶ୍ୱରୀ ଟ୍ରଷ୍ଟର ସଦଶ୍ୟା ମାନଙ୍କ ମଧ୍ୟରେ ପୂର୍ବରୁ ଆୟୋଜିତ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମର କୃତି ପ୍ରତିଯୋଗୀ ମାନଙ୍କୁ ବେବର୍ତ୍ତା ମାଉସୀ ପୁରସ୍କୃତ କରିଥିଲେ। ଶେଷରେ ଜୟ ଓଡିଶାର ସୁଶ୍ରୀ ହରପ୍ରିୟା ପ୍ରହାରାଜ ଧନ୍ୟବାଦ ଅର୍ପଣ କରିଥିଲେ। ଜାଗେଶ୍ୱରୀ ଚାରିଟେବଲ ଟ୍ରଷ୍ଟର ସମସ୍ତ ସଭ୍ୟା, ମମତା ରାଉତ, ରିଭା ମହାନ୍ତି, ଇନ୍ଦୁମତୀ ସାହୁ, ବୀରେନ୍ଦ୍ର ବିଶ୍ୱାଳ, ଆଶିଷ ସାମନ୍ତରାୟ. କାହ୍ନା, ନିତ୍ୟାନନ୍ଦ ସାହୁ, ପ୍ରସନ୍ନ ଖୁଣ୍ଟିଆ, ଗୌରାଙ୍ଗ ନାୟକ, ପୂର୍ଣଚନ୍ଦ୍ର ସାମନ୍ତରାୟଙ୍କ ପ୍ରତ୍ୟକ୍ଷ ସହଯୋଗରେ କାର୍ଯ୍ୟକ୍ରମଟି ସୁରୁଖୁରୁରେ ସମ୍ପର୍ଣ୍ଣ ହୋଇଥିଲା।



### ସ୍ୱଚ୍ଛତା ହିଁ ସେବା ବାର୍ତ୍ତା ନେଇ କୋଣାର୍କ ଏନ୍ଏସି ପକ୍ଷରୁ ସଚେତନତା

## ସାଇକେଲ ଶୋଭାଯାତ୍ରା, ଗଣଦୌଡ଼ ଓ ବେଳାଭୂମି ସଫେଇ

**କୋଣାର୍କ, ୩୦।୯ (ସଂଚାର ବ୍ୟୁରୋ) :** କୋଣାର୍କ ଏନଏସି ପକ୍ଷରୁ ସୋମବାର ସକାଳେ ସ୍ୱଚ୍ଛତା ହିଁ ସେବା ବାର୍ତ୍ତା ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଅଛି। ଏନେଇ ସାଇକେଲେ ଶୋଭାଯାତ୍ରା, ଗଣଦୌଡ ଓ ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ଅଳିଆ ଆବର୍ଜନା ଜାଗାକୁ ସଫାସୁତୁରା କରିବା ସହ ପରିସ୍କାର ପରିଚ୍ଛନ୍ନ କରୁଥିବା ବେଳେ ଡେଙ୍ଗୁ, ମେଲେରିଆ, ଝାଡା ବାନ୍ତିରୁ ରକ୍ଷା ପାଇ ସୁସ୍ଥ ରହିବା ପାଇଁ ସଚେତନ ବାର୍ତ୍ତା ଦେଇଥିଲେ। ଏଥି ସହ ବେଳାଭୂମି ଓ ସହରକୁ ସରସ ସୁନ୍ଦର କୋଣାର୍କ ଅଞ୍ଚଳ ରଖିବା ସହ ବେଳାଭୂମିକୁ ସଫା ରଖିବା ଆମର କାମ ବୋଲି ସାମୁହିକ ଶପଥ ପାଠ କରିଥିଲେ। ହାତରେ ଝାଡୁ ଧରୀ ସଫେଇ କରିବା ସହ ସମସ୍ତ ଛାତ୍ରଛାତ୍ରୀ ଓ ସ୍ୱଚ୍ଛ ସାଥି ମାନଙ୍କୁ ସପଥ ପାଠ କରାଇଥିଲେ। କୋଣାର୍କ ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଶୋତପଦ୍ମା ଧଳ ସମେତ ଅଧକ୍ଷ୍ୟା ସଞ୍ଜୁକ୍ତା ତ୍ରୀପାଠି, ଉପାଧ୍ୟକ୍ଷ ସୁରେଶ୍ ଚନ୍ଦ୍ର ରାଉତରାୟ ପ୍ରଥମେ ସବୁଜ ପତାକା ଦେଖାଇ ସାଇକେଲେ ଶୋଭାଯାତ୍ରା ଓ ଗଣଦୌଡ କୁ ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରା କଲ୍ୟାଣ ମଣ୍ଡପ ଠାରୁ ବାହାରି ଚନ୍ଦ୍ରଭାଗା ପର୍ଯ୍ୟନ୍ତ ଯାଇଥିବା ବେଳେ ସେଠାରେ ବେଳାଭୁମି ସଫେଇ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଦର୍ଶ ସମାଜସେବୀ ପ୍ରଧାନଶିକ୍ଷକ ରାମକୃଷ୍ଣ ମହାନ୍ତି, ଏନଏସି ସ୍ୱଚ୍ଛ ନୀରିକ୍ଷକ ଅଭିଷେକ ସ୍ୱାଇଁ, କର୍ମଚାରୀ ଭାଗିରଥି ବରାଳ, ଧର୍ମାନନ୍ଦ ପରିଡ଼ା, ପଞ୍ଚାନନ ଲେଙ୍କାଙ୍କ ସମେତ ସମସ୍ତ କର୍ମଚାରୀ, ସ୍ୱଚ୍ଛ ସାଥି ଓ ସଫେଇ କର୍ମଚାରୀ ମାନଙ୍କ ସହ କୋଣାର୍କ ଏନଏସିର ସମସ୍ତ ସ୍କୁଲ ଓ କଲେଜର ଶତାଧିକ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ଲୋକଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ମିଲେଟ ମିଶନର ଲକ୍ଷ୍ୟ

**ନୂଆପଡ଼ା, ୩୦।୯ (ସଂଚାର ବ୍ୟୁରୋ):** ଖାଦ୍ୟ ସୁରକ୍ଷା ଯୋଜନାରେ ଏବେ ଏକ ପ୍ରଚଳିତ ଶବ୍ଦ ହେଉଛି ମିଲେଟ ମିଶନ। ମିଲେଟ୍ ମିଶନର ଲକ୍ଷ୍ୟ ହେଉଛି ଲୋକଙ୍କୁ କ୍ଷୁଦ୍ର ଶସ୍ୟ ମାଧ୍ୟମରେ ପୁଷ୍ଟିକର ଖାଦ୍ୟ ଯୋଗାଇବା। ଏଥିପାଇଁ ଚାଷୀ ମାନଙ୍କୁ ମଧ୍ୟ ପ୍ରୋତ୍ସାହନ ପ୍ରଦାନ କରାଯାଉଛି। ବିଶେଷ କରି ମାଣ୍ଡିଆ ଚାଷ ପ୍ରତି ଲୋକଙ୍କ ଆଗ୍ରହ ବଢ଼ିବାକୁ ଲାଗିଛି।

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକରେ ଏବେ ଶତାଧିକ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରାଯାଇଛି। ଜିଲ୍ଲା କୃଷି ବିଭାଗ ତଥା ପିଡି ଆତ୍ମା ସହଯୋଗରେ ଚାଷୀମାନେ ଏହି ଚାଷ କରୁଥିବା ବେଳେ ସହଭାଗୀ ବିକାଶ ଅଭିଯାନ ଓ ଉଦନ୍ତି କୃଷକ ଉତ୍ପାଦନ କମ୍ପାନୀ ସିନାପାଲି କାର୍ଯ୍ୟକାରୀ ଅନୁଷ୍ଠାନ ଭାବରେ କାର୍ଯ୍ୟ କରୁଛି। ବ୍ଲକର ୧୧୦ ଟି ଗ୍ରାମରେ ମାଣ୍ଡିଆ ଚାଷ ହେଉଛି। ଚାଷୀମାନଙ୍କୁ ଉନ୍ନତ ମାନର କିସମ ଦସରା, ଅର୍ଜୁନ ବିହନ ଯୋଗାଣ



ସହ ପ୍ରଥମ ବର୍ଷ ପଚିଶ ହଜାର ଟଙ୍କା ପର୍ଯ୍ୟନ୍ତ ସହଯୋଗ କରାଯାଉଛି। ସାଇକେଲ ଡ୍ୱିଡର୍, ମାର୍କର, ସ୍ପ୍ରେୟର ମଧ୍ୟ ଚାଷୀଙ୍କୁ ଯୋଗାଇ ଦିଆ ଯାଉଛି। ଜୈବିକ ଖତର ବ୍ୟବହାର ପାଇଁ ତାଲିମ ଦିଆଯିବା ସହ ହାଣ୍ଡି ଖତ, ଜିବାମୃତ, ବିଯାମୃତ, ନିମାସ୍ତ୍ରା ଆଦି ଯୋଗାଇ ଦିଆ ଯାଉଛି। ମାଣ୍ଡିଆ ବିକ୍ରି ପାଇଁ ବ୍ଲକରେ ଚାରିଟି ମଣ୍ଡିର ବ୍ୟବସ୍ଥା କରାଯାଇଛି, ଯହିଁରେ ସହଜରେ ଓ ଠିକ୍ ଦାମରେ ଚାଷୀ ମାଣ୍ଡିଆ ବିକ୍ରି କରି ପାରୁଛି।

ଦିନେ କ୍ଷୁଦ୍ର ଶସ୍ୟ ମାଣ୍ଡିଆ, ଗୁରୁଜି, ଝାରି, କଦୋ ଆଦି ଲୋକଙ୍କ ଜୀବନ ଧାରଣର ମାଧ୍ୟମ ଥିଲା। କମ୍ ବର୍ଷା ଯୋଗୁଁ ଅନେକ ସମୟରେ ମରୁଡି ହେଉଥିବାରୁ ଧାନ ଚାଷ ପ୍ରଭାବିତ ହେଉଥିଲା ଓ ଏସବୁ ଶସ୍ୟ ଲୋକଙ୍କୁ ଆହାର ଯୋଗାଉଥିଲା। କିଛି ବର୍ଷ ପୂର୍ବେ ଚାଷୀ ମାନେ କମ୍ ଉତ୍ପାଦନ ଓ ଅଭାବୀ ବିକ୍ରି ପାଇଁ କ୍ଷୁଦ୍ର ଶସ୍ୟ ଚାଷ ପ୍ରତି ମୁହଁ ଫେରାଇ ନେଇଥିଲେ। ଏହାର ଉପାଦେୟତା ଓ ପୁଷ୍ଟିକୁ ଦୃଷ୍ଟିରେ ରଖି ୨୦୧୭ ମସିହାରେ ଓଡ଼ିଶା ସରକାର ମିଲେଟ ମିଶନ ଆରମ୍ଭ କରିଥିଲେ। ରାଜ୍ୟର ପ୍ରତ୍ୟେକ ଘରେ ମାଣ୍ଡିଆ ପହଞ୍ଚାଇବା ଓ ଏହାରି ମାଧ୍ୟମରେ ମହିଳାଙ୍କୁ ସଶକ୍ତ କରିବା ଏହାର ଲକ୍ଷ୍ୟ ଥିଲା। ଏବେ ଏହା ଏକ ବିପ୍ଳବରେ ପରିଣତ ହୋଇଛି। କମ୍ ବର୍ଷାରେ ଏହି ଚାଷ ହେଉଥିବାରୁ ଚାଷୀ ମାନେ ସରକାରୀ ପ୍ରୋତ୍ସାହନ ପାଇ ଚାଷ କରୁଛନ୍ତି।ସରକାର ପି ଡି ଏସ ରେ ମଧ୍ୟ ମାଣ୍ଡିଆ ପ୍ରଦାନ କରୁଛନ୍ତି। ବିଭିନ୍ନ ମେଳାରେ ଏସ ଏଚ ଜି ମହିଳା ମିଲେଟରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ବ୍ୟଞ୍ଜନ ପ୍ରସ୍ତୁତି କରି ବିକ୍ରି କରୁଛନ୍ତି ଯାହାକି ଲୋକଙ୍କ ବେଶୀ ପସନ୍ଦ ଆସୁଛି। ଅଙ୍ଗନୱାଡି କେନ୍ଦ୍ରରେ ମଧ୍ୟ ମାଣ୍ଡିଆ ଗୁଣ୍ଡ ଯୋଗାଇ ଦିଆ ଯାଉଛି। ଆଗାମୀ ଦିନରେ ମାଣ୍ଡିଆ ଚାଷକୁ ବ୍ୟାପକ କରାଯିବ ବୋଲି କୃଷି ବିଭାଗ କହିଛି।

### ପୁରୁଣା ସରକାର ଓ ନୂଆ ସରକାର ମଧ୍ୟରେ ପ୍ରଭେଦ ଶୂନ

## ବିନା ପିସିରେ ବିଲ୍ ମିଳୁନାହିଁ

**ବୈଶିଙ୍ଗା, ୩୦।୯ (ସଂଚାର ବ୍ୟୁରୋ):** ଓଡିଶାରେ ପଞ୍ଚାୟତରାଜ ବ୍ୟବସ୍ଥା ଲାଗୁ ହେବା ଦିନ ଠାରୁ ଦୁର୍ନୀତି ବା ପିସି ଯାହା ନ ଥିଲା ଏହି ୪/୫ ବର୍ଷ ମଧ୍ୟରେ ତାର ଅତ୍ୟଧିକ ପ୍ରଭାବ ଯୋଗୁଁ ଉନ୍ନୟନମୂଳକ କାର୍ଯ୍ୟ ଏକ ପ୍ରକାର କୋମାରେ ଥିବା ଅଭିଯୋଗ ହେଉଛି। ଏହାର କାରଣ ପିସିର ପରିମାଣ ବୃଦ୍ଧି, ମନରେଗା କାର୍ଯ୍ୟରେ ଅନିୟମିତତା, ମିଥ୍ୟା ବିଲ୍, ତା ସାଙ୍ଗକୁ କନିଷ୍ଠ ଯନ୍ତ୍ରୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ପଦବୀ ପୂରଣ ନ ହେବା ସରକାରଙ୍କ ସଫଳତାରେ ବାଧକ ସାଜିଥିଲା। ବର୍ତ୍ତମାନ ସୁଦ୍ଧା ପୂର୍ବ ସରକାରଙ୍କ ଯୋଜନା କାର୍ଯ୍ୟକାରୀ ନ ହେବା ଏବଂ ନୂଆ ସରକାରଙ୍କ ନୂତନ ଯୋଜନା ନିର୍ଦ୍ଧାରଣ ନ ହେବା ସାଧାରଣ ଲୋକଙ୍କ ପାଇଁ କାଳ ସାଜିଛି ।

ଏହାର ଉଦାହରଣ ପାଲଟିଛି ବେତନଟୀ ବ୍ଲକର ୨୪ ପଞ୍ଚାୟତ । ଏହି ୨୪ ଟି ପଞ୍ଚାୟତରେ ୨୪ ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦାୟିତ୍ୱ ତୁଲାଇବା ପରିବର୍ତ୍ତେ ପୂର୍ବରୁ ୮ ଜଣ ଦାୟିତ୍ୱ ତୁଲାଉଥିବା ବେଳେ ଏକ ମାସ ତଳେ ଆଉ ୧୨ ଜଣ ନିଯୁକ୍ତି ପାଇ ୨୦ ଜଣ ଦାୟିତ୍ୱ ନିର୍ବାହ କରୁଥିବା କାରଣରୁ ସବୁ ଉନ୍ନୟନମୂଳକ କାର୍ଯ୍ୟରେ ଲଗାମ ଲାଗି ଯାଉଛି। ଜଣେ ଜଣେ ନିର୍ବାହୀ ଅଧିକାରୀଙ୍କୁ ୨/୩ଟି ପଞ୍ଚାୟତର ଦାୟିତ୍ୱ ଦିଆଯାଇଥିବାରୁ କାର୍ଯ୍ୟ ତୁଲାଇବା କଷ୍ଟକର ହୋଇପଡୁଛି। କାର୍ଯ୍ୟ ତଦାରଖ କରିବା ପାଇଁ କନିଷ୍ଠ ଯନ୍ତ୍ରୀଙ୍କ ମଧ୍ୟ ଅଭାବ ଥିବାରୁ କାର୍ଯ୍ୟର ସମୟସୀମା ବଢି ବଢି ଯିବା ସହିତ କାର୍ଯ୍ୟର ମାନ ମଧ୍ୟ ଠିକ୍



ରହୁନଥିବା ଅଭିଯୋଗ ହେଉଛି। ନୂତନ ସରକାର ନୂତନ ଚାକିରୀ ସୃଷ୍ଟି କରି ପଦବୀ ପୂରଣ କରି ପାରିଲେ ସରକାରଙ୍କ ଜନହିତକର କାର୍ଯ୍ୟ ସମ୍ପାଦନ ହୋଇ ପାରିବ। ଏଭଳି ଅନିୟମିୟତା ଲାଗି ରହିଲେ ପଞ୍ଚାୟତରେ କୌଣସି କାର୍ଯ୍ୟ ଠିକ ଭାବରେ ହୋଇ ପାରିବ ନାହିଁ।

ଭରତପୁର ଥାନା ମାମଲାର ବିଚାରବିଭାଗ ତଦନ୍ତ ଆରମ୍ଭ

# ୫ ନିଲମ୍ବିତ ଅଧିକାରୀଙ୍କ ହେଲା ପଲିଗ୍ରାଫ୍ ଟେଷ୍ଟ



**ଭୁବନେଶ୍ୱର, ୩୦।୯ (ସଂଚାର ବ୍ୟୁରୋ):** ଭରତପୁର ଥାନାରେ ମେଜର ଓ ତାଙ୍କ ବାନ୍ଧବୀଙ୍କୁ ଦିଆଯାଇଥିବା ନିର୍ଯାତନା ମାମଲାର ବିଚାର ବିଭାଗ ତଦନ୍ତ ଆରମ୍ଭ ହୋଇଛି। ତଦନ୍ତ କମିଶନ ଅଧ୍ୟକ୍ଷ ଜଷ୍ଟିସ୍ ଚିତ୍ତରଞ୍ଜନ ଦାସ ପ୍ରଥମ ବୈଠକ କରିଛନ୍ତି। ଏଥିରେ ପୁଲିସ ଡିଜି ଓ ଗୃହ ସଚିବ ପ୍ରମୁଖ ଉପସ୍ଥିତ ଥିଲେ।

ବୈଠକ ପରେ କମିଶନଙ୍କ ସଚିବ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଘଟଣା ଉପରେ ସତ୍ୟପାଠ ନେଇ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇବ। ୨୧ ଦିନ ପର୍ଯ୍ୟନ୍ତ ସତ୍ୟପାଠ ଗ୍ରହଣ କରାଯିବ। ଘଟଣା ସଂପର୍କରେ ଯିଏ ଜାଣିଥିବେ ବା କୌଣସି ତଥ୍ୟ ଦେବାକୁ ଚାହୁଁଥିବେ, ସେମାନେ ସତ୍ୟପାଠ ଦେବେ। ସତ୍ୟପାଠ ଯାଞ୍ଚ ପରେ ସାକ୍ଷ୍ୟ ଗ୍ରହଣ ହେବ। ନିଲମ୍ବିତ ପୁଲିସ ଅଧିକାରୀଙ୍କୁ ବି ପଚରାଉଚରା କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ସାକ୍ଷ୍ୟଗ୍ରହଣ ଓ ତଦନ୍ତ ପରେ ସରକାରଙ୍କୁ ରିପୋର୍ଟ ଦିଆଯିବ ବୋଲି କମିଶନଙ୍କ ସଚିବ କହିଛନ୍ତି।ଅନ୍ୟପକ୍ଷରେ ଏହି ମାମଲାରେ ନିଲମ୍ବିତ ପୂର୍ବତନ ଆଇଆଇସି ଦୀନକୃଷ୍ଣ ମିଶ୍ର, ଏସ୍ଆଇ ବୈଶାଳିନୀ ପଣ୍ଡା, ଏଏସ୍ଆଇ ସାଗରିକା ରଥ, ସଲିଲାମୟୀ ସାହୁଙ୍କୁ ଓ କନେଷ୍ଟବଲ ବଳରାମ ହାଂସଦାଙ୍କର ସୋମବାର ଗୁଜରାଟରେ ପଲିଗ୍ରାଫ ଟେଷ୍ଟ କରାଯାଇଛି। ଗାନ୍ଧିନଗରସ୍ଥିତ ଫୋରେନ୍ସିକ୍ ଲାବରେଟୋରିରେ ସେମାନଙ୍କର ମିଛଧରା ପରୀକ୍ଷା କରାଯାଇଛି। ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କୁ ନାର୍କୋ ଟେଷ୍ଟ, ବ୍ରେନ୍ ମ୍ୟାପିଂ ଓ ଲାଏ ଡିଟେକ୍ସନ ପରୀକ୍ଷାର ସମ୍ମୁଖୀନ ହେବାକୁ ଥିବା ବେଳେ ଅନ୍ୟ ୪ଜଣଙ୍କର କେବଳ ମିଛଧରା ପରୀକ୍ଷା କରାଯିବ। ମେଜର ଓ ତାଙ୍କ ବାନ୍ଧବୀଙ୍କୁ ଏମାନେ ନିର୍ଯାତନା ଦେଇଥିଲେ କି ନାହିଁ ତାହା ଜାଣିବା ପାଇଁ ପଲିଗ୍ରାଫ କ୍ରାଇମବ୍ରାଞ୍ଚ ପକ୍ଷରୁ ଗୁଜରାଟ ନିଆଯାଇଛି। ଏତଦ୍‌ଭିନ୍ନ ଗିରଫ ଭୟରେ ଏହି ୫ ପୋଲିସ କର୍ମଚାରୀ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି।

**ଆଗୁଆ ଜାମିନ ଆବେଦନ କଲେ ଅଭିଯୁକ୍ତ**

## ପାର୍ବଣ ପୂର୍ବରୁ ନକଲି ନୋଟ

**କଟକ, ୩୦।୯ (ସଂଚାର ବ୍ୟୁରୋ):** ପାର୍ବଣ ପୂର୍ବରୁ କଟକ ସହରରେ ନକଲି ନୋଟର ଛନକା। ବିଡାନାସୀ ଜଣେ ଆଳୁଦମ ଦହିବରା ବ୍ୟବସାୟୀଙ୍କୁ ଖାଇବାପରେ ଜଣେ ବ୍ୟକ୍ତି ୫ଖଣ୍ଡ ଶହେ ଟଙ୍କିଆ ନୋଟ ଦେଇ ଭୁଡାଇ ଚାଲି ଯାଇଛନ୍ତି। ତେବେ ନୋଟଗୁଡ଼ିକୁ ଦେଖିଲେ ଆଦୌ ଜାଣି ହେବନାହିଁ ଏହା ନକଲି ବୋଲି। ଠକାମିର ଶିକାର ହୋଇଥିବା ଉକ୍ତ ବ୍ୟକ୍ତି



ଜଣକ ଆଗାମୀ ଦିନର ବ୍ୟବସାୟ ପାଇଁ ସଉଦା ନେବାକୁ ଆସିବା ବେଳେ ଜାଣି ପାରିଲେ ଯେ ଏହି ନୋଟ ନକଲି। ପାର୍ବଣ ପୂର୍ବରୁ ସହରରେ ଏଭଳି ଘଟଣା ବର୍ତ୍ତମାନ ଚର୍ଚ୍ଚାରେ ରହିବା ସହ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ପୋଲିସ ପ୍ରଶାସନ ଯାଏଁ ଏକ ଚ୍ୟାଲେଞ୍ଜ ହୋଇଛି।

## ଅଙ୍ଗନୱାଡିରେ ଛତୁଆ ବଦଳରେ ମାଣ୍ଡିଆ



**ଭୁବନେଶ୍ୱର, ୩୦।୯ (ସଂଚାର ବ୍ୟୁରୋ):** ଅଙ୍ଗନୱାଡିରେ ପିଲାଙ୍କୁ ଦିଆଯାଉଥିବା ଛତୁଆକୁ ନେଇ ଚିନ୍ତାରେ ଉପମୁଖ୍ୟମନ୍ତ୍ରୀ। ଖରାପ ମାନର ଛତୁଆକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ଆଗକୁ ଅଙ୍ଗନୱାଡିମାନଙ୍କରେ ଛତୁଆ ବଳଦରେ ମାଣ୍ଡିଆ ଦେବା ପାଇଁ ଚିନ୍ତା କରାଯାଉଛି। ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଖରାପ ଛତୁଆ ବିଭାଗ ପାଇଁ ସାଜିଛି ମୁଣ୍ଡବ୍ୟଥାର କାରଣ । ଏଥଇପାଇଁ ବିଭାଗ ନିନ୍ଦା ସହୁଛି। ତେଣୁ ଆଗକୁ ଛତୁଆ ବଦଳରେ ମାଣ୍ଡିଆ ଦେବା ପାଇଁ ଚିନ୍ତା କରୁଛି ବିଭାଗ। ସେହିପରି, ସବୁଆଡେ ଛତୁଆ ନୁହଁ, ଆଞ୍ଚଳିକ ଆବଶ୍ୟକତା ଅନୁଯାୟୀ, ପିଲାଙ୍କୁ ଖାଦ୍ୟ ଦିଆଯିବ। ଖାସ କରି ପୃଷ୍ଟିକର ଛତୁଆ କିପରି ପ୍ରସ୍ତୁତ ହେବ, ସେନେଇ ବିଭାଗ ଆଲୋଚନା କରୁଛି । ଖୁବଶୀଘ୍ର ଏଦିଗରେ ପଦକ୍ଷେପ ନିଆଯିବା ନେଇ ମଧ୍ୟ ଆଲୋଚନା ଚାଲିଛି। ଅପପୃଷ୍ଟି ମୁକ୍ତ ଓଡ଼ିଶା ଗଠନ କରିବାକୁ ବିଭାଗ ପ୍ରତିଶୃତିବଦ୍ଧ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ।

## ଦଲାଲଙ୍କୁ ସାବଧାନ !

# ପ୍ଲେଟଲେଟ୍ ଦେଇ ଟଙ୍କା ଆଦାୟ କରୁଛନ୍ତି



**କଟକ, ୩୦।୯ (ସଂଚାର ବ୍ୟୁରୋ):** କଟକରେ ରୋଗୀଙ୍କ ଜୀବନ ସହ ଖେଳ। ବ୍ଲଡ୍ ପ୍ଲେଟଲେଟ୍ ଦେବା ନାଁରେ ଠକେଇ ଅଭିଯୋଗ। ଭୁଲ ପ୍ଲେଟଲେଟ୍ ଦେଇ ଟଙ୍କା ଠକେଇ ଅଭିଯୋଗରେ ଜଣେ ଦଲାଲଙ୍କୁ ବାନ୍ଧିଛି କଟକ ସଦର ଥାନା ପୁଲିସ। ଗିରଫ ଦଲାଲଙ୍କ ଠାରୁ ୬ ପ୍ୟାକେଟ ବ୍ଲଡ ପ୍ଲେଟଲେଟ ଜବତ କରିଛି ପୁଲିସ।

କଟକ ମହାନଦୀ ବିହାରରେ ଥିବା ଏକ ଘରୋଇ ହସ୍ପିଟାଲରେ ଜଣେ ରୋଗୀଙ୍କ AB ନେଗେଟିଭ ପ୍ଲେଟଲେଟ ଆବଶ୍ୟକ ଥିଲା। ସେଥିପାଇଁ ତାଙ୍କ ସମ୍ପର୍କୀୟମାନେ ବିଡ଼ାନାସୀ ଅଞ୍ଚଳରେ ଭଡ଼ାରେ ରହୁଥିବା ବାପି ଓରଫ ଅଜୟ କୁମାର ନାୟକଙ୍କୁ ବ୍ଲଡ ପ୍ଲେଟଲେଟ ପାଇଁ କହିଥିଲେ। ୬ଟି ପ୍ଲେଟଲେଟକୁ ୬୦୦୦ ଟଙ୍କା ନେବେ ବୋଲି କହିଥିଲେ ଅଜୟ। ରୋଗୀଙ୍କର ଏବି ନେଗେଟିଭ ବ୍ଲଡ ପ୍ଲେଟଲେଟ ଆବଶ୍ୟକ ଥିବାବେଳେ ତାଙ୍କୁ ଏବି ପଜିଟିଭ ପ୍ଲେଟଲେଟ ଦେଇଥିଲେ ଅଜୟ। ଏହାକୁ ବ୍ୟବହାର କରି ହେବ ନାହିଁ ବୋଲି ଡାକ୍ତର କହିଥିଲେ। ଏହା ପରେ ସଂପୃକ୍ତ ରୋଗୀଙ୍କ ତରଫରୁ ଉକ୍ତ ପ୍ଲେଟଲେଟକୁ ଅଜୟଙ୍କୁ ଫେରାଇ ଦିଆଯାଇଥିଲା ଓ ନେଗେଟିଭ ପ୍ଲେଟଲେଟ ଦେବା ପାଇଁ କୁହାଯାଇଥିଲା।

ଅଜୟଙ୍କ ପାଖରେ ନେଗେଟିଭ ବ୍ଲଡ୍ ପ୍ଲେଟଲେଟ ନଥିବାରୁ ସେହି ବ୍ଲଡ ପ୍ଲେଟଲେଟ ପ୍ୟାକେଟ୍ ଉପରେ ନେଗେଟିଭ ବୋଲି ଲେଖି ଦେଇଥିଲେ ଓ ସେଗୁଡ଼ିକୁ ସଂପୃକ୍ତ ରୋଗୀଙ୍କୁ ଦେଇଥିଲେ। କିନ୍ତୁ ଅଜୟଙ୍କ କାରସାଦି ଧରିଥିଲେ ଡାକ୍ତର। ସେ ରୋଗୀଙ୍କ ସମ୍ପର୍କୀୟଙ୍କୁ ଏ କଥା କହିଥିଲେ। ଏନେଇ ରୋଗୀଙ୍କ ସମ୍ପର୍କୀୟ ସଦର ଥାନାରେ ଏତଲା ଦେବାପରେ ପୁଲିସ ଅଭିଯୁକ୍ତ ଅଜୟଙ୍କୁ ଗିରଫ କରିଛି। ତେବେ ଅଜୟ ଏତେ ସଂଖ୍ୟକ ବ୍ଲଡ ପ୍ଲେଟଲେଟ କେଉଁଠୁ ଆଣିଲେ, ସେ ଦିଗରେ ତଦନ୍ତ କରାଯାଉଥିବା କହିଛନ୍ତି ଅତିରିକ୍ତ ଡିସିପି ଅନୀଲ ମିଶ୍ର।

# ଦ୍ୱିତୀୟ ପର୍ଯ୍ୟାୟ ସଦସ୍ୟତା ଅଭିଯାନ ପାଇଁ ରୂପରେଖ ଚୂଡ଼ାନ୍ତ



**ଭୁବନେଶ୍ୱର, ୩୦।୯(ସଂଚାର ବ୍ୟୁରୋ):** ସମ୍ପୂର୍ଣ୍ଣ ରାଷ୍ଟ୍ରବାଦ, ଜାତୀୟତାବାଦରେ ବିଶ୍ୱାସ କରୁଥିବା ଭାରତୀୟ ଜନତା ପାର୍ଟି ହେଉଛି ବିଶ୍ୱର ସବୁଠୁ ବଡ଼ ରାଜନୈତିକ ଦଳ । ସମସ୍ତଙ୍କୁ ସାଙ୍ଗରେ ନେଇ ଏକ ବିଚାରଧାରାରେ ବିଶ୍ୱାସ ରଖି ଛିଡ଼ା ହୋଇଥିବା ଏହି ଦଳ ବହୁ ସଂଘର୍ଷ, ତପସ୍ୟା ପରେ ୧୮ କୋଟିରୁ ଉର୍ଦ୍ଧ୍ୱ ସଦସ୍ୟ ସହିତ ଆଜି ବିଶ୍ୱର ଏକ ନମ୍ବର ରାଜନୈତିକ ଦଳ ହୋଇପାରିଛି । ଗଣତାନ୍ତ୍ରିକ ପ୍ରକ୍ରିୟାରେ ପ୍ରତି ୬ ବର୍ଷରେ ସଦସ୍ୟ ସଂଗ୍ରହ କରାଯାଏ । ପ୍ରଥମେ ପ୍ରାଥମିକ ସଦସ୍ୟ ହେବା ପରେ କାର୍ଯ୍ୟକର୍ତ୍ତାମାନେ ସକ୍ରିୟ ସଦସ୍ୟ ହୁଅନ୍ତି । ଏହାପରେ ମଣ୍ଡଳ, ଜିଲ୍ଲା, ରାଜ୍ୟ ଏବଂ ରାଷ୍ଟ୍ରୀୟସ୍ତରୀୟ କମିଟି ନିର୍ବାଚନ ହୁଏ । ଚଳିତ ଥର ସଦସ୍ୟତା ଅଭିଯାନ - ୨୦୨୪ ଗତ ସେପ୍ଟେମ୍ବର ୨ ତାରିଖରୁ ଦେଶବ୍ୟାପୀ ଆରମ୍ଭ ହେବା ପରେ ପ୍ରଥମେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଦସ୍ୟ ହୋଇଥିଲେ । ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ଜରିଆରେ ସଦସ୍ୟ ସଂଗ୍ରହ କରାଯାଉଛି । ସଦସ୍ୟତା ଅଭିଯାନକୁ ୨ଟି ପର୍ଯ୍ୟାୟରେ କରାଯାଉଛି । ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟକର୍ତ୍ତାମାନେ ନିଜ ନିଜ ବୁଥ୍‌ରେ ସଦସ୍ୟତା ଅଭିଯାନରେ ସାମିଲ ହୋଇଥିଲେ । ଏହି ଅଭିଯାନକୁ ସର୍ବସ୍ପର୍ଶୀ ଓ ସର୍ବସମାବେଶୀ କରିବା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଅଭିଯାନକୁ ଆହୁରି ଗତିଶୀଳ କରାଯିବ । ସମାଜର ସବୁଠାରୁ ତଳ ପାହାଚରେ ଥିବା ଲୋକଙ୍କ ସେବା କରିବା ଏବଂ ସେମାନଙ୍କୁ ଦଳର ବିଚାରଧାରା ସହ ଯୋଡ଼ିବା ସହିତ ସମାଜର ସବୁ ବର୍ଗ ଓ ସବୁସ୍ତରର ଲୋକଙ୍କୁ ସାଙ୍ଗରେ ନେଇ ଦଳକୁ ଆହୁରି ଶକ୍ତିଶାଳୀ କରାଯିବ । ଏହି ପରିପ୍ରେକ୍ଷୀରେ ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟର ସମୀକ୍ଷା ହେବା ସହିତ ଆସନ୍ତା ଅକ୍ଟୋବର ୧ ରୁ ୧୫ ପର୍ଯ୍ୟନ୍ତ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ସଦସ୍ୟତା ଅଭିଯାନ ପାଇଁ ରୂପରେଖ ପ୍ରସ୍ତୁତ କରାଯାଇଛି ।

ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ପ୍ରଭାରୀ ଶ୍ରୀ ବିଜୟ ପାଲ ସିଂହ ତୋମାର, ସହପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି, ମନ୍ତ୍ରୀ ରବି ନାରାୟଣ ନାଏକ, ଡ.ମୁକେଶ ମହାଲିଙ୍ଗ, ପୂର୍ବତନ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ଶ୍ରୀ ମାନସ କୁମାର ମହାନ୍ତି, ରାଜ୍ୟ ସଦସ୍ୟତା ପ୍ରଭାରୀ ଶ୍ରୀ ଅଶୋକ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ସଦସ୍ୟତା ଅଭିଯାନ ଦାୟୀତ୍ୱରେ ଥିବା ସମସ୍ତ ପଦାଧିକାରୀ, ସାଂସଦ, ବିଧାୟକ, ବିଭିନ୍ନ ମୋର୍ଚ୍ଚା ଓ ପ୍ରକୋଷ୍ଠର ପଦାଧିକାରୀମାନେ ଆଜିର ବୈଠକରେ ଉପସ୍ଥିତ ଥିଲେ । ବୁଥ୍ ଠାରୁ ଆରମ୍ଭ କରି ରାଜ୍ୟ ପର୍ଯ୍ୟନ୍ତ ସମସ୍ତ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତ୍ତାମାନେ ବିଭିନ୍ନ ସାମାଜିକ ସଂଗଠନ, କ୍ଲବ, ମହାବିଦ୍ୟାଳୟ, ରେଳ ଓ ବସ ଷ୍ଟାଣ୍ଡ, ପୂଜା ମଣ୍ଡପ, ପ୍ରମୁଖ ଛକମାନଙ୍କରେ କ୍ୟାମ୍ପ କରି ଲୋକମାନଙ୍କୁ ବିଜେପିର ସଦସ୍ୟତା କରିବେ ।

ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଶ୍ୱାସ ରଖୁଥିବା ଏହି ଦଳର ଆତ୍ମା ହେଉଛନ୍ତି 'ସଦସ୍ୟ' । ସରକାର ଓ ସଙ୍ଗଠନ ମଧ୍ୟରେ ସମନ୍ୱୟ ରଖି ଲୋକଙ୍କ ସେବା କରିବା ହେଉଛି ବିଜେପିର ଲକ୍ଷ୍ୟ। ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନ ସକାଶେ ବିଜେପି ସହିତ ଯୋଡି ହେବା ପାଇଁ ସାଧାରଣ ଜନତାଙ୍କୁ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଆହ୍ୱାନ ଦେଇଛନ୍ତି ।

## ଦୀପାଳିଙ୍କୁ ଆଗୁଆ ଜାମିନ



**ଭୁବନେଶ୍ୱର, ୩୦।୯ (ସଂଚାର ବ୍ୟୁରୋ):** ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କୁ ତେଲକୋଳେଇ ଥାନା ମାମଲାରେ ହାଇକୋର୍ଟରୁ ଆଗୁଆ ଜାମିନ ମିଳିଛି।। ଗତ ୨୧ତାରିଖରେ ଝାରସୁଗୁଡ଼ାର ତେଲକୋଳେଇ ଥାନା ଅଞ୍ଚଳରେ ଥିବା କୋଲ ଇଣ୍ଡିଆ ଅଫିସ ସାମ୍ନାରେ ପ୍ରତିବାଦ ଧାରଣା ଘଟଣାରେ ଦାୟର ମାମଲାରେ ଦୀପାଳିଙ୍କୁ ମିଳିଛି ସର୍ତ୍ତମୂଳକ ଜାମିନ। ସ୍ଥାନୀୟ ବିସ୍ଥାପିତଙ୍କ ସମସ୍ୟା ପୂରଣ ଦାବିରେ ଦୀପାଳି ଓ ତାଙ୍କ ସମର୍ଥକ କୋଲ ଇଣ୍ଡିଆ କାର୍ଯ୍ୟାଳୟ ସାମ୍ନାରେ ପ୍ରତିବାଦ କରୁଥିଲେ। ସେହି ସମୟରେ ପୁଲିସ ସହ ବିକ୍ଷୋଭକାରୀଙ୍କ ମୁହାଁମୁହିଁ ହୋଇଥିଲା। ସରକାରୀ କର୍ମଚାରୀଙ୍କୁ କାର୍ଯ୍ୟରେ ବାଧା ଓ ଧମକ ଚମକ ଦେବା ଅଭିଯୋଗରେ ପୁଲିସ ପକ୍ଷରୁ ଦୀପାଳି ଏବଂ ଅନ୍ୟମାନଙ୍କ ବିରୋଧରେ ମାମଲା ଦାୟର ହୋଇଥିଲା। ତେବେ ସମାନ ଅପରାଧରେ ସାମିଲ ନହେବାକୁ ସର୍ତ୍ତ ରଖିବା ସହ ୩ ସପ୍ତାହ ମଧ୍ୟରେ ନିମ୍ନ ଅଦାଲତରେ ହାଜର ହୋଇ ଦୀପାଳି ଜାମିନରେ ଯାଇ ପାରିବେ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ୫ ସୁଦ୍ଧା ଦ୍ୱୈତନଗରୀ ରାସ୍ତା ଶେଷ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୩୦।୯ (ସଂଚାର ବ୍ୟୁରୋ):** ଅକ୍ଟୋବର ୫ ତାରିଖ ସୁଦ୍ଧା କଟକ ଓ ଭୁବନେଶ୍ୱର ସହରର ସମସ୍ତ ରାସ୍ତା ନିର୍ମାଣ ଓ ମରାମତି କାର୍ଯ୍ୟ ଶେଷ କରିବା ନେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ବିଭାଗୀୟ ପ୍ରମୁଖ ଶାସନ ସଚିବ, ପ୍ରମୁଖ ଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ, ମୁଖ୍ୟ ନିର୍ମାଣ ଯନ୍ତ୍ରୀମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି ।

ଦୁର୍ଗାପୂଜା ଅଳ୍ପଦିନ ଥିବାରୁ ଖୁବ୍ ଶୀଘ୍ର ରାସ୍ତା ନିର୍ମାଣ ଓ ମରାମତି କାର୍ଯ୍ୟ ଶେଷ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଆଗାମୀ ଦିନରେ ପ୍ରତ୍ୟେକ ନିର୍ମାଣ କାର୍ଯ୍ୟର ଗୁଣବତ୍ତାକୁ ବିଭାଗ ପକ୍ଷରୁ ତଦାରଖ କମିଟି ଯାଞ୍ଚ କରିବେ । ନିମ୍ନ ମାନର କାର୍ଯ୍ୟ ପାଇଁ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ବୈଠକରେ କହିଥିଲେ।

ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ ପ୍ରମୁଖ ଯନ୍ତ୍ରୀ ଏବଂ ମୁଖ୍ୟ ନିର୍ମାଣ ଯନ୍ତ୍ରୀମାନଙ୍କୁ କ୍ଷେତ୍ରକୁ ଯାଇ ନିର୍ମାଣ କାର୍ଯ୍ୟକୁ ତଦାରଖ କରିବା ପାଇଁ ପରାମର୍ଶ ଦେଇଥିଲେ । ରାସ୍ତା ନିର୍ମାଣରେ ବ୍ୟବହୃତ ପେଭର ମେସିନ୍‌ର ଅଭାବ ପୂରଣ କରିବା ପାଇଁ ଏଜେନ୍ସି ସହିତ ଯୋଗାଯୋଗ କରି ଆଜି ରାତି ସୁଦ୍ଧା ମରାମତି କାର୍ଯ୍ୟ ତ୍ୱରାନ୍ୱିତ୍ୱ କରିବାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ନିର୍ମାଣ କାର୍ଯ୍ୟରେ କୌଣସି ପ୍ରକାର ଜନଅସନ୍ତୋଷକୁ ବରଦାସ୍ତ କରାଯିବ ନାହିଁ। ତେଣୁ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ସଜାଗ ହୋଇ ତ୍ୱରିତ ବେଗରେ କାର୍ଯ୍ୟ ଆଗେଇ ନେବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

ସ୍ଥାନୀୟ ନିର୍ମାଣ ସୌଧ ଠାରେ ଅନୁଷ୍ଠିତ ଏହି ବୈଠକରେ ଇଆଇସି (ସିଭିଲ୍)ପୂର୍ଣ୍ଣଚନ୍ଦ୍ର ମହାପାତ୍ର,



ମୁଖ୍ୟଯନ୍ତ୍ରୀ ବଶିଷ୍ଠ ପଟ୍ଟନାୟକ ଏବଂ ଧ୍ୟାନଚାନ୍ଦ ନାୟକଙ୍କ ସମେତ କଟକ ଓ ଭୁବନେଶ୍ୱର ଅଞ୍ଚଳର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଏବଂ ଅଧୀକ୍ଷଣ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ ।

ମନ୍ଦିରରେ ଘିଅର ମାନକୁ ନେଇ ସନ୍ଦେହ

# ତୁଳସୀକ୍ଷେତ୍ର ପ୍ରଶାସନ ନିରବ କାହିଁକି ?

**କେନ୍ଦ୍ରାପଡ଼ା,୩୦।୯(ସଂଚାର ବ୍ୟୁରୋ):** କିଛିଦିନ ହେବ ଘିଅକୁ ନେଇ ଭକ୍ତ ମାନଙ୍କ ମଧ୍ୟରେ ଅନେକ ସନ୍ଦେହ ସୃଷ୍ଟି ହୋଇଛି । ଏହାର ମୁଖ୍ୟତଃ କାରଣ ହେଉଛି ଗାଈ ବା ମଇଁଷି କ୍ଷୀର ଦ୍ୱାରା ପ୍ରସ୍ତୁତ ହେଉଥିବା ଘିଅର ମୂଲ୍ୟ ବଜାରରେ ୧୨୦୦ ଟଙ୍କାରୁ ଉର୍ଦ୍ଧ୍ୱ ରେ ବିକ୍ରି ହେଉଥିବା ବେଳେ ଅନେକ କମ୍ପାନୀ ଦ୍ୱାରା ପ୍ରସ୍ତୁତ ହେଉଥିବା ଘିଅର ମୂଲ୍ୟ ୬୫୦ ଟଙ୍କାରେ ମିଳିଯାଉଛି ଯାହା ଏହି ଘିଅ ସନ୍ଦେହକୁ ଆସିଛି। ଅନେକ ବର୍ଷ ଧରି କମ୍ପାନୀ ଦ୍ୱାରା ପ୍ରସ୍ତୁତ ଘିଅ ଏବେ ରାଜ୍ୟର ବିଭିନ୍ନ ମନ୍ଦିର ମଧ୍ୟରେ କରାଯାଉଥିବା ରନ୍ଧାଭୋଗରେ ଘିଅ ବ୍ୟବହାର କରାଯାଇଛି । ତିରୁପତି ଘଟଣାରେ ବ୍ୟବହୃତ ଘିଅ ସନ୍ଦେହ ଘେରକୁ ଆସିଥିବା ବେଳେ ତାକୁ ନେଇ ପୁରୀ ଶ୍ରୀମନ୍ଦିର ପ୍ରଶାସନ ମାନ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରି ଶ୍ରୀମନ୍ଦିର ମଧ୍ୟରେ ନୂତନ ଫୁଡ୍ ଅଫିସର ନିଯୁକ୍ତି ଦିଆଯିବ ବୋଲି ସୂଚନା ଦେଇ ଥିବା ବେଳେ ଏପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ଜିଲ୍ଲାର ତୁଳସୀକ୍ଷେତ୍ର ପ୍ରଭୁ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିର ପ୍ରଶାସନ ଘଟଣାକୁ ଗୁରୁତ୍ୱ ଦେଉନି। ଦୀର୍ଘ ଦିନ ଧରି ମନ୍ଦିରକୁ ଏକ ସଂସ୍ଥା ଘିଅ ଯୋଗାଇ ଆସୁଛି ଏହି ଘିଅରେ ନିତିଦିନ ମହାପ୍ରସାଦ, ଦୀପ, ରସାବଳି ସହ ଅନ୍ୟାନ୍ୟ ଭୋଗ ପ୍ରସ୍ତୁତ ପରେ ଏହା ମନ୍ଦିରରେ ଲାଗି ହେଉଛି । କେବଳ ସେତିକି ନୁହେଁ, ମନ୍ଦିରରେ ନିୟମିତ ଆସୁଥିବା ଭକ୍ତମାନେ ଯେଉଁ ଦୀପ ବାହାର ବଜାର ମଧ୍ୟରୁ କିଣୁଛନ୍ତି ସେହି ଦୀପରେ ବ୍ୟବହାର ଘିଅ ମଧ୍ୟ ନିମ୍ନ ମାନର ପରିଲିଖିତ ହେଉଛି। ଯାହାର ମାନ ଯାଞ୍ଚ କରିବା ଦାୟିତ୍ୱରେ ଥିବା ଅଧିକାରୀ ଜିଲ୍ଲାରେ ଏପର୍ଯ୍ୟନ୍ତ କୌଣସି ସ୍ଥାନରେ ଯାଞ୍ଚ କରିବା ଦେଖାଯାଉ ନାହିଁ । ଯେଉଁଥି ପାଇଁ ବ୍ୟବସାୟୀ ଠୁ ଆରମ୍ଭ କରି ମଠ ମନ୍ଦିରରେ ନକଲି ଘିଅ ବା ଅନ୍ୟ ପଦାର୍ଥରେ ତିଆରି ହୋଇ ପ୍ରସ୍ତୁତ ଘିଅ ବଜାରରେ ଅତି କମ୍ ଦାମ୍ ରେ ମିଳିଯାଉଛି। ହେଲେ କିଛିଦିନ ତଳେ ତିରୁପତି ମନ୍ଦିର ମଧ୍ୟରେ ବ୍ୟବହୃତ ଘିଅ ଏବଂ ପ୍ରସାଦ ମଧ୍ୟରେ ମାଛ ତେଲ ବ୍ୟବହାର କରାଯାଉଥିବା ଅଭିଯୋଗ ଆସିବା ପରେ ହିନ୍ଦୁ ଧର୍ମର ଦେବା ଦେବୀଙ୍କୁ ବିଶ୍ୱାସ ରଖିଥିବା ଭକ୍ତ ମାନଙ୍କ ମନରେ ଏକ ଆଘାତ ଦେଇଥିଲା । ପ୍ରସିଦ୍ଧ ମନ୍ଦିର ମଧ୍ୟରେ ବ୍ୟବହୃତ ଘିଅକୁ ନେଇ ସନ୍ଦେହ ଘେରକୁ ଆସିବା ପରେ କେନ୍ଦ୍ରାପଡ଼ାର ପ୍ରସିଦ୍ଧ ପ୍ରଭୁ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିରରେ ବର୍ଷ ବର୍ଷ ଧରି ବ୍ୟବହାର କରାଯାଉଥିବା ଘିଅ ଏବଂ ପ୍ରସାଦ ମାନ ମଧ୍ୟ ଯାଞ୍ଚ ପାଇଁ ଅନେକ ଭକ୍ତଙ୍କ ସମେତ ସେବାୟତ ମଧ୍ୟ ଦାବିକରିଛନ୍ତି । ଏପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ପ୍ରଶାସନର ଏହି ଘଟଣାରେ ନିରବତା ସନ୍ଦେହ ଘେରକୁ ଆସିଛି। କାରଣ ପୂର୍ବରୁ କୌଣସି କମ୍ପାନୀ ଘିଅ ବଳଦେବଜୀଉଙ୍କ ନିକଟରେ ବ୍ୟବହାର କରାଯାଉନଥିଲା ହେଲେ ଏବେ ଯେଉଁ ଘିଅ ବେବହାର କରାଯାଉଛି ତାହା ଓମ୍‌ଫେଡ୍ ଘିଅ ବୋଲି ମନ୍ଦିର ସେବାୟତ ଜ୍ୟୋତି ରଞ୍ଜନ ପତି କହିଛନ୍ତି । କେବଳ ଯେ ତୁଳସୀ କ୍ଷେତ୍ରରେ ବ୍ୟବହାର ହେଉଛି ତାହା ନୁହେଁ ବରଂ ଓଡିଶାରେ ଥିବା ଅନ୍ୟ ମଠ ମନ୍ଦିରଠାରୁ ଆରମ୍ଭକରି ଘରେ ଘରେ ଲୋକେ ଯେଉଁ ବାହାର କମ୍ପାନୀ ଘିଅ ଦୀପ ଜାଳୁଛନ୍ତି ତାହାର ଗୁଣବତ୍ତା ଘେନି ପ୍ରଶ୍ନ ଉଠୁଛି । ଏହାର ମୂଲ୍ୟ କମ୍ ହେତୁ ଏଗୁଡିକ ଖାଦ୍ୟ ଉପଯୋଗୀ ନୁହେଁ । ତେବେ କେନ୍ଦ୍ରାପଡ଼ା ତୁଳସୀ କ୍ଷେତ୍ରରେ ନିୟମିତଭାବେ ଲାଗିହେଉଥିବା ଘିଅ ତାହା ପ୍ରସାଦ ପାଇଁ ଉପଯୋଗୀ କି ନୁହେଁ ଏନେଇ ଭକ୍ତ ଓ ସେବାୟତଙ୍କ ମନରେ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି। କେନ୍ଦ୍ରାପଡ଼ା ଶ୍ରୀ ବଳଦେବଜିୟୁ ମନ୍ଦିର ପ୍ରଶାସନ ନୀରବ ରହିବା ଏବଂ ଜିଲ୍ଲାର ଖାଦ୍ୟ ନିରପଦା ଅଧିକାରୀ ଏହାର ମାନ ଯାଞ୍ଚ ନକରିବା ଭକ୍ତ ଓ ସେବାୟତଙ୍କ ମନରେ ଅନେକ ପ୍ରଶ୍ନ ଉଠିଥିବା ବେଳେ ତୁରନ୍ତ ଏହାର ପଦକ୍ଷେପ ଗ୍ରହଣ ପାଇଁ ଦାବି ହୋଇଛି ।

# ଶାନ୍ତି ଓ ସଦ୍‌ଭାବ ରକ୍ଷା ପାଇଁ ନବୀନଙ୍କ ପରାମର୍ଶ



**ଭୁବନେଶ୍ୱର, ୩୦।୯ (ସଂଚାର ବ୍ୟୁରୋ):** ଆଜି ଶଙ୍ଖ ଭବନ ଠାରେ ଭଦ୍ରକ ଓ ସୋନପୁର ଜିଲ୍ଲା ର ସାଂଗଠନିକ ପଦାଧିକାରୀ ଓ ନେତୃ ବୃନ୍ଦ ଙ୍କ ବୈଠକ ଅନୁଷ୍ଠିତ ହୋଇ ସଂଗଠନ କୁ ମଜବୂତ କରିବା ସମ୍ପର୍କ ରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ବୈଠକରେ ଉଦବୋଧନ ଦେଇ ଦଳ ସଭାପତି ଶ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ ବିଜେଡି ସରକାର ର ୨୪ବର୍ଷ ଶାସନରେ ରାଜ୍ୟ ର ସବୁ ଅଞ୍ଚଳ ଓ ସବୁ କ୍ଷେତ୍ରର ବିକାଶକୁ ପ୍ରାଥମିକତା ଦିଆଯାଇଥିଲା. ବିଜେପି ସରକାର ଆସିବାର ତିନି ମାସ ଭିତରେ ରାଜ୍ୟର ବିଭିନ୍ନ ଅଂଚଳରେ ସାମ୍ପ୍ରଦାୟିକ ଅଶାନ୍ତି ଓଡ଼ିଶା ର ଛବି କୁ ମଳିନ କରିଛି.ପ୍ରଥମେ ବାଲେଶ୍ୱର ପରେ ପରେ ଖୋର୍ଦ୍ଧା, ଧାମନଗର ଓ ଭଦ୍ରକ ରେ ସାମ୍ପ୍ରଦାୟିକ ଅଶାନ୍ତି ସରକାର ଙ୍କ କାର୍ଯ୍ୟଦକ୍ଷତା କୁ ନେଇ ପ୍ରଶ୍ନ ବାଚୀ ସୃଷ୍ଟି କରିଛି ବୋଲି ନବୀନ ପଟ୍ଟନାୟକ କହିଥିଲେ।

ଶ୍ରୀ ପଟ୍ଟନାୟକ କହିଲେ ଶାନ୍ତି ଓ ସଦଭାବ ଓଡ଼ିଶା ର ପରିଚୟ.ଏହାକୁ ବଜାୟ ରଖିବା ପାଇଁ ସମସ୍ତେ ଏକଜୁଟ ହୋଇ କାମ କରିବାକୁ ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।

ବିଜେଡି ସରକାର ସମୟ ରେ ଗରିବୀ ହ୍ରାସ ପାଇଁ ଅନେକ କାମ ହୋଇଛି. ଯାହା ଆଜି ସୁଫଳ ଦେଇଛି ଏବଂ ଏହା ୭୦% ରୁ କମି ଦଶ % ରେ ପହଂଚିଛି. ବିକାଶ ର ବିଭିନ୍ନ ସୂଚକଙ୍କ ରେ ଓଡ଼ିଶା ଭଲ ପ୍ରଦର୍ଶନ କରିଛି. ବିଜେଡ଼ି ସରକାର ସମୟ ର ଭଲ କାମ ବିଷୟରେ ଲୋକଙ୍କୁ ସଚେତନ କରିବା ସହ ପଦଯାତ୍ରା ସମୟରେ ବିଜେପି ର ମିଛ ଲୋକଙ୍କୁ ଜଣାଇବାକୁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥିଲେ।

ଶ୍ରୀ ପଟନାୟକ କହିଥିଲେ ଲୋକଙ୍କ ସହିତ ସମ୍ପର୍କକୁ ଅଧିକ ମଜବୁତ କରିବାକୁ ହେବ.ଏଥିପାଇଁ ଦଳ ର ପଦଯାତ୍ରା କାର୍ଯ୍ୟକ୍ରମ ଓ ସଭ୍ୟ ସଂଗ୍ରହ ଅଭିଯାନ ରେ ସକ୍ରିୟ ଭାବରେ ଅଂଶ ଗ୍ରହଣ କରିବାକୁ ଶ୍ରୀ ପଟ୍ଟନାୟକ ଦଳୀୟ କର୍ମକର୍ତ୍ତା ମାନଙ୍କୁ ପରାମର୍ଶ ଦେଇଥିଲେ।

ବିଜେଡି ର ବରିଷ୍ଠ ନେତା ଶ୍ରୀ ଦେବୀପ୍ରସାଦ ମିଶ୍ର ବୈଠକ ସଂଯୋଜନା କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଶ୍ରୀ ନିରଞ୍ଜନ ପୂଜାରୀ ,ବିଧାୟକ ଶ୍ରୀ ବ୍ୟୋମକେଶ ରାୟ ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲ,ପଦ୍ମନାଭ ବେହେରା ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ ଜଗନ୍ନାଥ ସ୍ୱାଇଁ ମଧୁ ହୋତା, ସୋନପୁରଜିଲ୍ଲା ପରିଷଦ ସଭାପତି, ପୌରପରିଷଦ ଓ ଦୁଇ ଜିଲ୍ଲା ର ବରିଷ୍ଠ ନେତୃ ମଣ୍ଡଳୀ ଅଂଶଗ୍ରହଣ କରିଥିଲେ।

# 'ସିଗ୍‌ମା ସି'ରେ ଓଡ଼ିଆ ଯୁବ ବୈଜ୍ଞାନିକ ସ୍ୱୟଂ ପ୍ରକାଶ



**ଭୁବନେଶ୍ୱର, ୩୦।୯ (ସଂଚାର ବ୍ୟୁରୋ):** ଓଡ଼ିଆ ଯୁବ ବୈଜ୍ଞାନିକ ଡ. ସ୍ୱୟଂ ପ୍ରକାଶ ଆର୍ନ୍ତଜାତିକ ଖ୍ୟାତି ସଂପନ୍ନ ବୈଜ୍ଞାନିକ ଅନୁସନ୍ଧାନ ସମ୍ମାନ ସମାଜ 'ସିଗ୍‌ମା ସି'ର ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ସ୍ୱୟଂ ପ୍ରକାଶ ଏବେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଇର୍ଭାଇନ୍ ସ୍ଥିତ ସ୍କୁଲ ଅଫ୍ ମେଡିସିନ୍‌ରେ ସହକାରୀ ପ୍ରଫେସର ଭାବେ ଗବେଷଣାରତ। ୧୮୮୬ ମସିହାରେ ଗଢ଼ାଯାଇଥିବା ସିଗ୍‌ମା ସି ହେଉଛି ବିଶ୍ୱର ସର୍ବପୂରାତନ ତଥା ବୃହତ୍ତମ ବୈଜ୍ଞାନିକ ସଙ୍ଗଠନ। ୨୦୦ରୁ ଅଧିକ ନୋବେଲ୍ ବିଜେତା ସଦସ୍ୟ ଥିବା ଏହି ସଂସ୍ଥାର ବିଜ୍ଞାନ ମାଧ୍ୟମରେ ସମାଜ ପାଇଁ ସେବା ଯୋଗାଇବା କ୍ଷେତ୍ରରେ ଦୀର୍ଘ ଇତିହାସ ରହିଛି ।

ସିଗ୍‌ମା ସି ସହିତ ଜଡ଼ିତ ନୋବେଲ୍ ବିଜେତାମାନଙ୍କ ମଧ୍ୟରେ ଆଲବର୍ଟ ଆଇନ୍‌ଷ୍ଟାଇନ୍, ଲିନସ୍ ପୁଲିଂ, ଜେମ୍ସ ୱାଟସନ୍, ଫ୍ରାନ୍‌ସିସ୍ କ୍ରିକ୍, ଜେନିଫର୍ ଡଡ଼ନା ଆଦିଙ୍କ ନାମ ବିଶେଷ ଉଲ୍ଲେଖଯୋଗ୍ୟ। ସିଗ୍‌ମା ସିର ସଦସ୍ୟତା ପାଇଁ ମିଳିଥିବା ମନୋନୟନ ଆଧାରରେ ଗବେଷଣା ତଥ୍ୟର ବିଶ୍ଳେଷଣ କରାଯାଇ ନିର୍ବାଚନ ହୋଇଥାଏ। ଲଗାତାର ୩ବର୍ଷ ଧରି ସ୍ୱୟଂ ପ୍ରକାଶ ବିଶ୍ୱର ଦୁଇ ପ୍ରତିଶତ ବୈଜ୍ଞାନିକଙ୍କ ମଧ୍ୟରେ ସ୍ଥାନ ପାଇ ଆସୁଛନ୍ତି । ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ତାଲିକାରେ ତାଙ୍କର ନାମ ରହିଆସୁଛି।

ଏବେ ଏହି ଓଡ଼ିଆ ଯୁବ ବୈଜ୍ଞାନିକ ସିଗ୍‌ମା ସି ଭଳି ୧୩୮ ବର୍ଷର ପୁରୁଣା ଆନ୍ତର୍ଜାତିକ ଗବେଷଣା ମଞ୍ଚକୁ ନିର୍ବାଚିତ ହୋଇଛନ୍ତି । କରୋନା ସମୟରେ ଟୀକା ବିକାଶ କରିବା କ୍ଷେତ୍ରରେ ତାଙ୍କର ପ୍ରମୁଖ ଅବଦାନ ରହିଥିଲା । ଏହାଛଡ଼ା ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ସେ ଯେଉଁ ବୈଜ୍ଞାନିକ ଗୋଷ୍ଠୀରେ ଗବେଷଣା କାର୍ଯ୍ୟ କରୁଛନ୍ତି ସେଥିରୁ ଯୁକ୍ତରାଷ୍ଟ୍ର ଆମେରିକା ସମେତ ବିଶ୍ୱର ବହୁ ରାଷ୍ଟ୍ର ଉପକୃତ ହେଉଛନ୍ତି।

ଭୁବନେଶ୍ୱରର ଖଣ୍ଡଗିରିସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରୁ ଓଡ଼ିଆ ମାଧ୍ୟମରେ ଶିକ୍ଷା ଆରମ୍ଭ କରିଥିବା ସ୍ୱୟଂ ପ୍ରକାଶ ଲକ୍ଷ୍ନୌର ଏସ୍‌ଜିପିଜିଆଇଏମ୍‌ଏସ୍‌ରେ ଇମ୍ୟୁନୋ ଜେନିଟିକ୍ସ କ୍ଷେତ୍ରରେ ଉଚ୍ଚତର ଗବେଷଣା କରୁଥିବା ସମୟରେ ପିଏଚ୍‌ଡି ହାସଲ କରିଥିଲେ । ବିଶ୍ୱର ଶ୍ରେଷ୍ଠ ଦୁଇ ପ୍ରତିଶତ ବୈଜ୍ଞାନିକଙ୍କ ମଧ୍ୟରେ ଲଗାତାର ୩ବର୍ଷ ଧରି ସ୍ଥାନ ପାଇବା ସହିତ ସିଗ୍‌ମା ସି ଭଳି ବୈଜ୍ଞାନିକ ଅନୁସନ୍ଧାନ ସମାଜରେ ସାମିଲ ହୋଇଥିବାରୁ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ସୁଯୋଗ ମିଳିଲେ ନିଜ ମାତୃଭୂମି ଭାରତ ବିଶେଷ

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର